# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୯/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, January 29/2025 | Page 18 | ₹ 7.00

୫୧ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 66 | ମୂଲ୍ୟ ₹୭/-




**ବରୁଣ ଚକ୍ରବର୍ତ୍ତୀଙ୍କୁ ୫ ଉଇକେଟ**

ଇଂଲଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ୫ ଉଇକେଟ ସଫଳତା ମିଳିଛି।

୧୮

୧୦

**‘ତେରେ ଇସ୍କ ମେଁ’ରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି**

ଅଭିନେତା ଧନୁଷ୍‌ଙ୍କ ଆଗାମୀ ଫିଲ୍ମ ‘ତେରେ ଇସ୍କ ମେଁ’ରେ ଅଭିନେତ୍ରୀ କ୍ରିତି ସାନନ୍ ନଜରକୁ ଆସିବେ। ମଙ୍ଗଳବାର ଏହି ଫିଲ୍ମର ଦ୍ୱିତୀୟ ଟିଜର ରିଲିଜ୍ ହୋଇଛି।



# ବିକାଶର ଶିଖର ଛୁଇଁବ ଓଡ଼ିଶା: ମୋଦି

## ‘ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫’ ଉଦ୍‌ଘାଟିତ

**ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏଭଳି ଅନୁକୂଳ ପରିବେଶ ସ୍ୱାଧୀନତା ପରେ କେବେ ବି ଦେଖିବାକୁ ମିଳି ନ ଥିଲା। ପୁଞ୍ଜିନିବେଶ ଲାଗି ଏହା ହେଉଛି ପ୍ରକୃଷ୍ଟ ସମୟ। ନିବେଶକାରୀମାନେ ଓଡ଼ିଶାରେ ନିବେଶ କରି ସଫଳତାର ନୂଆ ସୋପାନରେ ପହଞ୍ଚିପାରିବେ। ଓଡ଼ିଶା ମଧ୍ୟ ବିକାଶର ନୂଆ ଶିଖର ଛୁଇଁବ। ଏହା ‘ମୋଦି ଗ୍ୟାରେଣ୍ଟି’ ବୋଲି ଭୁବନେଶ୍ୱର ଜନତା ମଇଦାନରେ ମଙ୍ଗଳବାର ‘ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫’ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦୁଇଦିନିଆ ସମ୍ମିଳନୀର ପ୍ରଥମ ଦିବସରେ ରାଜ୍ୟ ସରକାର ଓ ବିଭିନ୍ନ କମ୍ପାନୀ ମଧ୍ୟରେ ମୋଟ ୫୪ଟି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।**



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୮।୧(ଅନିଲ ଦାସ)

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ରଖାଯାଇଥିବା ଲକ୍ଷ୍ୟର ମୂଳଦୁଆ ପଡ଼ିଛି ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ। ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଓଡ଼ିଶା ସରକାର ଏହି ଶିଳ୍ପ ସମ୍ମିଳନୀର ଆୟୋଜନ କରିଛନ୍ତି। ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବଡ଼ ବଡ଼ ଶିଳ୍ପପତି ଓ ବିଜ୍‌ନେସ୍ ଲିଡରମାନଙ୍କୁ ରାଜ୍ୟରେ ପୁଞ୍ଜିନିବେଶ

☞ ପୃଷ୍ଠା-୪

**ପୂର୍ବ ଭାରତର ବିକାଶ ଇଞ୍ଜିନ ହେବାକୁ ଯାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ**

**ପ୍ରଥମ ଦିନରେ ୫୪ ଏମ୍‌ଓୟୁ ସ୍ୱାକ୍ଷର**

**ଆଜିର ସମ୍ପାଦକୀୟ**

ସାପ କାମୁଡ଼ିଲେ ମଲ


Muthoot Finance
ଗୋଲଡ୍ ଲୋନ୍ ମେଳା
01 ଜାନୁଆରୀ ଠାରୁ 31 ମାର୍ଚ୍ଚ 2025 ପର୍ଯ୍ୟନ୍ତ
ଜିତନ୍ତୁ ₹70 ଲକ୍ଷ+ ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ଏବଂ ସୁନା ମୁଦ୍ରା^
1800 313 1212

SIKSHA ‘O’ ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

DSPL-368
ଉତ୍କର୍ଷ ଓଡ଼ିଶା
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
"ଉତ୍କର୍ଷ ଓଡ଼ିଶା"
ଯାତ୍ରାରେ ଆମ ସହିତ ଯୋଗ ଦିଅନ୍ତୁ
"ସୁଭଦ୍ରା ରୁ ମୁଦ୍ରା"
ବିଷୟରେ ଏକ ପୂର୍ଣ୍ଣାଙ୍ଗ ଅଧିବେଶନ
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସମ୍ମାନନୀୟ ଅତିଥି
ଶ୍ରୀ ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ
- ଓଡ଼ିଶାର ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଉପରେ ଶିଳ୍ପ ନେତୃବୃନ୍ଦଙ୍କ ସହ ବିଚାରପ୍ରବଣ ଆଲୋଚନା ହେବ
- ଓଡ଼ିଶାରେ ସୁଭଦ୍ରା ଉଦ୍ୟୋଗର ଭବିଷ୍ୟତକୁ ଆକାର ଦେବାପାଇଁ ହେଉଥିବା ଆଲୋଚନାର ଅଂଶ ହୁଅନ୍ତୁ
୨୯ ଜାନୁଆରୀ ୨୦୨୫ | ଅପରାହ୍ନ ୦୨:୩୦- ୦୪:୩୦
ଜନତା ମୈଦାନ, ଭୁବନେଶ୍ୱର
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
OIPR-33001/13/0061/2425

DSPL-359
ODISHA
UTKARSH ODISHA
MAKE IN ODISHA CONCLAVE'25
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
Sectoral Session
Agri and Food Processing Industry-
An Ecosystem for Sustainable and Inclusive Growth in Odisha
29 January, 2025 | 10:30 AM- 12:30 PM | Hall 3, Janata Maidan, Bhubaneswar
Panel Session
11.10 AM- 11.15 AM: Emerging Trends in Agribusiness and Opportunities in Entrepreneurship
11.25 AM- 11.35 AM: Technological Interventions in Agri-marketing- Role of digital platforms and e-market place in connecting sellers and buyers
11.35 AM- 11.45 AM: Market Access and Linkages for Odisha's Processed Foods
11.45 AM- 12.00 PM: Sustainable Food Processing: Global Trends and Best Practices
12.00 PM- 12.10 PM: Highlights on Policy initiatives of Government such as IPR/OFPP/OMSMEDP
CII Confederation of Indian Industry - National Industry Partner
INVEST IN ODISHA, INVEST IN FUTURE
Palladium Make it possible - Knowledge Partner
Session Organized By:
Department of Agriculture and Farmers' Empowerment and Micro, Small & Medium Enterprises Department, Government of Odisha
SCAN TO REGISTER | INVEST INTENTION FORM | SCHEDULE A MEETING
Or visit us at https://investodisha.gov.in/ Follow us on @InvestInOdisha /InvestOdisha
OIPR-43001/13/0013/2425



ଦିଲ୍ଲୀର ପଟ୍‌ପଡ଼ଗଞ୍ଜ ବିଧାନସଭା ଆସନରେ ଏକ ନିର୍ବାଚନୀ ରାଲିରେ କଂଗ୍ରେସ ପ୍ରାର୍ଥୀ ଅନିଲ ଚୌଧୁରୀଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ଶିଳ୍ପ କନ୍‌କ୍ଲେଭ ନବୀନଙ୍କ ଉଦ୍ୟମ ଥିଲା: ବିଜେଡି

ଭୁବନେଶ୍ୱର,୨୮।୧(ଅନିଲ ଦାସ)

ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ତେବେ ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ପାଇଁ ୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଥିଲେ ବୋଲି ବିଜୁ ଜନତା ଦଳ(ବିଜେଡି) ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଶିଳ୍ପମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ । ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗର ପ୍ରତିଶ୍ରୁତି ମିଳିଥିଲା। ସେହିପରି ୨୦୧୮ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ୪ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗର ପ୍ରତିଶ୍ରୁତି ମିଳିଥିଲା। ୨୦୨୩ରେ ପୁଞ୍ଜିନିବେଶ ଆଣିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଥିଲା ବୋଲି ସେ କହିଛନ୍ତି ।

ଏବେ ଭାଜପା ସରକାର ଏହାର ନାମ ପରିବର୍ତ୍ତନ କରିବା ପରେ ରାଜ୍ୟର ଚତୁର୍ଥ କନ୍‌କ୍ଲେଭ ଅନୁଷ୍ଠିତ ହେଉଛି।ଏହି କାର୍ଯ୍ୟକ୍ରମ ଶେଷହେବା ପରେ, ପ୍ରକୃତ ନିବେଶ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ପ୍ରତିଶ୍ରୁତି ରକ୍ଷାରେ ପୂର୍ବ ସରକାର ବିଫଳ ହୋଇଥିଲା: ଭାଜପା

ଭୁବନେଶ୍ୱର, ୨୮।୧(ସୁନିତ୍ ମିଶ୍ର)

ଦୀର୍ଘ ୨୪ ବର୍ଷର ବିଜେଡି ଶାସନରେ ଓଡ଼ିଶାର ଅଧୋଗତି ଘଟିଥିଲା ଓ ବିକାଶ ସ୍ଥାଣୁ ପାଲଟିଥିଲା ବୋଲି ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି 'ବହୁ ଆଡମ୍ବରେ ଲଘୁକ୍ରିୟା' ସଦୃଶ ବିଜେଡି ଶାସନରେ 'ବିକାଶ' କେବଳ କାଗଜ କଲମରେ ସୀମିତ ଥିଲା। 'ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ' ଜରିଆରେ ବିପୁଳ ମାତ୍ରାରେ ଟଙ୍କା ଖର୍ଚ୍ଚ କରାଯାଇଥିଲା ସତ, କିନ୍ତୁ ବିଜେଡି ସରକାର ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶକାରୀଙ୍କ ବିଶ୍ୱାସଭାଜନ ହୋଇପାରି ନ ଥିଲା। ନିବେଶକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ପୂର୍ବ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ବୋଲି ବିରଞ୍ଚି କହିଛନ୍ତି।

ବିରଞ୍ଚି ପୁଣି କହିଛନ୍ତି, ଏପରିକି ଅପାର ସମ୍ଭାବନା ଥିବା ସତ୍ତ୍ୱେ ଓଡ଼ିଶାକୁ ଶିଳ୍ପ ଶୂନ୍ୟ କରିବାର ବିରାଟ ଷଡ଼ଯନ୍ତ୍ର ରଚାଯାଇଥିଲା। ବାରମ୍ବାର ପ୍ରତାରିତ କରିଆସୁଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରକୁ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଶାସନ କ୍ଷମତା ପ୍ରଦାନ କରିଛନ୍ତି । ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଲୋକଙ୍କ ଭିତରେ ଅନେକ ଆଶା ସଞ୍ଚାର ହୋଇଛି । ମାତ୍ର ୭ ମାସରେ ପ୍ରଧାନମନ୍ତ୍ରୀଙ୍କ ୫ମ ଗସ୍ତ ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାରରେ ବିକାଶର ବେଗ ଦେଖି ବିଜେଡି ନେତୃବୃନ୍ଦ ଆଚମ୍ବିତ ହୋଇପଡ଼ିଛନ୍ତି ବୋଲି ବିରଞ୍ଚି କହିଛନ୍ତି।

# ପାର୍ଲାମେଣ୍ଟରେ ରାଜ୍ୟସ୍ୱାର୍ଥ ପ୍ରସଙ୍ଗ ଉଠାଅ

## ରାଜ୍ୟ ସଭା ସଦସ୍ୟଙ୍କୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର,୨୮।୧
(ଅନିଲ ଦାସ)

ଆସନ୍ତା ୩୧ରେ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାରୁ ସେଠାରେ ଓଡ଼ିଶା ସ୍ୱାର୍ଥସମ୍ବଳିତ ପ୍ରସଙ୍ଗ ଉଠାଇବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସଭା ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ନବୀନ ନିବାସରେ ନବୀନଙ୍କ ଅଧ୍ୟକ୍ଷତାରେ ଦଳର ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସେ କହିଛନ୍ତି, ବିଜେଡି ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱର ହେବ।

ଏହି ବୈଠକରେ ବିଜେଡି ସ୍ୱତନ୍ତ୍ର ରାଜ୍ୟପାହ୍ୟା ପାଇଁ ପୁଣି ଦାବି କରିବ ବୋଲି ଆଲୋଚନା ହୋଇଛି । ନିର୍ବାଚନୀ ଇସ୍ତାହାରରେ ଭାଜପା ଏନେଇ ଘୋଷଣା କରିଥିଲା। ହେଲେ ଏଯାଏ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲା ନାହିଁ। ଏହାଛଡ଼ା ବିଜେଡି ଦରଦାମ ବୃଦ୍ଧି ପ୍ରସଙ୍ଗ ମଧ୍ୟ ଉଠାଇବ। ଡବଲ ଇଞ୍ଜିନ ସରକାରରେ ଡବଲ ହୋଇଛି ବେକାରି ସମସ୍ୟା। ଚାଷୀଙ୍କ ପ୍ରତି ଅବହେଳା ପ୍ରସଙ୍ଗ ମଧ୍ୟ ବିଜେଡି ଉଠାଇବ। ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରିବା ସହ ପୋଲାଭରମ୍ ଓ ମହାନଦୀ ପ୍ରସଙ୍ଗ ମଧ୍ୟ ଦଳ ଉଠାଇବ। କୋଷ୍ଟାଲ ହାଇୱେ ଏବଂ ଅନୁସୂଚିତ ଜନଜାତିଙ୍କୁ ତାଲିକାଭୁକ୍ତ କରିବା ଏବଂ ହୋ, ମୁଣ୍ଡାରି, ଭୂମିଜ ଓ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ ଲାଗି ବିଜେଡି ଦାବି କରିବ। ଏହାସହ ରାଜ୍ୟରେ ମୋବାଇଲର ନେଟୱ୍ୱର୍କ କନେକ୍ଟିଭିଟି ବୃଦ୍ଧି ପାଇଁ ମଧ୍ୟ ଦାବି କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ଥିତି ଜାହିର କରିବାକୁ ବିଜେଡିର ଏଭଳି ପ୍ରୟାସ: ମନୋଜ

ଭୁବନେଶ୍ୱର, ୨୮।୧
(ସୁନିତ୍ ମିଶ୍ର)

ଓଡ଼ିଶାରେ ଯେତେବେଳେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଚାଲିଥିଲା ସେହି ସମୟରେ ବିଜେଡି ଅତ୍ୟନ୍ତ ତରବରିଆ ଭାବେ ଏହି ସମୟରେ ନବୀନ ନିବାସରେ ରାଜ୍ୟ ସଭା ସଦସ୍ୟମାନଙ୍କ ବୈଠକ କରିଛି ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, ପରିତାପର ବିଷୟ ହେଉଛି ଅପାରଗତା ପାଇଁ ଯେତେବେଳେ ରାଜ୍ୟବାସୀ ଲୋକ ସଭାରେ ବିଜେଡିର ପ୍ରତିନିଧିତ୍ୱ ଶୂନ୍ୟ କଲେ ସେହି ସମୟରେ ରାଜ୍ୟ ସଭା ସଦସ୍ୟଙ୍କୁ ଧରି ନିଜର ସ୍ଥିତି ଜାହିର କରିବାକୁ ଦଳ ଏଭଳି ପ୍ରୟାସ କରିଛି।

ମନୋଜ କହିଛନ୍ତି, ବିଜେଡି ଜାଣିରଖିବା ଉଚିତ ଯେ ଓଡ଼ିଶା ଲୋକଙ୍କୁ ବାରମ୍ବାର ଠକିବା ଫଳରେ ଓ ଯୋଗ୍ୟ ଲୋକଙ୍କୁ ପ୍ରତିନିଧି ଭାବେ ନ ପଠାଇବା ଯୋଗୁ ରାଜ୍ୟବାସୀ ତାହାକୁ ଉଚିତ ଶିକ୍ଷା ଦେଲେ। କେବେ ବି ବିଜେଡି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଲୋକ ସଭାରେ ଠିକ୍ ଭାବେ ଉପସ୍ଥାପିତ କଲାନାହିଁ। ସେଥିଲାଗି ରାଜ୍ୟବାସୀ ବିଜେଡିକୁ ଉଚିତ ଶିକ୍ଷା ଦେଲେ। ବର୍ତ୍ତମାନ ରାଜ୍ୟ ସଭା ସଦସ୍ୟଙ୍କୁ ନେଇ ଯେଉଁ ରଣନୀତି କରିଛନ୍ତି ତାହା କେବଳ ଲୋକଦେଖାଣିଆ ପ୍ରହସନ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ଲାଗି ବିଜେଡି ବୈଠକ କରିଥିବା ମନୋଜ କହିଛନ୍ତି।

# ଆଇନ ଶୃଙ୍ଖଳାକୁ ନେଇ ସରକାରଙ୍କୁ ନବୀନଙ୍କ ସମାଲୋଚନା

ଭୁବନେଶ୍ୱର,୨୮।୧(ସତ୍ୟଜିତ୍ ରାଉତ)

କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ନବୀନ କହିଛନ୍ତି, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରେ ୩ଦିନ ମଧ୍ୟରେ ପୁଣିଥରେ ଚୋରି ଉଦ୍ୟମ ହେବା ମୋତେ ବିଚଳିତ କରିଛି। କିଛିଦିନ ତଳେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ପାଇଁ ସାରା ବିଶ୍ୱରୁ ଭାରତୀୟମାନେ ଭୁବନେଶ୍ୱରକୁ ଆସିଥିବାବେଳେ ସେମାନେ ଦେଖିଲେ ଦିବାଲୋକରେ ରାଜଧାନୀ ଛାତି ଉପରେ କିପରି ବିଭତ୍ସ ହତ୍ୟାକାଣ୍ଡ ଘଟିଗଲା। ଆଉ ଏବେ ଏତେ ବଡ଼ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ହେଉଥିବା ସମୟରେ ସବୁଠୁ ସୁରକ୍ଷିତ ଗଣାଯାଉଥିବା ଅଞ୍ଚଳରୁ ଚୋରି ହେଉଥିବା ଖବର ଲୋକେ ଦେଖୁଛନ୍ତି। ବାରମ୍ବାର ଭୟଭୀତ କରୁଥିବା ଏପରି ଘଟଣାରୁ ଲାଗୁଛି, ପୋଲିସ ଏବଂ ଆଇନ ଶୃଙ୍ଖଳା ବ୍ୟବସ୍ଥା ପ୍ରତି ଅସମାଜିକ ବ୍ୟକ୍ତିମାନଙ୍କ ଆଉ ଭୟ ନାହିଁ। ବର୍ତ୍ତମାନ ଲୋକେ ଭୟରେ ରହୁଛନ୍ତି। ସେମାନଙ୍କ ଧନଜୀବନ ସୁରକ୍ଷା ପାଇଁ ପୋଲିସ ଉପରେ ଥିବା ବିଶ୍ୱାସ ଏବେ ଭାଙ୍ଗିବାକୁ ଲାଗିଛି। ଭାଜପା ସରକାର ଏହାକୁ ଗୁରୁତ୍ୱ ଦିଅନ୍ତୁ। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେଉ, ତେବେ ଯାଇ ଲୋକେ ପୁଣି ନିଜକୁ ସୁରକ୍ଷିତ ମନେ କରିବେ ବୋଲି ନବୀନ ପ୍ରକାଶ କରିଛନ୍ତି।

ସେହିପରି ଶଙ୍ଖ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ କହିଛନ୍ତି, ବର୍ତ୍ତମାନ ଅପରାଧୀମାନେ ବ୍ୟବସ୍ଥାକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଉଛନ୍ତି, ଯାହା ଅତ୍ୟନ୍ତ ସାଙ୍ଘାତିକ କଥା। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ରାଜଧାନୀର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାବେଳେ ସମ୍ଭ୍ରାନ୍ତ ଅଞ୍ଚଳରେ ଚୋରି ହେବା ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବାକୁ ଦର୍ଶାଉଛି ବୋଲି ସେ କହିଛନ୍ତି।







# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍‌

**ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)**

କିଛି ଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେ କଟକଣା ମଧ୍ୟରେ ବି ଶ୍ରୀମନ୍ଦିର ଉପରେ ବାରମ୍ବାର ଡ୍ରୋନ୍ ଉଡୁଥିବା ନେଇ ନଜରକୁ ଆସୁଛି। ଶ୍ରୀମନ୍ଦିର ନୀଳଚକ୍ର ଏବଂ ପରିକ୍ରମା ମାର୍ଗ ଓ ଏହାର ଆଖପାଖ ସ୍ଥାନରେ ମଙ୍ଗଳବାର ଅପରାହ୍ନରେପ୍ରାୟ ୨୫ ମିନିଟ ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି। ତେବେ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ କେମିତି ଡ୍ରୋନ୍ ଉଡ଼ିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ମଧ୍ୟ ଅନେକ ଥର ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଛି। ମାତ୍ର କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ବାରମ୍ବାର ଏପରି ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଚଳିତ ମାସରେ ଏପରି ଘଟଣା ୩ଥର ଦେଖିବାକୁ ମିଳିଲାଣି। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ବ୍ୟବହାର ପାଇଁ ସାଧାରଣରେ ଦାବି ହେବା ସହ ତୁରନ୍ତ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ।

## କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଏସ୍‌ପି

ଏନେଇ ଏସ୍‌ପି ଭିନୀତ୍ ଅଗ୍ରୱାଲ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଘଟଣା ନଜରକୁ ଆସିବା ପରେ ପୋଲିସ ପକ୍ଷରୁ ଡ୍ରୋନ୍‌କୁ ଜବତ କରାଯାଇଥିଲା। ପରେ ପୋଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା କରାଯାଇଛି। ସିସିଟିଭି ଫୁଟେଜ ଚେକ୍ କରାଯିବ ଓ ଅଭିଯୁକ୍ତଙ୍କ ବିରୋଧରେ ଶ୍ରୀମନ୍ଦିର ନିୟମ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି।

# ଚିକିତ୍ସା ଲାଗି ହାଇଦ୍ରାବାଦ ଏୟାରଲିଫ୍ଟ ହେଲେ ବିଶ୍ୱଭୂଷଣ



**ଭୁବନେଶ୍ୱର,୨୮।୧(ସୁନିତ୍ ମିଶ୍ର)**

ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥତା ଅନୁଭବ କରିବାରୁ ମଙ୍ଗଳବାର ହାଇଦ୍ରାବାଦ ସ୍ଥିତ ଏଆଇଜି ହସ୍ପିଟାଲ ଯାଇଛନ୍ତି। ତାଙ୍କୁ ଏୟାର ଲିଫ୍ଟ ଯୋଗେ ହାଇଦ୍ରାବାଦ ନିଆଯାଇଥିବା ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ସୂଚନା ଦେଇଛନ୍ତି। ଗ୍ୟାଷ୍ଟ୍ରୋଜନିତ ସମସ୍ୟା ହୋଇଥିବାରୁ ସେ କିଛି ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏଆଇଜି ହସ୍ପିଟାଲ ଗସ୍ତ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

# ହ୍ୱାଟ୍ସଆପ୍‌ରେ ନୋଟିସ ପଠାଇପାରିବ ନାହିଁ ପୋଲିସ

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଅନୁଯାୟୀ, ପୋଲିସ ହ୍ୱାଟ୍ସଆପ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମ ଯୋଗେ ଅଭିଯୁକ୍ତଙ୍କ ପାଖକୁ ନୋଟିସ୍ ପଠାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସିଆର୍‌ପିସିର ଧାରା ୪୧ଏ କିମ୍ବା ବିଏନ୍ଏସ୍ଏସ୍‌ର ଧାରା ୩୫ ଅଧୀନରେ ପୋଲିସ ଅଭିଯୁକ୍ତଙ୍କୁ ନୋଟିସ ପଠାଇବା ପାଇଁ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଆଇନ ଦ୍ୱାରା ଅନୁମୋଦିତ ସେବା ମାଧ୍ୟମ ଜରିଆରେ ନୋଟିସ୍ ପଠାଇବାକୁ ହେବ।

ହ୍ୱାଟ୍ସଆପ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ନୋଟିସ୍ ପଠାଗଲେ ଏହାକୁ ସିଆର୍‌ପିସି କିମ୍ବା ବିଏନ୍ଏସ୍ଏସ୍‌ରେ ସ୍ୱୀକୃତ ତଥା ନିର୍ଦ୍ଧାରିତ ମାଧ୍ୟମର ବିକଳ୍ପ ଭାବେ ବିଚାର କରାଯିବ ନାହିଁ କିମ୍ବା ସ୍ୱୀକୃତି ଦିଆଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରାଙ୍କ ପ୍ରସ୍ତାବକୁ ଗ୍ରହଣ କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସିଆର୍‌ପିସିର ଧାରା ୪୧ଏ ଅଧୀନରେ ହ୍ୱାଟ୍ସଆପ୍‌ରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ଅଭିଯୁକ୍ତ ତଦନ୍ତକାରୀ ଅଫିସରଙ୍କ ପାଖରେ ହାଜର ହେଲେ ନାହିଁ। ତେଣୁ ସିଆର୍‌ପିସି କିମ୍ବା ବିଏନ୍ଏସ୍ଏସ୍‌ର ସମ୍ପୃକ୍ତ ଧାରାକୁ ପୋଲିସ ପ୍ରଶାସନ ଅବଜ୍ଞା କରିପାରିବ ନାହିଁ ବୋଲି ଲୁଥ୍ରା କହିଥିଲେ। ସତେନ୍ଦ୍ର କୁମାର ଆଣ୍ଟିଲ୍‌ଙ୍କ ମାମଲାରେ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିଗୁଡ଼ିକ ସବୁସ୍ତରରେ କାର୍ଯ୍ୟକାରୀ ହେଉଥିବା ନେଇ ହାଇକୋର୍ଟଗୁଡ଼ିକ ପ୍ରତି ମାସରେ ଏହାର ନିର୍ଦ୍ଦିଷ୍ଟ କମିଟି ବୈଠକ ଡକାଇ ସୁନିଶ୍ଚିତ କରିବାକୁ ଖଣ୍ଡପୀଠ କହିଛନ୍ତି।

# ସୁଭଦ୍ରା ପାଇଁ ଏନ୍‌ପିସିଆଇ ବିଫଳ ହୋଇଥିଲେ ୨୯, ୩୦ରେ ବ୍ୟାଙ୍କକୁ ଯାଆନ୍ତୁ: ପ୍ରଭାତୀ

**ଭୁବନେଶ୍ୱର,୨୮।୧(ସୁନିତ୍ ମିଶ୍ର)**

ଯେଉଁ ସୁଭଦ୍ରା ଆବେଦନକାରୀଙ୍କ ଏନ୍‌ପିସିଆଇ ଫେଲ୍ୟୁଅର ହୋଇଛି, ସେମାନେ ବୁଧବାର ଓ ଗୁରୁବାର ବ୍ୟାଙ୍କ ଯିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଯାହାର ଯେଉଁ ବ୍ୟାଙ୍କରେ ଆକାଉଣ୍ଟ ଅଛି ସେମାନେ ସେହି ବ୍ୟାଙ୍କକୁ ଯାଆନ୍ତୁ। ବ୍ୟାଙ୍କ ଅଧିକାରୀମାନେ ଏହି ୨ ଦିନ ଅର୍ଥାତ୍ ଜାନୁଆରୀ ୨୯ ଓ ୩୦ରେ ଲୋକଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ୨ ଦିନ ବ୍ୟାଙ୍କଗୁଡ଼ିକ ସ୍ୱତନ୍ତ୍ର ଭାବେ ଏନେଇ ଧ୍ୟାନଦେବେ। ଏନେଇ ବ୍ୟାଙ୍କରଙ୍କ ସହ ଆଲୋଚନା ହୋଇଛି। ଯେଉଁମାନଙ୍କୁ କଲ୍ ଆସିଛି, ମେସେଜ୍ ଆସିଛି ସେମାନେ ଯାଆନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ସରକାରୀ ବାସଭବନଠାରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏନ୍‌ପିସିଆଇ ଦ୍ୱନ୍ଦ୍ୱ ଦୂରକରିବା ପାଇଁ ଆବେଦନକାରୀଙ୍କୁ ବ୍ୟାଙ୍କ ଯିବାକୁ ପଡ଼ିବ। ବ୍ୟାଙ୍କଗୁଡ଼ିକରେ ବ୍ୟାନର ଲାଗିଥିବ, ସେଠି ପହଞ୍ଚିବେ ଓ ସମସ୍ୟାର ସମାଧାନ କରିବେ। ୩ ଲକ୍ଷରୁ ଅଧିକ ମହିଳାଙ୍କ ଏନ୍‌ପିସିଆଇ ଫେଲ୍ୟୁଅର ହୋଇଛି। ଏବେ ମଧ୍ୟ ୩ ଲକ୍ଷରୁ ଅଧିକ ଏନ୍‌ପିସିଆଇ ଫେଲ୍ୟୁଅର ହିତାଧିକାରୀ ଅଛନ୍ତି। ଅଦ୍ୟାବଧି ୧ କୋଟି ୭ ଲକ୍ଷ ୨୩ ହଜାର ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮୦ ଲକ୍ଷରୁ ଅଧିକ ଆବେଦନକାରୀଙ୍କୁ ସହାୟତା ଦିଆଯାଇଛି। ସେହିପରି ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାର ୨ୟ କିସ୍ତି ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।




# ଭାଜପାର ପାଣ୍ଠି ପରିମାଣ ୭,୧୧୩ କୋଟି

**୮୫୭ କୋଟି ସହ ଦ୍ୱିତୀୟ ସ୍ଥାନରେ କଂଗ୍ରେସ**

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ଭାଜପା ପାଖରେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ପାଣ୍ଠି ଓ ବ୍ୟାଙ୍କ ବାଲାନ୍ସ ପରିମାଣ ୭,୧୧୩.୮୦ କୋଟି ଟଙ୍କା ଥିଲା। ମୁଖ୍ୟବିରୋଧୀ ଦଳ କଂଗ୍ରେସ ପାଖରେ ଥିବା ପାଣ୍ଠି ପରିମାଣ ୮୫୭.୧୫ କୋଟି ବୋଲି ନିର୍ବାଚନ କମିଶନ ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ଗତ ମାର୍ଚ୍ଚ ୧୬ରେ ଲୋକ ସଭା ନିର୍ବାଚନ ଘୋଷଣା କରାଯାଇଥିଲା। ଏଥିପାଇଁ ୨୦୨୩-୨୪ ବର୍ଷରେ ଭାଜପା ୧, ୭୫୪.୦୬ କୋଟି ଟଙ୍କା ବ୍ୟୟ କରିଥିଲା, ଯାହକି ପୂର୍ବ ବର୍ଷ ତୁଳନାରେ ୬୦% ଅଧିକ। ୨୦୨୨-୨୩ ବର୍ଷରେ ଭାଜପାର ବ୍ୟୟ ପରିମାଣ ଥିଲା ୧,୦୯୨ କୋଟି ଟଙ୍କା। ଅନ୍ୟପକ୍ଷରେ କଂଗ୍ରେସ ୨୦୨୩-୨୪ ଆର୍ଥିକ ବର୍ଷରେ ୬୧୯.୬୭ କୋଟି ଟଙ୍କା ବ୍ୟୟ କରିଥିବାବେଳେ ୨୦୨୨-୨୩ରେ ୧୯୨.୫୬ କୋଟି ଖର୍ଚ୍ଚ କରିଥିଲା। ନିର୍ବାଚନ କମିଶନକୁ ବିଭିନ୍ନ ଦଳ ଦେଇଥିବା ବାର୍ଷିକ ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ୨୦୨୩-୨୪ରେ ଭାଜପା ବର୍ତ୍ତମାନ ରଦ୍ଦ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ଜରିଆରେ ୧,୬୮୫.୬୯ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିଲା। ପୂର୍ବବର୍ଷ ଏହି ଚାନ୍ଦା ପରିମାଣ ଥିଲା ୧,୨୯୪.୧୫ କୋଟିଟଙ୍କା। ୨୦୨୩-୨୪ରେ ଶାସକ ଦଳ ଅନ୍ୟ ଉତ୍ସରୁ ୨,୦୪୨.୭୫ କୋଟି ଟଙ୍କା ପାଇଥିବାବେଳେ ପୂର୍ବବର୍ଷ ତାହା ୬୪୮.୪୨ କୋଟି ରହିଥିଲା। ସେହିପରି କଂଗ୍ରେସର ଅଡିଟ୍ ରିପୋର୍ଟ ଅନୁଯାୟୀ, ଏହି ଦଳ ୨୦୨୩-୨୪ରେ ମୋଟ ୧,୨୨୫.୧୧ କୋଟି ଟଙ୍କା ପାଇଥିଲା। ସେଥିରୁ ଚାନ୍ଦା, ଅନୁଦାନ ଓ ଅନ୍ୟାନ୍ୟ ଦାନ ପରିମାଣ ୧,୧୨୯.୬୭ କୋଟି ଟଙ୍କା। ଚାନ୍ଦା ଅର୍ଥରୁ ୮୨୮.୩୬ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଥିଲା। ଗତବର୍ଷ ଫେବୃଆରୀରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେଇଥିଲେ। ୨୦୨୩-୨୪ରେ ଭାଜପା ବିଜ୍ଞାପନରେ ମୋଟ ୫୯୧ କୋଟି ଟଙ୍କା ବ୍ୟୟ କରିଥିଲା। ସେଥିରୁ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରକାଶିତ ବିଜ୍ଞାପନ ପାଇଁ ୪୩୪.୮୪ କୋଟି ଏବଂ ଛାପା ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନ ବାବଦରେ ୧୧୫.୬୨ କୋଟି ଟଙ୍କା ବ୍ୟୟ ହୋଇଥିଲା।



# ଆଖି ବୁଜିଲା ପୋଷାହାତୀ 'ଭବାନୀ'

ବାରିପଦା,୨୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଅନ୍ୟତମ ଯୋଦ୍ଧା ପୋଷାହାତୀ 'ଭବାନୀ'ର ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳ ୬ଟା ୮ରେ ଜେନାବିଲ ରେଞ୍ଜ କାର୍ଯ୍ୟାଳୟ ପରିସର ହାତୀଘରେ ଚିକିତ୍ସାଧୀନ ଅବସ୍ଥାରେ ଭବାନୀ ଆଖି ବୁଜିଛି। ବାର୍ଦ୍ଧକ୍ୟଜନିତ କାରଣରୁ ସାଢ଼େ ୭ଫୁଟ୍ ଉଚ୍ଚତା ବିଶିଷ୍ଟ ଭବାନୀ ୬୮ବର୍ଷ ବୟସରେ ଆଖି ବୁଜିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ଶିମିଳିପାଳରେ ୧୫ଦିନ ଭିତରେ ଏହା ହେଉଛି ଦ୍ୱିତୀୟ ହାତୀ ମୃତ୍ୟୁ।

୨୦୦୧ ନଭେମ୍ବରରେ କର୍ନାଟକ ବନ ବିଭାଗରୁ ଭବାନୀକୁ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଓ ପର୍ଯ୍ୟଟନର ବିକାଶ ନିମନ୍ତେ ଅଣାଯାଇଥିଲା। ଭବାନୀକୁ ପ୍ରଥମେ ଶିମିଳିପାଳର ଅନ୍ୟ ବନ୍ଦୀ ହାତୀମାନଙ୍କ ସହ ଗୁଡ୍ଡୁଗୁଡିଆ ହାତୀ ଶିବିରରେ ରଖାଯାଇଥିଲା।


ପୋଷାହାତୀ ଭବାନୀ।

ପରେ ତାକୁ ଜେନାବିଲ ରେଞ୍ଜ୍‌କୁ ସ୍ଥାନାନ୍ତର କରାଯାଇ ଶିମିଳିପାଳର ଆଗନ୍ତୁକ ପର୍ଯ୍ୟଟକମାନଙ୍କ ନିମନ୍ତେ ନିୟୋଜିତ କରାଯାଇଥିଲା। ପର୍ଯ୍ୟଟକଙ୍କୁ ପିଠିରେ ବସାଇ ଭବାନୀ ଶିମିଳିପାଳ ଅଭୟାରଣ୍ୟ ବୁଲାଇ ପ୍ରକୃତିର ଶୋଭାରାଜିକୁ ଦେଖାଇ ଆନନ୍ଦିତ କରୁଥିଲା। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଶିକାରୀ ଓ କାଠଚୋରଙ୍କୁ ରୋକିବା ଦିଗରେ ଜଣେ ସୁରକ୍ଷା କର୍ମୀ ଭାବେ ସେ କାର୍ଯ୍ୟ କରୁଥିଲା। ଅପହଞ୍ଚ ଇଲାକାକୁ ଯାଇ ପାଟ୍ରୋଲିଂରେ କର୍ମଚାରୀଙ୍କୁ ସହଯୋଗ କରୁଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ସମୟରେ ଭବାନୀର ଉପସ୍ଥିତି ଅତ୍ୟନ୍ତ ଉଲ୍ଲେଖନୀୟ ରହିଥାଏ। ହାତୀମାନଙ୍କୁ ଜଙ୍ଗଲମୁହାଁ କରିବାରେ ନିଜର କୌଶଳ ପ୍ରୟୋଗ କରିଥାଏ। ମହିନ୍ଦ୍ରା ଓ ଭବାନୀ ଏକାଠି ରହୁଥିଲେ। ଭବାନୀ ଔରସରୁ ଗତ ୨୦୦୨ ଅକ୍ଟୋବର ୨୦ରେ ଅଣ୍ଡିରା ହାତୀ 'ରାଜକୁମାର' ଓ ୨୦୦୮ ଡିସେମ୍ବର ୧୪ରେ ମାଈ ହାତୀ 'ଶିବାନୀ' ଜନ୍ମନେଇଥିଲା। କିଛିଦିନ ଧରି ଭବାନୀ ଅସୁସ୍ଥ ହୋଇପଡ଼ିଥିବାରୁ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା ଜାରି ରଖିଥିଲେ। ବାର୍ଦ୍ଧକ୍ୟ କାରଣରୁ ତା'ର ମୋଲାର ଦାନ୍ତ ଖରାପ ହୋଇଯାଇଥିବାରୁ ଖାଦ୍ୟକୁ ଭଲ ଭାବେ ଚୋବାଇ ଖାଇପାରୁ ନ ଥିଲା। ବର୍ଷେ ହେଲା ତା'ର ପାଚନ ପ୍ରଣାଳୀ ଭଲ ଭାବେ କାର୍ଯ୍ୟ କରୁ ନ ଥିଲା। ତାକୁ ରନ୍ଧା ଘନ ଖାଦ୍ୟ ମିଶ୍ରଣ, ସିଝା ପନିପରିବା, ମଲ୍ଟି ଭିଟାମିନ ଓ କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଉଥିଲା। ତା'ର ପାଚନ ପ୍ରଣାଳୀ ଧୀରେ ଧୀରେ ଖରାପ ହେବାରୁ ମୃତ୍ୟୁ ଘଟିଥିବା ନେଇ ଆର୍‌ସିସିଏଫ୍ ଗୋଗିନେନୀ ଜଣାଇଛନ୍ତି।

# ଏନ୍‌ଏଚ୍‌ରେ ଗାଡ଼ି ଅଟକାଇ ୫ ଲକ୍ଷ ଲୁଟ୍

**ରସୁଲପୁର/କାଏମା,୨୮।୧(ରଞ୍ଜିତ ରାଉତ/ଶିବପ୍ରସାଦ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ଥାନା ବାରବାଟୀ ନିକଟ ଜାତୀୟ ରାଜପଥ(ଏନ୍‌ଏଚ୍) ନଂ.୧୬ ବାଇପାସ୍‌ରେ ମଙ୍ଗଳବାର ରାତି ୯ଟାରେ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଯାଜପୁର ବ୍ଲକ ବିଚିତ୍ରପୁର ଅଞ୍ଚଳର ବ୍ୟବସାୟୀ ବିଜେନ୍ଦ୍ର ଦାସ, ସନ୍ତୋଷ ମହାନ୍ତି ଚଣ୍ଡିଖୋଲରୁ କାମ ସାରି ଘରକୁ ଫେରୁଥିଲେ। ତାଙ୍କ କାର ନଂ.ଓଡି୩୪ଭି୧୮୭୭କୁ ବାରବାଟୀ ବାଇପାସ ରାସ୍ତାରେ ଏକ କ୍ୟାମ୍ପରରେ ଦୁଇ ଯୁବକ ଅଟକାଇଥିଲେ। ଅନ୍ୟ ଦୁଇଜଣ ଯୁବକ ୨ ବାଇକ୍‌ରେ ଆସି ଏକ ଭୁଜାଲିରେ ବ୍ୟବସାୟୀଙ୍କ କାର କାଚକୁ ଭାଙ୍ଗିବା ସହ ବନ୍ଧୁକରୁ ଗୁଳି ଚଳାଇଥିଲେ। ତାଙ୍କ ପାଖରେ ରଖିଥିବା ଟଙ୍କା ବ୍ୟାଗକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଗୁଳିଫୁଟା ଶବ୍ଦ ଶୁଣି ନିକଟରେ ଥିବା ଲୋକେ ଆସି ପୋଲିସକୁ ଖବର ଦେଇଥିଲେ। ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ପହଞ୍ଚି ତଦନ୍ତ ଚଳାଇଛନ୍ତି।




# ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

ପୁରୀ/ନୟାଗଡ଼/ଦଶପଲ୍ଲା,୨୮।୧
(ଅଜିତ୍ କୁମାର ମହାନ୍ତି/ ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ଜୁନ୍ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ସେହିପରି ଘୋଷଯାତ୍ରା ନିମନ୍ତେ ଦାରୁବିଗ୍ରହଙ୍କ ଲାଗି ପବିତ୍ର ଅକ୍ଷୟତୃତୀୟା ତିଥିରୁ ରାଜନଅର ସମ୍ମୁଖସ୍ଥ ରଥଖଳାରେ ରଥ ସଂହିତା ଅନୁଯାୟୀ ତିନିରଥ ନିର୍ମାଣ କରାଯିବ। ରଥ ନିର୍ମାଣ ପୂର୍ବରୁ ଶ୍ରୀପଞ୍ଚମୀ ଦିନ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯିବ, ଯାହାକୁ ରଥଯାତ୍ରାର ଆଦ୍ୟପର୍ବ କୁହାଯାଏ। ଫେବୃଆରୀ ୨ ତାରିଖରେ ଶ୍ରୀପଞ୍ଚମୀ ପଡୁଥିବାରୁ ସେହିଦିନ ରଥକାଠ ପୂଜା କରାଯିବ।



ଏଥିପାଇଁ ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି।

୩ଟି ଟ୍ରକ୍ ଯୋଗେ ୧୦୧ ଖଣ୍ଡ ରଥକାଠ ନୟାଗଡ଼ ଡିଭିଜନ୍ ଦଶପଲ୍ଲା ବନଖଣ୍ଡରୁ ଆସି ମଙ୍ଗଳବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିଛି। କାଠ ମଧ୍ୟରେ ୪୮ ଖଣ୍ଡ ଅସନ କାଠ ରହିଥିବା ବେଳେ ୫୩ ଖଣ୍ଡ ଧଉରା କାଠ ରହିଛି। ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ୫୧ଖଣ୍ଡ କାଠ ବଳକା ରହିଛି। ଚଳିତବର୍ଷ ରଥ ନିର୍ମାଣ ପାଇଁ ୮୧୪ ଖଣ୍ଡ କାଠ ଆବଶ୍ୟକ ରହିଛି। ଏଥିରୁ ୩୯୬ଖଣ୍ଡ କାଠ କଟକ ଖପୁରିଆରେ ଥିବା କରତକଳକୁ ଓ ୪୧୮ଖଣ୍ଡ କାଠ ପୁରୀ ରଥଖଳାକୁ ପଠାଯିବ।

ଶ୍ରୀପଞ୍ଚମୀ ପୂର୍ବରୁ ସମସ୍ତ କାଠ ରଥଖଳାରେ ପହଞ୍ଚିବା ପରେ ଅନୁକୂଳ ହେବ। ରଥକାଠ ବୋଝେଇ ଟ୍ରକ୍ ପୂଜାର୍ଚ୍ଚନା ସମୟରେ ଦଶପଲ୍ଲା ବନ ବିଭାଗର ଏସିଏଫ୍ ସତ୍ୟଜିତ କର, ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ ଓ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କ ସମେତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆବଶ୍ୟକ ହେଉଥିବା ଅବଶିଷ୍ଟ କାଠ ପର୍ଯ୍ୟାୟକ୍ରମେ ଆସି ପୁରୀରେ ପହଞ୍ଚିବ।



କୌଣସି ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହେଁ। କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠି ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର।-ଶ୍ରୀଅରବିନ୍ଦ

-ତ୍ରିବେଣୀ ଅମାବାସ୍ୟା,
ମା'ବିରଜା ଦେବୀଙ୍କ
ଜନ୍ମୋତ୍ସବ, ହଳ ନିଷେଧ



# ସାପ କାମୁଡ଼ିଲେ ମଲ

ଭାରତର ସୁପ୍ରିମ କୋର୍ଟ ବା ସର୍ବୋଚ୍ଚ ଅଦାଲତ ଦେଶରେ ବୃଦ୍ଧି ପାଉଥିବା ସାପକାମୁଡ଼ା ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କ୍ରମରେ ସୁପ୍ରିମ କୋର୍ଟ ସାପକାମୁଡ଼ା ମୃତ୍ୟୁ ହ୍ରାସ କରିବା ପାଇଁ ଦେଶର ସବୁଆଡ଼େ ସରକାରୀ ହସ୍ପିଟାଲରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି.ଆର୍.ଗଭାଇ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍ .ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶୈଳେନ୍ଦ୍ରମଣି ତ୍ରିପାଠୀଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣିକରି ସୋମବାର ୨୭ ଜାନୁଆରୀରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସବୁ ସରକାରୀ ଚିକିତ୍ସା କେନ୍ଦ୍ରରେ ମୁଖ୍ୟତଃ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ଜିଲା ହସ୍ପିଟାଲରେ ଆଣ୍ଟି ଭେନମ୍ (ସାପ ବିଷ ନିରୋଧୀ ଔଷଧ) ଓ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଲାଗି ତ୍ରିପାଠୀ ଆବେଦନ କରିଥିଲେ। ଏହାସହ ସାପକାମୁଡ଼ା ମୃତ୍ୟୁ ହ୍ରାସ କରିବା ସକାଶେ ଏକ ସ୍ୱାସ୍ଥ୍ୟ ମିଶନ ଓ ସଚେତନତା ଅଭିଯାନ ଆରମ୍ଭ କରିବାକୁ ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଉଲ୍ଲେଖନୀୟ ଯେ, ସାପ କାମୁଡ଼ାର ଉନ୍ନତ ଚିକିତ୍ସା ସେବା ଅର୍ଥାତ୍ ଆଣ୍ଟି ଭେନମ୍ ସହିତ ଅଧିକାଂଶ ସମୟରେ ପୀଡ଼ିତଙ୍କୁ ଆଇସିୟୁ କିମ୍ବା ଭେଣ୍ଟିଲେଟରରେ ରଖି ହିମୋଲିସିସ୍ ଘଟଣାରେ ଡାଏଲିସିସ୍ କରିବାକୁ ପଡ଼େ। ଏହି ସୁବିଧାକୁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ବୋଲି ସାଧାରଣରେ ବୁଝାଯାଏ। ତେବେ ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଆଣ୍ଟି ଭେନମ୍ ଓ ଉନ୍ନତ ଚିକିତ୍ସା ଅଭାବରୁ ଦେଶ ସାପକାମୁଡ଼ା ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ଭଳି ଏକ ଜନବହୁଳ ତଥା କୃଷିପ୍ରଧାନ ଦେଶରେ ସାପକାମୁଡ଼ାରେ ବର୍ଷକୁ ପାଖାପାଖି ୫୮ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବୋଲି ଇଣ୍ଡିଆନ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ତଥ୍ୟରୁ ଜଣାପଡ଼େ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁଯାୟୀ, ସାପକାମୁଡ଼ାରେ ବିଶ୍ୱରେ ବର୍ଷକୁ ପାଖାପାଖି ୧,୩୮,୦୦୦ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ସେଥିରେ ଭାରତର ମୃତ୍ୟୁ ସଂଖ୍ୟା ସବୁଠୁ ଅଧିକ।

ଭାରତର ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଗୁଜରାଟରେ ୭୦ ପ୍ରତିଶତ ସାପକାମୁଡାଜନିତ ମୃତ୍ୟୁ ଘଟୁଛି ବୋଲି ଆଇସିଏମ୍‌ଆର୍ ଦର୍ଶାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଘଟୁଥିବା ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ଭାବରେ ସରକାରୀ ସ୍ତରରେ ଘୋଷଣା କରାଯାଉନାହିଁ। ତେବେ ଜଣା ଯେ ଭାରତରେ ଏହା ଅନ୍ୟତମ ରାଜ୍ୟ ଯେଉଁଠାରେ ସାପକାମୁଡ଼ା ମୃତ୍ୟୁ ଅଧିକ। ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏମ୍‌ଏ) ତଥ୍ୟ ଅନୁଯାୟୀ ପ୍ରାୟ ୨ ହଜାରରୁ ଅଧିକ ଲୋକ ଏହି ରାଜ୍ୟରେ ୨୦୧୫ରୁ ୨୦୧୮ ମଧ୍ୟରେ ସାପକାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ଅଣ ଆନୁଷ୍ଠାନିକ ଭାବେ ଏହି ସଂଖ୍ୟା ଓଏସ୍‌ଡିଏମ୍‌ଏ ଦେଇଥିବା ତଥ୍ୟଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ସେହିଭଳି ଓଏସ୍‌ଡିଏମ୍‌ଏର ଅନ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି, ୨୦୧୮ରୁ ୨୦୨୩ ମଧ୍ୟରେ ସାପକାମୁଡାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ଓ ଏହି ସମୟ ମଧ୍ୟରେ ୪,୮୭୦ ଜଣଙ୍କର ମୃତ୍ୟୁ ଘଟିଛି। ଦେଖିବାକୁ ଗଲେ ବିଭିନ୍ନ ରାଜ୍ୟରେ ୯୦ ପ୍ରତିଶତରୁ ଅଧିକ ମୃତ୍ୟୁ ଘଟୁଛି ଗ୍ରାମାଞ୍ଚଳରେ। କାରଣ ଗ୍ରାମାଞ୍ଚଳରେ ନାଗ, ଚିତି, ରଣା ଓ ବୋଡ଼ା ଆଦି ବିଷଧର ସାପ ସମ୍ପର୍କିତ ସୂଚନା,ସତର୍କତା ତଥା ଚିକିତ୍ସା ସଚେତନତାର ଅଭାବ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ , ଅନେକ ସମୟରେ ସାପଟି ବିଷାକ୍ତ ହୋଇ ନ ଥିଲେ ମଧ୍ୟ ପୀଡ଼ିତଙ୍କ ମୃତ୍ୟୁ ଅଧିକ ଭୟ ଯୋଗୁ ଘଟିପାରେ। ଏହା ବ୍ୟତୀତ ବିଷଧର ସାପ କାମୁଡ଼ା ଘଟଣାରେ ମାତ୍ର ଏକତୃତୀୟାଂଶ ଲୋକ ଚିକିତ୍ସା ପାଇଁ ମେଡିକାଲ ଯାଉଛନ୍ତି ବୋଲି ଆଇସିଏମ୍‌ଆର୍ ତଥ୍ୟରୁ ଜଣାପଡ଼େ। ଅଧିକାଂଶ ପୀଡ଼ିତ ଅନ୍ଧବିଶ୍ୱାସ ଯୋଗୁ ତ୍ରୁଟିପୂର୍ଣ୍ଣ ଦେଶୀ ଚିକିତ୍ସା ଯଥା କ୍ୱାକ୍, ଝଡ଼ାଫୁଙ୍କା ଉପରେ ନିର୍ଭର କରୁଛନ୍ତି କିମ୍ବା ଦୈବୀ ଚିକିତ୍ସାକୁ ଆପଣାଉଛନ୍ତି। ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇବାର ସୀମିତ ସମୟ (ଗୋଲ୍ଡେନ ଆୱାର) ଗଡ଼ିଯାଉଛି, ଯାହା ପୀଡ଼ିତଙ୍କ ମୃତ୍ୟୁର କାରଣ ପାଲଟୁଛି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଏବେ ମଧ୍ୟ ରାଜ୍ୟର ପ୍ରାୟ ଅଧିକାଂଶ ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର) ଓ ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସାପକାମୁଡ଼ା ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ଅଭାବ ରହିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତି ବିଷଧର ସାପକାମୁଡାର ଚିକିତ୍ସା ପାଇଁ ଆଣ୍ଟି ସ୍ନେକ୍ ଭେନମ୍ ଅଭାବ ଥିବା ଅଭିଯୋଗ ହୁଏ। ଚିନ୍ତାର ବିଷୟ ହେଉଛି, ସାପକାମୁଡ଼ା ଘଟଣା ଗ୍ରାମାଞ୍ଚଳରେ ଅଧିକ ଘଟୁଥିଲେ ମଧ୍ୟ ଉନ୍ନତ ଚିକିତ୍ସା ବ୍ୟବସ୍ଥା ରହୁଛି ସୁଦୂର ସହରରେ। ଏଣୁ ଅତି ବିଷଧର ସାପ ଦଂଶନ କରିବା ପରେ ପୀଡ଼ିତଙ୍କୁ ସହରକୁ ପଠାଇ ଦିଆଯାଉଛି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁ ଲୋକଙ୍କ ମୃତ୍ୟୁ ହେଉଛି। ଏଣୁ ଗ୍ରାମାଞ୍ଚଳରେ କୌଣସି ବ୍ୟକ୍ତିଙ୍କୁ ସାପ କାମୁଡ଼ିଲେ ବଞ୍ଚିବାର ଆଶା କ୍ଷୀଣ। ଏଭଳି ପ୍ରଚ୍ଛଦପଟରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କେବଳ ଏକ ନିର୍ଦ୍ଦେଶ ଭାବେ ରହିଯିବାର ସବୁ ସମ୍ଭାବନା ଦେଖାଦେଉଛି। ସାପକାମୁଡ଼ା ସମ୍ପର୍କରେ ସଚେତନତା ସୃଷ୍ଟି ସହ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ପାଇଁ ରାଜନୈତିକ କିମ୍ବା ପ୍ରଶାସନିକ ମନୋବଳର ଅଭାବ ଦେଖାଯାଉଛି। ସରକାରୀ ଡାକ୍ତରଖାନା ବ୍ୟତୀତ ଘରୋଇ ଡାକ୍ତରଙ୍କୁ ମଧ୍ୟ ଏହି ଦିଗରେ ସଚେତନ କରାଯାଇ ସହଯୋଗ ଲୋଡ଼ାଯାଇପାରନ୍ତା। କିନ୍ତୁ ଯେଉଁ ମନୋବଳ ଏଭଳି କାର୍ଯ୍ୟ ହାସଲ ପାଇଁ ଦରକାର ପଡୁଛି ତାହାର ଅଭାବ ପରିଲକ୍ଷିତ ହେଉଛି। କେବଳ ନକାରାତ୍ମକ ଚିନ୍ତା ଦେବାର ଉଦ୍ଦେଶ୍ୟ ନୁହେଁ, ସାପକାମୁଡ଼ା ଭଳି ସମସ୍ୟା ପାଇଁ ବେସରକାରୀ ସଂସ୍ଥା (ଏନ୍‌ଜିଓ)ମାନଙ୍କୁ ମଧ୍ୟ ସାମିଲ କରାଯାଇ ଓଡ଼ିଶାର ପୁରପଲ୍ଲୀରେ ପରିବର୍ତ୍ତନ ଅଣାଯାଇପାରନ୍ତା। ଅଭାବ ହେଉଛି କେବଳ ରାଜନୈତିକ ଇଚ୍ଛାଶକ୍ତିର।

# ଡିଜିଟାଲ ଠକେଇ ଓ ଗିରଫଦାରି



ଶୁଭନାରାୟଣ ଶତପଥୀ

ବର୍ତ୍ତମାନ ଡିଜିଟାଲ ଠକେଇ ସହିତ ଡିଜିଟାଲ ଗିରଫଦାରି ଏକ ଭୟ ରୂପେ ଉଭା ହୋଇଛି। ଡିଜିଟାଲ ଠକେଇର ଲକ୍ଷ୍ୟ ହେଉଛି ଭୟ ଓ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବା। ଆଇନଗତ ପରିଣାମ, ଆର୍ଥିକ କିମ୍ବା ବ୍ୟକ୍ତିଗତ କ୍ଷତି ଭଳି ପରିଣାମକୁ ଭୟ କରାଇ ଜନସାଧାରଣଙ୍କୁ ବ୍ୟତିବ୍ୟସ୍ତ କରାଇ ଲକ୍ଷ୍ୟ ହାସଲ କରିବା। ତେବେ ଡିଜିଟାଲ ଗିରଫଦାରି ସେହି ଠକେଇକୁ ବୁଝାଏ ଯେଉଁଠାରେ ନକଲି ୱାରେଣ୍ଟ, ଗିରଫ ଧମକ କିମ୍ବା ଜାଲିଆତି ଡିଜିଟାଲ ଉତ୍ସରୁ ଦାବି କରାଯାଇ ବ୍ୟକ୍ତିବିଶେଷଙ୍କ ଅର୍ଥ, ତଥ୍ୟ ଆଦିକୁ ଚୋରି କରାଯାଏ। ୨୦୨୪ ମସିହାର ପ୍ରଥମ ତିନି ମାସରେ ଭାରତୀୟମାନେ ଏପରି ଠକେଇ ଯୋଗୁ ୧୨୦ କୋଟି ଟଙ୍କାର କ୍ଷତି ସହିଥିଲେ। ପ୍ରାୟତଃ ସ୍କାମରମାନେ ଆଇନ ପ୍ରବର୍ତ୍ତନ ଅଧିକାରୀ କିମ୍ବା ବିଭାଗୀୟ ଅଧିକାରୀ ବୋଲି ଦାବି କରନ୍ତି ଏବଂ ଗିରଫ ଧମକ ଦେଇ ଟଙ୍କା କିମ୍ବା ବ୍ୟକ୍ତିଗତ ସୂଚନା ଦାବି କରନ୍ତି। ଡିଜିଟାଲ ଯୋଗାଯୋଗର ବୃଦ୍ଧି ସହିତ ଏହି ପ୍ରକାରର ଠକେଇ ବା ସ୍କାମ୍ ଅଧିକରୁ ଅଧିକ ହେଉଛି ଏବଂ ଏହାର ଶିକାର ନ ହେବା ପାଇଁ ଏହାକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଯେପରି କି ଫିଶିଂ ସ୍କାମ୍ ଠକେଇକାରୀମାନେ ବ୍ୟକ୍ତିଗତ ସୂଚନା ପାଇବା ପାଇଁ ଅଫିସିଆଲ ପୋର୍ଟାଲ ଭଳି ନକଲି ୱେବ୍‌ସାଇଟ କିମ୍ବା ଇମେଲ ତିଆରି କରନ୍ତି, ଭଏସ ଫିଶିଂ ଫୋନ କଲ ବ୍ୟବହାର କରି ସ୍କାମରମାନେ ଅର୍ଥ, ତଥ୍ୟ ଆଦାୟ କରିବାକୁ ତଥା ଆଇନଗତ ପରିଣାମ ପାଇଁ ଧମକ ଦେଉଥିବା କର୍ତ୍ତୃପକ୍ଷ ଭାବରେ ଅଭିନୟ କରନ୍ତି। ଏସ୍‌ଏମ୍‌ଏସ୍ ଫିଶିଂ ଦ୍ୱାରା ନକଲି ଏସ୍‌ଏମ୍‌ଏସ୍ ଆଲର୍ଟ ପଠାନ୍ତି । ଯେପର୍ଯ୍ୟନ୍ତ ସେମାନେ ସୂଚନା କିମ୍ବା ଦେୟ ସହିତ ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି, ପ୍ରାପ୍ତକର୍ତ୍ତାଙ୍କୁ 'ତୁରନ୍ତ ଗିରଫ' ହେବାର ଚେତାବନୀ ଦିଅନ୍ତି। ସେହିପରି ରାନ୍‌ସମୱେର ସ୍କାମ୍ ଏକ ପ୍ରକାରର ମାଲୱେର୍ ଯାହା ପୀଡ଼ିତଙ୍କ ତଥ୍ୟକୁ ଓ ପ୍ରବେଶକୁ ଲକ୍ କରେ ଓ ପୀଡିତଙ୍କ ଫାଇଲଗୁଡିକୁ 'ମୁକ୍ତ' କରିବାକୁ ଦେୟ ଦାବି କରେ। ସେହିପରି ସାମାଜିକ ଇଞ୍ଜିନିୟରିଂ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କୁ ଠକିବା ପାଇଁ ଓ ଗୋପନୀୟ ସୂଚନା ପ୍ରଦାନ କରିବା ପାଇଁ ମନସ୍ତାତ୍ତ୍ୱିକ କୌଶଳ ବ୍ୟବହାର କରନ୍ତି। ଡିଜିଟାଲ ଗିରଫ ଜାଲିଆତି ପ୍ରତି ସତର୍କ ରହିବାର ଅବଶ୍ୟକତା ରହିଛି।

ଡିଜିଟାଲ ଗିରଫଦାରି ଠକେଇର ମୁକାବିଲା ପାଇଁ ସରକାରଙ୍କ ତରଫରୁ ସଚେତନତା ଅଭିଯାନ କରାଯାଉଛି। ଏହାସହିତ ଜାତୀୟ ସାଇବର ସମନ୍ୱୟ କେନ୍ଦ୍ର, ସାଇବର ଅପରାଧର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜ୍ୟଗୁଡ଼ିକ ସହିତ ସହଭାଗୀ ହୋଇଛି। ଜରୁରିକାଳୀନ ପ୍ରତିକ୍ରିୟା



ଦଳ (ସିଇଆର୍‌ଟି-ଆଇଏନ୍) ଠକେଇ କାର୍ଯ୍ୟକଳାପରେ ବ୍ୟବହୃତ ଜାଲିଆତି ଆକାଉଣ୍ଟ ଏବଂ ସିମ୍‌କୁ ଅବରୋଧ କରେ। ସେହିପରି ସତର୍କ ସୂଚନା ଏବଂ ସୂଚନା ଆଦାନପ୍ରଦାନ ଜାତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସୋସିଆଲ ମିଡିଆ ମାଧ୍ୟମରେ ନିୟମିତ ସ୍କାମ୍ ଆଲର୍ଟ ଜାରି କରାଯାଏ, ଯେଉଁଥିରେ ଜନସାଧାରଣଙ୍କୁ ସୂଚନା ଦେବା ପାଇଁ 'ସାଇବର ଦୋସ୍ତ' ନାମକ ଏକ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ। ତେବେ ନାଗରିକମାନେ ତ୍ୱରିତ ସହାୟତା ପାଇଁ ସାଇବର କ୍ରାଇମ୍ ହେଲ୍ପଲାଇନ କିମ୍ବା ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଠକେଇ ଅଭିଯୋଗ କରିପାରିବେ।

ଡିଜିଟାଲ ଗିରଫ ସ୍କାମ୍ ହେଉଛି ଏକ ଅନ୍‌ଲାଇନ ସ୍କାମ୍, ଯାହା ପୀଡ଼ିତମାନଙ୍କୁ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥର ଠକେଇ କରେ। ସ୍କାମରମାନେ ପୀଡ଼ିତମାନଙ୍କୁ ଭୟଭୀତ କରାନ୍ତି ଏବଂ ବେଆଇନ କାର୍ଯ୍ୟକଳାପ ପାଇଁ ସେମାନଙ୍କ ନାମରେ ମିଥ୍ୟା ଅଭିଯୋଗ କରନ୍ତି। ପରେ ଟଙ୍କା ଦାବି କରନ୍ତି ଏବଂ ଦେୟ ଦେବା ପାଇଁ ଚାପ ପକାଇଥାନ୍ତି। ଡିଜିଟାଲ ଗିରଫ ଦୁର୍ନୀତିରେ, ଅପରାଧୀମାନେ ଆଇନ ପ୍ରବର୍ତ୍ତନ ଅଧିକାରୀ, ଯେପରି କି ସିବିଆଇ ଏଜେଣ୍ଟ, ଆୟକର ଅଧିକାରୀ କିମ୍ବା ସୀମା ଶୁଳ୍କ ଏଜେଣ୍ଟ ଭାବରେ ଅଭିନୟ କରନ୍ତି ଏବଂ ଫୋନ କଲ୍ ମାଧ୍ୟମରେ ପୀଡିତଙ୍କ ସହ ଯୋଗାଯୋଗ ଆରମ୍ଭ କରନ୍ତି। ପରବର୍ତ୍ତୀ ସମୟରେ, ସେମାନେ ଅନୁରୋଧ କରନ୍ତି ଯେ ପୀଡ଼ିତମାନେ ହ୍ୱାଟ୍ସଆପ୍ ଏବଂ ସ୍କାଇପ ପରି ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ ଯୋଗାଯୋଗକୁ ବଦଳାନ୍ତୁ। ଏହାପରେ ଠକେଇକାରୀମାନେ ଆର୍ଥିକ ଅସଦାଚରଣ, ଟିକସ ଫାଙ୍କି କିମ୍ବା ଆଇନ ଉଲ୍ଲଂଘନ ଭଳି ବିଭିନ୍ନ କାରଣ ଦର୍ଶାଇ ପୀଡ଼ିତମାନଙ୍କୁ ଡିଜିଟାଲ ଗିରଫ ପରୱାନା ଦେଇ ଧମକ ଦିଅନ୍ତି। କେତେକ କ୍ଷେତ୍ରରେ, ଏହି ଠକମାନେ ପୀଡ଼ିତଙ୍କୁ ବିଶ୍ୱାସ ଦେବା ପାଇଁ ଏକ ପୋଲିସ ଷ୍ଟେସନ ଭଳି ବ୍ୟବସ୍ଥା ସୃଷ୍ଟି କରନ୍ତି ଓ ପ୍ରମାଣ କରିବାକୁ ଚାହାନ୍ତି ଯେ କଲ୍‌ଟି ବୈଧ। 'ସେମାନଙ୍କ ନାମ ହଟାଇବା', 'ଅନୁସନ୍ଧାନରେ ସହାୟତା କରିବା', କିମ୍ବା 'ଫେରସ୍ତଯୋଗ୍ୟ ସିକ୍ୟୁରିଟି ଡିପୋଜିଟ/ ଏସ୍କ୍ରୋ ଆକାଉଣ୍ଟ' ନାମରେ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ କିମ୍ବା ୟୁପିଆଇ ଆଇଡିକୁ ବିପୁଳ ପରିମାଣର ଟଙ୍କା ସ୍ଥାନାନ୍ତର କରିବାକୁ ବାଧ୍ୟ କରାଯାଏ। ଥରେ ପୀଡ଼ିତମାନେ ଏହାକୁ ପାଳନ କରିବା ପରେ ଏବଂ ଦେୟ ପ୍ରଦାନ କରିବା ପରେ ସ୍କାମରମାନେ ଅଦୃଶ୍ୟ ହୋଇଯାଆନ୍ତି। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରୁ ଜଣାଯାଏ ୨୦୨୩ ମସିହାରେ ୧.୫ ନିୟୁତ ଅଭିଯୋଗ ଓ ଚଳିତ ବର୍ଷ ଜାନୁଆରୀ ୧ରୁ ଏପ୍ରିଲ ୩୦ ମଧ୍ୟରେ ୦.୭୪ ନିୟୁତ ଅଭିଯୋଗ ରେକର୍ଡ ହୋଇଛି। ଇଣ୍ଡିଆନ ଏକ୍ସପ୍ରେସ୍ ରିପୋର୍ଟ ଅନୁଯାୟୀ, ୨୦୨୨ମସିହାରେ ୦.୯୬ ନିୟୁତ୍ ଅଭିଯୋଗ କରାଯାଇଥିଲା, ଯାହା ୨୦୨୧ ମସିହାରେ ରେକର୍ଡ ହୋଇଥିବା ୦.୪୫ ନିୟୁତରୁ ଉଲ୍ଲେଖନୀୟ ବୃଦ୍ଧି ଦର୍ଶାଉଛି। ତା'ଛଡା ଗତ ମେ' ମାସରେ ପ୍ରକାଶିତ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ଏକ ରିପୋର୍ଟରୁ ଜଣାଯାଏ ଯେ ଡିଜିଟାଲ ଠକେଇ ଯୋଗୁ ୧୨୦.୩ କୋଟି ଟଙ୍କା, ଟ୍ରେଡିଂ ଠକେଇ କାରଣରୁ ୧୪୨୦.୪୮ କୋଟି ଟଙ୍କା, ନିବେଶ ଠକେଇ କାରଣରୁ ୨୨୨ .୫୮ କୋଟି ଟଙ୍କା ଏବଂ ରୋମାଣ୍ଟିକ ଠକେଇ କାରଣରୁ ୧୩.୧୩ କୋଟି ଟଙ୍କାର କ୍ଷତି ହୋଇଛି।

ବିଭିନ୍ନ ଏଜେନ୍ସିରୁ ଅନେକ ରିପୋର୍ଟ ଏବଂ ସଚେତନତା ଅଭିଯାନ ସତ୍ତ୍ୱେ, 'ଡିଜିଟାଲ ଗିରଫ' ଜାଲିଆତି ଏବଂ ଚାନ୍ଦାବାଜି ଯୋଜନା ଜାରି ରହିଛି। ଏଭଳି ଠକେଇର ଶିକାର ନ ହେବାର ସର୍ବୋତ୍ତମ ଉପାୟ ହେଉଛି ସତର୍କ ରହିବା ଏବଂ ଭୟ ବିଷୟରେ ବନ୍ଧୁ ଓ ସହକର୍ମୀଙ୍କ ସହ ଖୋଲାଖୋଲି ଆଲୋଚନା କରିବା। ସନ୍ଦେହ ହେଲେ ସୂଚନା ସୁରକ୍ଷା ଦଳମାନଙ୍କ ସହାୟତା ନେବା। କୌଣସି ବାର୍ତ୍ତାଳାପରେ ଅଂଶଗ୍ରହଣ କରିବା ପୂର୍ବରୁ ବ୍ୟବହାରକାରୀମାନେ ସର୍ବଦା କଲ କରିଥିବା ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରିବା ଆବଶ୍ୟକ। ସତର୍କ ରହିବା ପାଇଁ ଆଉ କିଛି ମୌଳିକ ପଦକ୍ଷେପ ଗ୍ରହଣ କରାଯାଇପାରେ ଯେପରିକି ଫେସ୍‌ବୁକ, ଇନଷ୍ଟାଗ୍ରାମ୍ କିମ୍ବା ଗୁଗୁଲରେ ପ୍ରାୟୋଜିତ ବିଜ୍ଞାପନ ଉପରେ ସନ୍ଦେହ କରିବା ଯାହା ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମ୍‌ରେ ବିନିଯୋଗ ଗୋଷ୍ଠୀକୁ ପ୍ରୋତ୍ସାହିତ କରେ। ଲୋକମାନେ ମଧ୍ୟ ସମ୍ବେଦନଶୀଳ ଆର୍ଥିକ ସୂଚନା, ଯେପରି କି ବ୍ୟାଙ୍କ ବିବରଣୀ କିମ୍ବା ଲଗଇନ ପରିଚୟପତ୍ର ଅଜଣା ସଂସ୍ଥାକୁ ପ୍ରଦାନ କରିବା ଠାରୁ ଦୂରେଇ ରହିବା ଉଚିତ। ସେମାନେ ଅପରିଚିତ ଲିଙ୍କ୍‌ରେ କ୍ଲିକ୍ କରିବା କିମ୍ବା ଅନଧିକୃତ ଫାଇଲ ଡାଉନଲୋଡ କରିବାଠାରୁ ଦୂରେଇ ରହିବା ଶ୍ରେୟସ୍କର। ପ୍ରତିଷେଧକ ପଦକ୍ଷେପ ସ୍ୱରୂପ, ସରକାର ନିକଟରେ ଟେଲିକମ ବିଭାଗ ଦ୍ୱାରା ସଞ୍ଚାର ସାଥୀ ପଦକ୍ଷେପ ଅଧୀନରେ ଚକ୍ଷୁ ପୋର୍ଟାଲ ଆରମ୍ଭ କରିଛନ୍ତି। ସାଇବର ଅପରାଧ, ଆର୍ଥିକ ଠକେଇ, ଛଦ୍ମନାମ କିମ୍ବା ଅନ୍ୟାନ୍ୟ ଅପବ୍ୟବହାର ପାଇଁ କଲ୍, ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ ମାଧ୍ୟମରେ ଟେଲିକମ ବ୍ୟବହାରକାରୀଙ୍କୁ ପ୍ରତାରଣା କରିବା ଉଦ୍ଦେଶ୍ୟରେ ସନ୍ଦିଗ୍ଧ ଜାଲିଆତି ଯୋଗାଯୋଗ ରିପୋର୍ଟ କରିବାକୁ ଚକ୍ଷୁ ନାଗରିକଙ୍କୁ ସକ୍ଷମ କରେ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

# ପ୍ରାପ୍ତିରେ ତୃପ୍ତି



ଦେବେନ୍ଦ୍ର କର

ମଣିଷର ମନ ମସ୍ତିଷ୍କ ଅହରହ କିଛି ନା କିଛି ପ୍ରାପ୍ତି ନିମନ୍ତେ ଥାଏ ତତ୍ପର। ଗୋଟିଏ ପୂରଣ ହେଲେ ସଙ୍ଗେ ସଙ୍ଗେ ମନ ଆଢୁଆଳରେ ନୂଆ ଗୋଟିଏ ଉଙ୍କିମାରେ। ସବୁକିଛି ଚାହୁଁଥିବା ମୁତାବକ ପୂରଣ ହେଲେ ମୁଖମଣ୍ଡଳରେ ହସର ଫୁଆରା ଖେଳେ। ଦୈନନ୍ଦିନ ଜୀବନରେ ପ୍ରାପ୍ତି ମୂଳତଃ ଆମ କର୍ମ ସହ ଯୋଡ଼ିହୋଇଥାଏ। ବିଦ୍ୟାର୍ଥୀଟିଏ ନିରନ୍ତର ଅଭ୍ୟାସକରି ସଫଳତା ପ୍ରାପ୍ତକରେ। ଭକ୍ତଟିଏ ପୂଜା ଆରାଧନାକରି ଈଶରଙ୍କ ଆଶୀର୍ବାଦ ପ୍ରାପ୍ତକରେ ସେମିତି ଚାକିରି ହେଉ ବା ବେପାରରେ ପରିଶ୍ରମ ପ୍ରତିବଦଳେ ପ୍ରାପ୍ତ ହୋଇଥାଏ ଧନ ଆଉ ଖେଳାଳି ଭାଇମାନେ ବିପକ୍ଷ ଦଳକୁ ହରାଇ ବିଜୟପ୍ରାପ୍ତ କରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ପ୍ରତ୍ୟେକ ଉଦ୍ୟମ ଓ ପ୍ରୟାସ ପଛରେ ପ୍ରାପ୍ତି ମୂଳ ଲକ୍ଷ୍ୟ । ଆମ ସମାଜରେ ମୁକ୍ତହସ୍ତରେ ଦାନ ଦେଉଥିବା ଲୋକଟି ଦାନୀ ବା ଦାତା ରୂପେ ପରିଚିତ। ଆଉ ଯିଏ ଗ୍ରହଣକରେ ସେ ଉପଭୋକ୍ତା। ଆମକୁ ଯେବେ ଆବଶ୍ୟକତାଠାରୁ ଅଧିକ କିଛି ମିଳେ ତାହା ଭାଗ୍ୟର ଚମତ୍କାର ବୋଲି ଭାବିଥାଉ। ଏଠି ନିଜ ମନକୁ ମାରି କେହି ଅନ୍ୟକୁ ସୁଖ ବାଣ୍ଟେ ତ କେହି ପୁଣି ପ୍ରାପ୍ତକରି ଖୁସିରେ ହୁଏ ବିଭୋର। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଦେଖିବାକୁ ଗଲେ ଆଜି ନେବା ଲୋକଙ୍କ ସଂଖ୍ୟା ସିଂହଭାଗ ହେଲେ ଦାତାଙ୍କ ସଂଖ୍ୟା ଊଣା ଅଧିକ ମାତ୍ର। ମାଗଣା ପ୍ରାପ୍ତିର ମୋହ ସମାଜକୁ ଖୁବ୍ ଗ୍ରାସିଛି। ଯୋଉଠି ମାଗଣା ମିଳିଲା ଲୋକ ସେଇଠି ରୁଣ୍ଡ। ପୁଣି ଠେଲାପେଲା ହୋଇ ଲହୁଲୁହାଣ ପର୍ଯ୍ୟନ୍ତ କଥା ବି ଯାଏ। ମାଗଣା ପ୍ରାପ୍ତି ଆଶାରେ ଥିଲାବାଲା ଗରିବଙ୍କ ଧାଡ଼ିରେ ଛିଡ଼ାହେବାକୁ ସଙ୍କୋଚ କରେନାହିଁ। ବାସ୍ତବରେ ଅନ୍ୟଠାରୁ ପାଇବ ଅପେକ୍ଷା ଦେବାରେ ଥାଏ ନିଆରା ଆନନ୍ଦ। ସେ ତୃପ୍ତିରେ ଭରି ରହିଥାଏ ଆନ୍ତରିକ ଭଲ ପାଇବା ସହ ଶୁଭ କାମନା। ଯିଏ ମୁକ୍ତ ମନରେ ବାଣ୍ଟି ଚାଲେ ତା'ର ଆଦର ପ୍ରଶଂସା କାହିଁରେ କେତେ। ଦାତାଙ୍କ ନିକଟରେ ଗ୍ରହଣ କରିଥିବା ଲୋକଟି ସବୁକାଳେ ରହିଥାଏ କୃତଜ୍ଞ। ନିଃସ୍ୱାର୍ଥ ମନରେ ପ୍ରଦାନ କରାଯାଉଥିବା ସାହାଯ୍ୟ ହିଁ ବାସ୍ତବ ଦାନ । ଏଥିନିମନ୍ତେ ଧନ ଅପେକ୍ଷା ମନର ଆବଶ୍ୟକତା ଖୁବ୍ ଅଧିକ। ଜଣେ ଯେବେ ଦୃଢ଼ ମନରେ ଅନ୍ୟର ଆଶା ଆକାଂକ୍ଷା ପୂରଣ କରିବାକୁ ଆଗେଇ ଆସିବ ଅସମ୍ଭବ ବି ସମ୍ଭବ ହେବ। ବର୍ତ୍ତମାନର ମଣିଷ ଯାହା କିଛି କାର୍ଯ୍ୟକରେ ଏହା ପଛରେ ପ୍ରାପ୍ତି ମୂଳ ଲକ୍ଷ୍ୟ ଥାଏ। ଦାନ ଦେଇ କେହି ପ୍ରଶଂସା ପାଇବାକୁ ବ୍ୟାକୁଳ ତ କେହି ଅନ୍ୟକୁ ସହାୟତା ପ୍ରତିବଦଳେ ମୂଲ୍ୟ ଚାହିଁ ବସେ। ଆଜି ଯିଏ ଆମକୁ ଦେଲା ସେ ହୋଇଗଲା ଆମ ପାଇଁ ଭଲ ମଣିଷ, ଆଉ ଯିଏ ନ ଦେଲା ସେ ଆମ ଦୃଷ୍ଟିରେ ଦୁର୍ବଳ ଆଉ ଅଯୋଗ୍ୟ। ବର୍ତ୍ତମାନ ରକ୍ତସମ୍ପର୍କରେ ବି ଦେବା ନେବାର ଅନୁପ୍ରବେଶ ହୋଇସାରିଛି। ଦିନେ ସମ୍ପର୍କର ମୂଳସୂତ୍ର ଥିଲା ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। ସମୟ ବଦଳିବା ପରି ବଦଳିଲା ଏହାର ସୂତ୍ର। ଯାହା ପାଖରେ ଆଜି ଧନ ବେଶି ତା'ର ଲୋକ ସମ୍ପର୍କ ସେତେ ଅଧିକ।

ଶାସ୍ତ୍ର କୁହେ, ଦାନଧର୍ମ କରି ଯିଏ ଅନ୍ୟର



ସୁଖଦୁଃଖରେ ସାହା ହୁଏ ଈଶ୍ୱର ତା'ର ସବୁ ମନସ୍କାମନା ପୂର୍ଣ୍ଣକରନ୍ତି। ଖାଲି ଯେ ଟଙ୍କା ପଇସା ବାଣ୍ଟୁଥିବା ଲୋକଟିର ଗୁଣଗାନ ହୁଏନି ବରଂ ସ୍ନେହଶ୍ରଦ୍ଧା ବାଣ୍ଟି ହସମଜା କଥା କହୁଥିବା ଲୋକଟି ସଭିଙ୍କର ପ୍ରିୟ ହୋଇଥାଏ। ହୃଦୟବାନ୍ ମାଲିକ ଜଣକ ସ୍ନେହ ଆଦର ବାଣ୍ଟି, ସୁଖଦୁଃଖରେ ସାହା ହୋଇ ନିଜ କର୍ମଚାରୀଙ୍କ ମନ ଜିଣିଥାଏ। ରାଜନୈତିକ ଦଳ ଜନତାଙ୍କ ପାଇଁ ବିଭିନ୍ନ ଲୋଭନୀୟ ସ୍କିମ୍ ଜରିଆରେ ମନ ଜିଣନ୍ତି। ନିକଟ ଦିନରେ ବିଭିନ୍ନ ରାଜନୈତିକ ଦଳ ମାଗଣାରେ ପାଣି, ବିଦ୍ୟୁତ୍, ରାଶନ ଓ ନଗଦ ରାଶି ପ୍ରଦାନକରି ଶାସନ ଗାଦି ହାତେଇଥିବା ନଜର ରହିଛି। ଯେଉଁ ଦଳ ଯେତେ ଅଧିକ ଲୋଭନୀୟ ସ୍କିମ୍ ଆଣିଲା ସେ ହୋଇଗଲା ଜନତାଙ୍କ ପ୍ରିୟ ସରକାର। ଆଜିର ଦେବା ବ୍ୟବସ୍ଥା ପଛରେ ସ୍ୱାର୍ଥ ଯାଡ଼ିହୋଇଛି। ଲୋକ ମାଗଣା ପ୍ରାପ୍ତିକରି ପ୍ରିୟ ସରକାରର ଗୁଣଗାନ ତ କରନ୍ତି ହେଲେ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର କି ପ୍ରକାର କୁପ୍ରଭାବ ପଡୁଛି ତାହା ସାଧାରଣ ଲୋକଟି ମଗଜରେ ନାହିଁ। ସ୍ୱାର୍ଥ ସାଧନ ଲକ୍ଷ୍ୟରେ ଦିଆଯାଉଥିବା ଦାନ ବାସ୍ତବରେ ଏକ ବ୍ୟବସାୟ ପ୍ରକ୍ରିୟାର ଅଂଶ। ଲୋକ ଦେଖାଣିଆ ବାଣ୍ଟିବା ଆଉ ପାଞ୍ଚଲୋକ ଆଗରେ ଗାଇବା ଏହା କେବଳ ଆତ୍ମଗର୍ବୀର ପରିଚୟ ଦିଏ। ପୁରାଣ ପୃଷ୍ଠାରେ ଯେବେ ଦାନୀଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଏ ତେବେ ଅଙ୍ଗ ଦେଶର ନରେଶ କର୍ଣ୍ଣ, ଦୈତ୍ୟରାଜ ବଳୀ, ପୁରୁବଂଶଜ ଉସନୋର୍‌ର ମହାରାଜ ଶିବି ଏବଂ ରାଜା ହରିଶ୍ଚନ୍ଦ୍ରଙ୍କ ନାମ ସର୍ବାଗ୍ରେ ସ୍ଥାନିତ ହେବ। ସେମିତି ମହାଭାରତରେ ବେଲାଳସେନ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ ପୂର୍ବରୁ ମସ୍ତକ ଦାନକରି ମହାନତା ଦେଖାଇଥିଲେ। ଏକଲବ୍ୟ ଗୁରୁ ଦ୍ରୋଣଙ୍କୁ ଦକ୍ଷିଣା ସ୍ୱରୂପ ନିଜ ଆଙ୍ଗୁଠି ଛେଦନକରି ଅର୍ପଣକରିଥିଲେ। ଏହି ମହାନ୍ ବ୍ୟକ୍ତିମାନେ କେବଳ ଈଶ୍ୱରଙ୍କ ଆଜ୍ଞା ପାଳନ କରିନାହାନ୍ତି ବରଂ ଈଶ୍ୱରଙ୍କୁ ପ୍ରାପ୍ତ କରିଛନ୍ତି। ଈଶ୍ୱର ଲୋକଦେଖାଣିଆ ଦାନ ଦକ୍ଷିଣା କି ପ୍ରଚାରରେ ନୁହେଁ ବରଂ ନିଷ୍ଠାଭକ୍ତିରେ ପ୍ରସନ୍ନରେ ହୋଇଥାନ୍ତି। ଅନ୍ୟର ମନ ଜିଣିବାକୁ ଟଙ୍କା ପଇସା ନୁହେଁ ବରଂ ମନ ବଡ଼ ହେବା ଆବଶ୍ୟକ।

ଦୀନଦୁଃଖୀ ଅସହାୟଙ୍କୁ ଦାନ ଦେବା ଉତ୍ତମ ତଥା ମହତ କାର୍ଯ୍ୟ, କିନ୍ତୁ ତାହା ବିନା ଅହଂକାର ଓ ପ୍ରତିଦାନର ଆଶା ନ ରଖି । ଦେବା ହିଁ ଦେବତାଙ୍କ ଗୁଣ। ଆମ ସନାତନ ଧର୍ମରେ ଦେବତାମାନେ ଆମକୁ ଦେବା ଶିଖାନ୍ତି। ଦୁନିଆକୁ ଖାଲି ହାତରେ ଆସିଛୁ ଆଉ ଦିନେ ଖାଲି ହାତରେ ଲେଉଟି ଯିବା। ଯେତେ ସଞ୍ଚିଲେ ସାଇତିଲେ କି ଲାଭ। ପ୍ରାପ୍ତ କରିବାର ଖୁସି ତୁଳନାରେ ଦେବାରେ ଥାଏ ଭିନ୍ନ ଖୁସି । କେବଳ ଖୁସି ନୁହେଁ ଆଶୀର୍ବାଦ ପ୍ରାପ୍ତ ହୁଏ। ବ୍ୟକ୍ତି ଯେତେ ଅଧିକ ଉଚ୍ଚ ଶିଖରକୁ ଛୁଇଁଲେ ସୁଦ୍ଧା ଶାନ୍ତ ଏବଂ ନମ୍ରତା ପ୍ରଦର୍ଶନକରି ଅନ୍ୟ ପାଇଁ ଜିଇଁବା ଶିଖୁ। ଦାନ ଆପଣଙ୍କୁ ଜୀବନର ଅନେକ ସମସ୍ୟାରୁ ମୁକ୍ତି ଦେଇପାରେ। ବ୍ୟକ୍ତି ଉଭୟ ଶାରୀରିକ ଓ ମାନସିକ ଶାନ୍ତି ପ୍ରାପ୍ତ କରି ସକାରାତ୍ମକ ଦୃଷ୍ଟିରେ ସବୁ କାର୍ଯ୍ୟ କରିବାକୁ ପ୍ରୟାସକରେ। ଦାତାଙ୍କ ଦାନ ପ୍ରକ୍ରିୟା ଜାରିରହୁ, ଯୋଗ୍ୟ ବ୍ୟକ୍ତିମାନେ କେହି ବି ବାଦ୍ ନ ପଡ଼ନ୍ତୁ।

**ମଙ୍ଗଳାବାଗ, କଟକ**
**ମୋ: ୯୯୩୭୯୬୩୯୧୦**

## ଏଇ ଭାରତରେ

ବୈଜ୍ଞାନିକ ଡ. କଣ୍ଡାସାମି ସର୍ବଣମ ଚାକିରି ଛାଡ଼ି ବର୍ତ୍ତମାନ ସଜନା ଚାଷ କରୁଛନ୍ତି। ତାମିଲନାଡୁ ତିରୁପୁର ଜିଲା ସୋମନକୋଟାଇ ଗାଁରେ ଏହି ଚାଷ କରୁଛନ୍ତି ୫୪ ବର୍ଷୀୟ ସର୍ବଣମ। ସେ ସଜନା ଶାଗ ଗୁଣ୍ଡ ଓ କ୍ୟାପ୍‌ସୁଲ ପ୍ରସ୍ତୁତ କରି ତାହାକୁ ଆମେରିକା, କାନାଡା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବିକ୍ରି କରୁଛନ୍ତି। ପୂର୍ବରୁ ସର୍ବଣମଙ୍କ ପରିବାର ସଜନା ଛୁଇଁ ଉତ୍ପାଦନ କରୁଥିଲେ। ତାହା ସମୟକ୍ରମେ ଲାଭଦାୟକ ନ ହେବା ଯୋଗୁ ସର୍ବଣମ ଶାଗରୁ ବିଭିନ୍ନ ଉପାଦାନ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ସେ ସଏଲ୍ ସାଇଣ୍ଟିଷ୍ଟ ଭାବେ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଚାକିରି ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସେ ଏହି ଚାଷ କରୁଛନ୍ତି। ସବୁ ଖର୍ଚ୍ଚ ବାଦ୍ ଏବେ ସେ ମାସକୁ ୪୦ହଜାର ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜାନୁଆରୀ ୧୯୭୬

- ଭୁବନେଶ୍ୱରରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆକାଶବାଣୀର ବହୁମୁଖୀ ସହାୟକ ଷ୍ଟୁଡିଓ ଉଦ୍‌ଘାଟିତ।
- ମହାରାଷ୍ଟ୍ରର ଗୃହନିର୍ମାଣ ଓ ଆଇନ ବିଭାଗ ମନ୍ତ୍ରୀ ଏ.ଆର୍.ଆନ୍ତୁଲେଙ୍କୁ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରୂପେ ନିଯୁକ୍ତି ପ୍ରଦାନ।
- ରାଜ୍ୟସଭାର ସଦସ୍ୟ ଭି.ଭି. ସ୍ୱାମୀନାଥନ ଡିଏମ୍‌କେ ଦଳରୁ ଇସ୍ତଫା ଦେଇ ଆନ୍ନାଡିଏମ୍‌କେ ଦଳରେ ଯୋଗ ଦେଇଛନ୍ତି।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | | | | | | 4 |
| | | 2 | | | 4 | | | 8 |
| | | 4 | | 3 | | | | |
| | | | | 7 | 2 | | | |
| | | 8 | | | | | 4 | 5 |
| 4 | | | | | | | | 3 |
| | | | | | | | | |
| | 9 | 6 | | | 1 | | | |
| 7 | 8 | 3 | 6 | | | | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 4 | 7 | 9 | 1 | 2 | 5 |
| 2 | 7 | 5 | 8 | 3 | 1 | 6 | 4 | 9 |
| 4 | 9 | 1 | 6 | 2 | 5 | 3 | 8 | 7 |
| 6 | 5 | 9 | 2 | 8 | 3 | 7 | 1 | 4 |
| 1 | 2 | 7 | 9 | 5 | 4 | 8 | 3 | 6 |
| 3 | 4 | 8 | 1 | 6 | 7 | 9 | 5 | 2 |
| 9 | 1 | 3 | 7 | 4 | 2 | 5 | 6 | 8 |
| 5 | 8 | 2 | 3 | 9 | 6 | 4 | 7 | 1 |
| 7 | 6 | 4 | 5 | 1 | 8 | 2 | 9 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜନଗଣନାରେ ବିଳମ୍ବ କାହିଁକି

ମହାଶୟ,

୨୦୨୧ ଜନଗଣନା ୨୦୨୬ରେ ଅନୁଷ୍ଠିତ ହେବା ନେଇ ଚର୍ଚ୍ଚା ଲାଗି ରହିଥିଲା ବେଳେ ଏ ନେଇ କୌଣସି ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ଜନଗଣନା ଆରମ୍ଭ ନେଇ କୌଣସି ପ୍ରାକ୍ ସୂଚନା ଏପର୍ଯ୍ୟନ୍ତ ମିଳିଲା ନାହିଁ। ଗୋଟିଏ ଦେଶର ବିସ୍ତୃତ ଜନଗଣନା ରିପୋର୍ଟ ନୀତି ନିର୍ଦ୍ଧାରକମାନଙ୍କୁ ବିଭିନ୍ନ ଜନହିତକର ଯୋଜନା, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ଇତିମଧ୍ୟରେ ୪ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଦେଶରେ ଜନଗଣନା ହୋଇନାହିଁ କି ପ୍ରସ୍ତୁତ ମଧ୍ୟ ଆରମ୍ଭ ହୋଇନାହିଁ। କେବଳ ଭାରତ ନୁହେଁ, ମହାମାରୀ କରୋନା ଯୋଗୁ ୨୦୨୪ ମସିହା ଜୁନ୍ ସୁଦ୍ଧା ବିଶ୍ୱର ୪୪ଟି ରାଷ୍ଟ୍ର ଜନଗଣନା କରିପାରିନାହାନ୍ତି। ସେହିପରି ଯୁଦ୍ଧ, ଅର୍ଥନୈତିକ ସଙ୍କଟ ଏବଂ ଆଭ୍ୟନ୍ତରୀଣ ଦଙ୍ଗା ଯୋଗୁ ୟେମେନ, ସିରିଆ, ଆଫଗାନିସ୍ତାନ, ମ୍ୟାନ୍‌ମାର, ୟୁକ୍ରେନ, ଶ୍ରୀଲଙ୍କା ଏବଂ ଆଫ୍ରିକାରେ ଜନଗଣନା ସ୍ଥଗିତ ରହିଛି। ଏହା ସତ୍ୟ ଯେ, ଦେଶରେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି ଜୋର ଧରିଥିବା ବେଳେ ଜନଗଣନା ବିଳମ୍ବିତ ହେବାର କାରଣ ବୁଝାପଡୁନାହିଁ। ଜନଗଣନାରୁ ହିଁ ଲୋକଙ୍କ ଆୟ, ପରିବାରର ସ୍ୱଚ୍ଛଳତା, ନିଯୁକ୍ତି, ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଥାଏ। ତେଣୁ ଜନଗଣନାରେ ଆଉ ବେଶି ବିଳମ୍ବ ହେବା ଅନୁଚିତ।

**-ସୌଭାଗ ରଞ୍ଜନ ମହାନ୍ତି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-363

ODISHA
NEW OPPORTUNITIES

CII
Confederation of Indian Industry

MAKE IT SAMRUDDHA

The Utkarsh Odisha – Make in Odisha Conclave 2025 concludes today with a momentous ceremony led by the Hon'ble Chief Minister. As he felicitates 60 exceptional entrepreneurs under the age of 40, recognizing their potential as the next generation of Odia industry leaders, this event heralds the dawn of a new era in industrial development.



Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

"Odisha is poised to take-off on a path of rapid industrial development with the help of responsive governance, progressive policies, and world class infrastructure.
Yahi Samay Hai. Sahi Samay Hai."




OIPR-14005/13/0044/2425

Utkarsh Odisha Valedictory Session with
Shri Mohan Charan Majhi, Chief Minister Odisha at 6:30 PM

Today 29 January 2025

- Skilled in Odisha
- IT/ITeS, Data Centres and ESDM
- Textiles and Apparel
- Circular Economy
- Agri Industry & Food Processing
- Tourism Development
- Healthcare, Pharma & Biotechnology
- Film & Media
- Editors Roundtable
- Industrial Infrastructure
- Women Business Leaders' Round Table
- Valedictory

VENUE: Janata Maidan Bhubaneswar

BECOME A PART OF THE "SAMRUDH ODISHA 2036" JOURNEY

INVEST IN ODISHA, INVEST IN FUTURE

**ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ**

ବ୍ରହ୍ମଗିରି,(ସ୍ୱାଧୀନ ଚମ୍ପତିରାୟ)-କୃଷ୍ଣପ୍ରସାଦ ବ୍ଲକ ଅଧୀନ ପଣସପଦାସ୍ଥିତ ହରିଶ୍ୱର ଦେବ ଧନ୍ଦାମୂଳକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ପୁରୀ ଜିଲା ଆଞ୍ଚଳିକ ପରିବହନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ଶରତ କୁମାର ସାହୁ ସଭାପତିତ୍ୱ କରିଥିଲେ। ସଭାରେ ରଞ୍ଜିତ ସାମଲ, ଦୟାନାଦ ନାୟକ, ଜଗତନ୍ଦ ପ୍ରଧାନ, ସ୍ଥାନୀୟ ପୋଲିସ ଓ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇ ଜାତୀୟ ରାଜପଥରେ ଗାଡ଼ିଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧।୨୦୨୫

| ୫,୩୬,୨୬୧ ଟଙ୍କା | |
|---|---|
| ସୁନା | ୭.୨୦୦ ଗ୍ରାମ୍ |
| ରୁପା | ୫୨.୮୦୦ ଗ୍ରାମ୍ |

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫାଇଲ୍ ଗାଏବ

ଅସ୍ତରଙ୍ଗ,୨୮।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ବ୍ଲକ ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନର ସାମାଜିକ ସମୀକ୍ଷା, ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା, ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ଉପାଧକ୍ଷ ଦୁର୍ଜୟ ମିଶ୍ର, ସାମାଜିକ ସମୀକ୍ଷକ ପ୍ରମୁଖ ଉପସ୍ଥିତ ଥିବାବେଳେ ସଭାଗୃହ ମଧ୍ୟରେ ଆଲୋଚନାରେ ୪ଟି ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷା ଉପରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କିଛି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫାଇଲ୍ ଗାଏବ ହୋଇଥିବା ଜଣାପଡ଼ିଛି।

ଉପଜିଲାପାଳ ରାଜକିଶୋର ଜେନାଙ୍କ କହିବା ଅନୁଯାୟୀ, ନଗର, ନୂଆଗଡ଼, ଶିଶୁଅ ଆଦି ଅନେକ ସ୍ଥାନରେ ସିଟିଜେନ ବୋର୍ଡ ଲାଗିନାହିଁ, କିଛି ଫାଇଲ୍ ମିସିଂ ହୋଇଛି। କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଫାଇଲ୍ ହସ୍ତଗତ କରିବାକୁ ନଚେତ କାରଣ ଦର୍ଶାଅ ନୋଟିସ ସହ ତତ୍‌କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଫାଇଲ୍ ଦାଖଲ କରିବାକୁ ଚିଠି କରାଯିବ। ପିଇଓ, ଜିଆର୍‌ଏସ୍ ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଅଧିକାଂଶ ପଞ୍ଚାୟତରେ ହୋଇଥିବା କାମଗୁଡ଼ିକର ଠିକ୍ ସୂଚନା ମିଳିପାରୁ ନ ଥିଲା। ଅନ୍ୟପଟେ ସଭା ଆରମ୍ଭରୁ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଅଭିଯୋଗ କରିଥିଲେ, ଜନଶୁଣାଣି ସମ୍ପର୍କରେ ଲୋକପ୍ରତିନିଧିଙ୍କୁ ଠିକ୍ ସମୟ ପୂର୍ବରୁ ଜଣାଯାଉ ନାହିଁ। ଫଳରେ ଜନଶୁଣାଣି ଶିବିରରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକଙ୍କ ସମେତ ୨ରୁ ୩ଜଣ ପଛରେ ପହଞ୍ଚି ସାମିଲ ହୋଇଥିଲେ।

### ଜନଶୁଣାଣି ସମ୍ପର୍କରେ ଅବଗତ ନାହାନ୍ତି ଲୋକପ୍ରତିନିଧି

ଏ ନେଇ ଛୁରିଆନା ପଞ୍ଚାୟତ ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ହେବ ବୋଲି ବିଡିଓ ଅବଗତ କରାଉନାହାନ୍ତି। ଜନଶୁଣାଣି ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇ ନାହିଁ, ଫଳରେ ଅଭିଯୋଗକାରୀ ଆସିପାରି ନ ଥିଲେ। ଏହାକୁ ନେଇ ଉପଜିଲାପାଳ ରାଜକିଶୋର ଜେନା କ୍ଷୋଭ ପ୍ରକାଶ କରିବା ସହିତ ଏହାର ପୁନରାବୃତ୍ତି ନ ହେବା ନେଇ ସତର୍କ କରାଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ଜନଶୁଣାଣି ପୂର୍ବରୁ କର୍ମଶାଳା କରାଯିବ, ସମସ୍ତଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ଜେନା ପରାମର୍ଶ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ଜଗଦୀଶ



@ ପ୍ରଦୀପ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ୧୮ ଜଣଙ୍କୁ ସମ୍ବର୍ଦ୍ଧନା

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସଫ୍ଟବଲ୍ କୋଚ ରାଜକିଶୋର ପଟ୍ଟନାୟକ, କ୍ରୀଡ଼ାବିତ୍ ମୃଣ୍ମୟୀ ଦାଶ, ଲକ୍ଷ୍ମୀନାରାୟଣ ମହାପାତ୍ର, ଅଂଶୁମାନ କର, ଅର୍ଚ୍ଚନା ପ୍ରଧାନ, ଅମର ଜ୍ୟୋତି ବଳିୟାରସିଂ, ସୌମ୍ୟରଞ୍ଜନ ସ୍ୱାଇଁ, ଶୁଭମ ବିଶ୍ୱାଳ, ମୌସୁମୀ ଦାସ, ଆରାଧ୍ୟା ଶତାକ୍ଷୀ ମିଶ୍ର, ରୁଦ୍ରାଦିତ୍ୟ ନାୟକ, ଆୟୁଷ୍ମାନ୍ ମିଶ୍ର, ଆୟୁଷ ଗୌଡ଼, ମା' ଭୈରବୀ ସ୍ୱୟଂସହାୟକ ଗୋଷ୍ଠୀର ସମ୍ପାଦିକା ମମତାରାଣୀ ପାଇକରାୟ, ଅଙ୍ଗନୱାଡି କର୍ମୀ ବିଜୟଲକ୍ଷ୍ମୀ ସ୍ୱାଇଁ, ସଫେଇ କର୍ମଚାରୀ ଅର୍ଜୁନ ନାଏକ ଏବଂ ଚାରୁ ଦେଇଙ୍କୁ ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### 'ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଆସ୍ଥା ରହିବା ଜରୁରୀ'

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଗଣତାନ୍ତ୍ରିକବ୍ୟବସ୍ଥା ପ୍ରତିଆସ୍ଥା ରହିବା ଜରୁରୀ ବୋଲି ପୁରୀ ଫାର୍ମାସୀ ମହାବିଦ୍ୟାଳୟରେ ରବିବାର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅଧକ୍ଷ ଡ. ଅମୀୟକାନ୍ତ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି କହିଥିଲେ। ନିର୍ଦ୍ଦେଶକ ସନ୍ତୋଷ ମହାପାତ୍ର, ଗଣେଶ କୁମାର ଦାଶ, ଉପାଧକ୍ଷ ସଞ୍ଜୟ କୁମାର ନାୟକ ଓ ସମ୍ପାଦକ ରୋଜା ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ। ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର ଓ ସଂଯୁକ୍ତା ମିଶ୍ର ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ପ୍ରସନ୍ନ କୁମାର ନାୟକ, ସମ୍ପାଦକ ପୁରୁଷୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଘୋଡ଼ାବଜାର ସରସତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାବିତ ଡ. ପ୍ରମୋଦ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାଜ କୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଭିମନ୍ୟୁ, ଭୂୟାଁ, ସମ୍ପାଦକ ଅରବିନ୍ଦ ଶତପଥୀ, ସଦସ୍ୟା ସନ୍ତୋଷିନି ନାୟକ ଓ ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଉପସ୍ଥିତ ଥିଲେ। ବେଳାଭୂମି ମାର୍ଗସ୍ଥିତ ସାଇ ସ୍ମାର୍ଟ ସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ସରିତା ଦେବୀ ପତାକା ଉତ୍ତେଳନ କରିଥିଲେ। ଜନଶିକ୍ଷଣ ସଂସ୍ଥାନ, ପୁରୀ କାର୍ଯ୍ୟାଳୟରେ ଜିଲା ଉନ୍ନୟନ ପରିଚାଳକ (ନାବାର୍ଡ) ସସ୍ମିତା ପୃଷ୍ଟି ପତାକା ଉତ୍ତୋଳନ କରିଥିବାବେଳେ ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର, ସହକାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋଚନା ପର୍ଯ୍ୟନ୍ତ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରାଯାଉ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)



ଜିଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ତରଫରୁ ମଙ୍ଗଳବାର ଟିପିସିଓଡିଏଲ୍ ନିର୍ବାହୀଯନ୍ତ୍ରୀଙ୍କୁ ଭେଟି ବିଦ୍ୟୁତ୍ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଲୋକଙ୍କ ଘରେ ବିନା ଅନୁମତିରେ ସ୍ମାର୍ଟ ମିଟର ବସାଇବା, ଆଭରେଜ ବିଲ୍ ଦେବା, ମିଛ ମିଟର ଟାମ୍ପରିଂ କହି ଜରିମାନା ପକାଇବା ଆଦି ସମସ୍ୟାକୁ ନେଇ ସୁରକ୍ଷା ମଞ୍ଚର ଏକ ୧୫ଜଣିଆ କମିଟି ଟିପିସିଓଡିଏଲ୍ ନିର୍ବାହୀଯନ୍ତ୍ରୀଙ୍କୁ ଭେଟିଥିଲେ। ଜିଲା ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚର ପ୍ରସ୍ତାବକ୍ରମେ ଖୁବ୍‌ଶୀଘ୍ର ଉପରିସ୍ଥ ଅଧିକାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ଯେପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ ହୋଇ ସମାଧାନ ନ ବାହାରିଛି ସେ ପର୍ଯ୍ୟନ୍ତ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ବସାଇବା, ମିଛ ମିଟର ଟାମ୍ପରିଂ କହି ସାଧାରଣ ଲୋକଙ୍କୁ ହଇରାଣ କରିବା ଓ ଜରିମାନା ଆଦାୟ କରିବା ସ୍ଥଗିତ ରଖାଯାଉ। ନ ହେଲେ ଟିପିସିଓଡିଏଲ୍ ବିରୋଧରେ ଏକ ବିରାଟ ଜନ ଆନ୍ଦୋଳନ ସୃଷ୍ଟିହେବ। କାର୍ଯ୍ୟକ୍ରମରେ ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ଅମରେନ୍ଦ୍ର ପାଇକରାୟ, ମଧୁସୂଦନ ମିଶ୍ର, ଅଧିବକ୍ତା କୃଷ୍ଣପ୍ରସାଦ ମିଶ୍ର, ଡ. କୈଳାସ ଭୂଷଣ ମହାପାତ୍ର, ସୁକାନ୍ତ ପଣ୍ଡା, ଦୁଃଖିଶ୍ୟାମ ପଟ୍ଟନାୟକ, ସୁମିତ୍ରା ବାରିକ, ସରସ୍ୱତୀ ପାତ୍ର, ପବିତ୍ର ମୋହନ ଦଳେଇ, ଗୌରୀଶଙ୍କର ସାମନ୍ତରାୟ, ମୋନିକା ପଲେଇ ଓ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ ଜଣଙ୍କ ସାମୂହିକ ବ୍ରତୋପନୟନ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚା ଭକ୍ତ ନିବାସରେ ରବିବାର ଉତ୍କଳ ବିଦ୍ୱତ ପରିଷଦ ଆନୁକୂଲ୍ୟରେ ୪ର୍ଥ ଥର ପାଇଁ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୧ ଜଣ ଗରିବ ବ୍ରାହ୍ମଣ ବାଳକଙ୍କ ନିଃଶୁଳ୍କ ବ୍ରତୋପନୟନ କରାଯାଇଛି। ବିଭିନ୍ନ ମଠର ମଠାଧୀଶ, ଶ୍ରୀମନ୍ଦିର ସେବକ ଯୋଗଦେଇ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ କରିଥିଲେ। ନବବ୍ରହ୍ମଚାରୀମାନେ ସିଂହଦ୍ୱାରକୁ ଯାଇ ପତିତପାବନଙ୍କୁ ଦର୍ଶନ କରିସାରି ନିଜ ଘରକୁ ବାହୁଡ଼ିଥିଲେ। 'ଆପଣଙ୍କ ସେବାରେ' ଅନୁଷ୍ଠାନ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଷଦର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, କୋଷାଧକ୍ଷ କମଳାକାନ୍ତ ଆଚାର୍ଯ୍ୟ, ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ହାପିନେସ୍ ଫାଉଣ୍ଡେଶନର ନୂଆ ୟୁନିଟ୍ 'ମିଶନ ଜୀବନଦାନ'ର ଶୁଭାରମ୍ଭ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେଶନ ପକ୍ଷରୁ 'ମିଶନ ଜୀବନଦାନ' ନାମରେ ଏକ ନୂତନ ୟୁନିଟ୍ ଗଠନ କରାଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଏହି ୟୁନିଟ୍‌ର ଶୁଭାରମ୍ଭ କରିବା ସହ ଏହାର ନାମ ଏବଂ ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଭିନୀତ୍ ଅଗ୍ରୱାଲ ଓ ରକ୍ତଭଣ୍ଡାର ଅଧିକାରୀ ଡ. ଦୀପକ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର, ସହକାରୀ ବନ ସଂରକ୍ଷକ ଅଶୋକ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଓ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ୟୁନିଟ୍‌ର ଲୋଗୋ ପ୍ରଦର୍ଶିତ କରିବା ସହ ସଚେତନ କରାଇଥିଲେ। ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସିଦ୍ଧାର୍ଥ ରାୟ, ସୌମେନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରସନ୍ନ ଦାଶ ଓ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାନ ପାଇଁ ସଚେତନତା କରାଇବା ଏହି ୟୁନିଟ୍‌ର ମୁଖ୍ୟ ଲକ୍ଷ୍ୟ।

## ଅନୁସନ୍ଧାନ ତରଫରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ସର୍ବୋଦୟନଗରସ୍ଥିତ ଅନୁସନ୍ଧାନ ପରିବାର ତରଫରୁ ମଙ୍ଗଳବାର ବିଶ୍ୱଶ୍ରଦ୍ଧା ନିଳୟ ଠାରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁସନ୍ଧାନର ସଭାପତି ସୁରେନ୍ଦ୍ର କୁମାର ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଡ. ସୀମାଚଳ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସଙ୍ଗୀତ ଗୁରୁ ସଙ୍ଗୀତା ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଅନୁସନ୍ଧାନ ତରଫରୁ ଭଜନ, ଜଣାଣ, ଛାନ୍ଦ, ଓଡ଼ିଶୀ, ଚମ୍ପୁ ଇତ୍ୟାଦି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ସୁକାନ୍ତ ପତି, ଅଳକା ନନ୍ଦା, ଚିନ୍ମୟୀ ଗଜେନ୍ଦ୍ର, ନିରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ତ୍ରିପାଠୀ, ବିଜୟା ବନ୍ଦନା ହୋତା, ମାଧବ ଶ୍ରୀଚନ୍ଦନ, ଶ୍ରୀଧର ମହାପାତ୍ର, ବାଦ୍ୟ ଗୁରୁ ଅଧାପକ ଅନିଲ କୁମାର ଦାସ, ସଙ୍ଗୀତ ଗୁରୁ ନୀଳମଣି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରକୁ ହିରୋ ମୋଟୋକର୍ପର ନୂଆ ସ୍କୁଟର ଦାନ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)



ହିରୋ ମୋଟୋକର୍ପ ଅଧିକୃତ ଶୋ'ରୁମ୍ ସଞ୍ଜୀବ ହିରୋ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନକୁ ନୂଆ ସ୍କୁଟର ଡେଷ୍ଟିନି-୧୨୫ ଏକ୍ସଟେକ୍ ପ୍ରଦାନ କରାଯାଇଛି। ପୁରୀ ବଜାରକୁ ପ୍ରବେଶ ପୂର୍ବରୁ ପ୍ରଥମ ଗାଡ଼ି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଦାନ ଦିଆଯାଇଛି। ମହାପ୍ରଭୁଙ୍କ ସେବା କାର୍ଯ୍ୟରେ ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ଦିର ପ୍ରଶାସନକୁ ଏହା ହସ୍ତାନ୍ତର କରାଯାଇଛି। ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ୍ କୁମାର ମଲ୍ଲିକ, ହିରୋ ମୋଟୋକର୍ପର ଜୋନାଲ ହେଡ୍ ଲକ୍ଷ୍ମୀ ସାହା ନାଲୁରା, ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ଗାଡ଼ିର ଚାବି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କୁ ପ୍ରଦାନ କରିଛନ୍ତି।

## ପଦ୍ମଶ୍ରୀ ଇଲିଆନା, ନୃତ୍ୟଗୁରୁ ଚପଳା ଓ ମନ୍ମଥଙ୍କୁ ସମ୍ମାନ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

### ରୂପା ଆଣ୍ଡ ଗ୍ରୁପ୍ ରୌପ୍ୟଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା

ରୂପା ଆଣ୍ଡ ଗ୍ରୁପ୍‌ର ରୌପ୍ୟ ଜୟନ୍ତୀ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟଗୁରୁ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କୁ 'ଶ୍ରୀଦୟଣା ସମ୍ମାନ', ଲୋକନୃତ୍ୟର ବିଶିଷ୍ଟ ଗବେଷକ ମନ୍ମଥ ଶତପଥୀଙ୍କୁ 'ଶ୍ରୀଅଳକାପନ୍ତି ସମ୍ମାନ', ବରିଷ୍ଠ ନୃତ୍ୟଗୁରୁ ଚପଳା ମିଶ୍ରଙ୍କୁ 'ଶ୍ରୀଗୁଣ୍ଡିଚା ସମ୍ମାନ' ଓ ନୃତ୍ୟଶିଳ୍ପୀ ରଶ୍ମିରଞ୍ଜନ ନାୟକଙ୍କୁ ଗୁରୁ ପୁଷ୍ପଲତା ସ୍ମରଣେ 'ଶ୍ରୀକୌସ୍ତୁଭ ସମ୍ମାନ' ପ୍ରଦାନ କରାଯାଇଛି। ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ଅଧକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସେବାୟତ ମଧୁସୂଦନ ସିଂହାରୀ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଚଳଚ୍ଚିତ୍ର କାହାଣୀକାର ଶ୍ୟାମାପ୍ରସାଦ ମିଶ୍ର, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର, ଗବେଷକ ତଥା ପ୍ରାବନ୍ଧିକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ଶ୍ରୀମନ୍ଦିର ସେବାୟତ ଈପ୍‌ସିତ ପ୍ରତିହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ରୂପା ଆଣ୍ଡ ଗ୍ରୁପ୍‌ର କାଞ୍ଚି ଅଭିଯାନ, ବଡ଼ ଜାମବାଣି ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଛଉନୃତ୍ୟ, ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ, ଇଲିଆନା ଚିତାରିସ୍ତିଙ୍କ ନୃତ୍ୟଦଳର ଶିଳ୍ପୀମାନେ ଚମତ୍କାର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ପରେ ରୂପା ଆଣ୍ଡ ଗ୍ରୁପ୍‌ର କନିଷ୍ଠ ଦଳର 'ଦହି ଆଣିଛି' ନୃତ୍ୟ ପ୍ରଦର୍ଶନ ହୋଇଥିଲା। ରୂପଲତା ମହାନ୍ତି, ମଧୁସୂଦନ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୀୟୁଷ ପଟ୍ଟନାୟକ ସଂଯୋଜନା କରିଥିଲେ।

## ଆଜି ମହାକୁମ୍ଭ ଯିବେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସ୍ୱେଚ୍ଛାସେବୀ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଆସ୍ଥା ବିଶ୍ୱାସର ମହାସଙ୍ଗମ ପ୍ରୟାଗରାଜରେ ମହାକୁମ୍ଭ ଚାଲିଥିବା ବେଳେ ସେଥିରେ ସାମିଲ ହେବା ପାଇଁ ଦେଶବିଦେଶରୁ କୋଟି କୋଟି ଭକ୍ତ ଆସି ଗଙ୍ଗା ପୂଜନ ଓ ସ୍ନାନ କରୁଛନ୍ତି। ଯାହାକୁ ଲକ୍ଷ୍ୟକରି ଉତ୍ତରପ୍ରଦେଶ ରେଡ୍‌କ୍ରସ ସୋସାଇଟିର ନିବେଦନକ୍ରମେ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ କୋଟିକୋଟି ଭକ୍ତଙ୍କୁ ସେବା ଯୋଗାଇଦେବା ପାଇଁ ପୁରୀ ଜିଲା ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଏକ ୧୧ଜଣିଆ ସ୍ୱେଚ୍ଛାସେବୀ ଦଳ ବୁଧବାର ପ୍ରୟାଗରାଜର ମହାକୁମ୍ଭ ଅଭିମୁଖେ ପୁରୀରୁ ଯାତ୍ରା ଆରମ୍ଭ କରିବେ। ଏନେଇ ସାଲବେଗ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର, ଜଗନ୍ନାଥ ଧାମର କମାଣ୍ଡର ଲାଲା ଅନନ୍ତ ସିଂ, ଉପଦେଷ୍ଟା ଡ. ବଦ୍ରି ମିଶ୍ର ଓ ଚକ୍ରଧର ମହାପାତ୍ରଙ୍କ ସମେତ କ୍ୟାଡେଟ୍ ନିରଞ୍ଜନ ମହାପାତ୍ର, ଅଜୟ କୁମାର ପ୍ରଧାନ, ଡ. ପବିତ୍ର ପ୍ରଧାନ, ରମାକାନ୍ତ ଜେନା, ଜି. ବାପି, ଚିନ୍ତାମଣି ପାଢ଼ୀ, ପ୍ରଣବ ମହାପାତ୍ର, ଗଣେଶ ମାଲିଆ, ରଞ୍ଜନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଭୁବନେଶ୍ୱରରୁ ୨ କ୍ୟାଡେଟ୍ ଗଣେଶ ବାରିକ ଓ ସନ୍ତୋଷ ବେହେରା ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ସେବା ଯୋଗାଇବେ। ଏହି ଟିମ ୭ଦିନ ପ୍ରୟାଗରାଜରେ ସ୍ୱାସ୍ଥ୍ୟ ଶିବିରରେ ୨୪ଘଣ୍ଟିଆ ସେବା ଯୋଗାଇବ। ସରସ୍ୱତୀ ପୂଜା ଦିନ ସାହି ସ୍ନାନ ବା ଅମୃତ ସ୍ନାନରେ ମଧ ସେବା ଯୋଗାଇବ ବୋଲି ଟିମ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ଥଇଥାନ ଦାବିରେ ଉଠାଦୋକାନୀ ବ୍ୟବସାୟୀ ମହାସଂଘର ଧାରଣା

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ପୁନର୍ବାର ଥଇଥାନ ସହ ଜିଲା ପ୍ରଶାସନର ଗରିବ ମାରଣନୀତି ପ୍ରତିବାଦରେ ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ବ୍ୟବସାୟୀ ମହାସଂଘ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ସ୍ମୃତିପୀଠରେ ଧାରଣା ଦିଆଯାଇଛି। ଏନେଇ ମହାସଂଘ ପକ୍ଷରୁ କୁହାଯାଇଛି, ପରିକ୍ରମା ପ୍ରକଳ୍ପ ଯୋଗୁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ୨ମାସ ମଧ୍ୟରେ ଥଇଥାନ କରାଯିବାକୁ କହି ୧୫ ମାସ ହୋଇଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ଥଇଥାନ କରାଗଲା ନାହିଁ। ଏପରିକି ଆର୍ଥିକ ସହାୟତା ମଧ ଗତ ୬ ମାସ ହେବ ଦିଆଯାଉ ନାହିଁ। ଏନେଇ ଜିଲା ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ଅନ୍ୟ ଜିଲାରେ ଉଠାଦୋକାନୀଙ୍କ ସମସ୍ୟା ସମାଧାନ ହେଉଥିବାବେଳେ ପୁରୀରେ ହେଉନାହିଁ। ପ୍ରଶାସନ ଶ୍ରୀସେତୁ ନିକଟରେ ବ୍ୟବସାୟ କରିବାକୁ ବାଧ କରୁଛି, ମାତ୍ର ଉକ୍ତ ସ୍ଥାନ ବ୍ୟବସାୟ ପାଇଁ ଉପଯୁକ୍ତ ନୁହେଁ। ସେଠାରେ କୌଣସି ଭିତ୍ତିଭୂମି ନାହିଁ। ବିଗତ ଦିନରେ ୭୭ ଦିନ ଧରି ଅନଶନ ଓ ପରେ ଆମରଣ ଅନଶନ ପରେ ମଧ ଜିଲାପାଳଙ୍କ ନିକଟକୁ ବାରମ୍ବାର ଯାଇ କୌଣସି ସୁଫଳ ମିଳିନାହିଁ। ଏପରିକି ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ ମଧ ସମାଧାନ ହେଉନାହିଁ। ତେଣୁ ଆଗାମୀ ଦିନରେ ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗଦ୍ୱାରଠାରେ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ମହାସଂଘ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନିଷ୍ପତ୍ତି ନିଆଯାଇଥିବା ନେଇ ସଭାପତି ଯଶୋବନ୍ତ ପାତ୍ର କହିଛନ୍ତି।

**ଏସ୍‌ସିବିରୁ ମହିଳା ରୋଗୀ ନିଖୋଜ**

କଟକ,(ଶିଳ୍ପା ପ୍ରିୟଦର୍ଶନୀ): ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବର୍ନ ୱାର୍ଡରୁ ଜଣେ ମହିଳା ରୋଗୀ ମଙ୍ଗଳବାର ମଧ୍ୟାହ୍ନରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବୌଦ୍ଧ ଅଞ୍ଚଳର ସଂଯୁକ୍ତା ବୁଡେକ(୪୫)। ଏନେଇ ତାଙ୍କ ସ୍ୱାମୀ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଥିସହ ମେଡିକାଲର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସମ୍ପୃକ୍ତା ମହିଳାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ତାଙ୍କ ସ୍ୱାମୀ କହିଛନ୍ତି। ଉକ୍ତ ମହିଳାଙ୍କ ସମ୍ପର୍କରେ ସମସ୍ତ ଥାନାକୁ ଜଣାଇ ଦିଆଯାଇଛି ବୋଲି ମଙ୍ଗଳାବାଗ ଥାନାଧିକାରୀ ଉମାକାନ୍ତ ସାହୁ କହିଛନ୍ତି।

## ମଦ ଦୋକାନ ସିଲ୍, ୨୫ହଜାର ଟଙ୍କା ଜରିମାନା

ଭୁବନେଶ୍ୱର, ୨୮।୧ (ବନ୍ଦନା ସେଠୀ)

ପଟିଆସ୍ଥିତ ଏକ ମଦଦୋକାନକୁ ମଙ୍ଗଳବାର ସିଲ୍ କରିଛି ବିଏମ୍‌ସି। ଏଥିସହିତ ସମ୍ପୃକ୍ତ ଦୋକାନକୁ ୨୫ହଜାର ଟଙ୍କାର ଜରିମାନା କରାଯାଇଛି। ସମ୍ପୃକ୍ତ ଦୋକାନ ଆଖପାଖ ଅଞ୍ଚଳ ଅପରିଷ୍କାର ରହିବା ସହିତ ଏଣେତେଣେ ଆବର୍ଜନା ପଡ଼ିରହିଥିଲା। ଖବର ପାଇ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳକୁ ଯାଇ ଦୋକାନ ସିଲ୍ କରିଛନ୍ତି। ଏଥିସହ ତୁରନ୍ତ ଫାଇନ୍ ପଇଠ କରି ଦୋକାନ ପରିସରରୁ ଆବର୍ଜନା ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ସହିତ ପରିମଳ କ୍ଷେତ୍ରକୁ ବିଏମ୍‌ସି ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ସହରରେ ଥିବା ବିଭିନ୍ନ ପ୍ରତିଷ୍ଠାନ ନିଜ ଦୋକାନ ଆଗ ପରିଷ୍କାର ରଖିବା ସହିତ ଆଖପାଖର ୫ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ସଫା ରଖିବାକୁ ବିଏମ୍‌ସି ବାରମ୍ବାର ତାଗିଦ୍ କରିଆସୁଛି। ମାତ୍ର ଅନେକ ଅନୁଷ୍ଠାନ ଏହାକୁ ଅଣଦେଖା କରୁଛନ୍ତି। ତେବେ ଗତ କିଛିଦିନର ବିରତି ପରେ ପୁଣି ଥରେ ସହରରେ ପରିମଳ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ୮୧୧ କୋଟିର ବିଏମ୍‌ସି ଚିଠା ବଜେଟ

ଭୁବନେଶ୍ୱର,୨୮।୧(ବନ୍ଦନା ସେଠୀ)

**ଫେବୃଆରୀରେ ପୂର୍ଣ୍ଣାଙ୍ଗ ବଜେଟ**

- ୧୭୩.୮୬ କୋଟି ବଳକା ନେଇ ଆଶା
- ଗତ ବର୍ଷ ଅପେକ୍ଷା ୨୪୩ କୋଟି କମ୍

୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୮ଶହ ୧୧କୋଟି ୬୫ଲକ୍ଷ ଟଙ୍କାର ଚିଠା ବଜେଟ୍ ପ୍ରସ୍ତୁତ କରିଛି। ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ ଚିଠା ବଜେଟ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକବର୍ଷରେ ବିଭିନ୍ନ ସୂତ୍ରରୁ ମୋଟ ଆୟ ୮୧୧.୬୫ କୋଟି ଟଙ୍କା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ୭୮୪.୯୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିସହ ଚଳିତବର୍ଷ ୨୭କୋଟି ଟଙ୍କାର ବଳକା ଚିଠା ବଜେଟ ରହିଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୧୪୭ କୋଟି ୧୩ଲକ୍ଷ ଟଙ୍କା ବଳକା ଅର୍ଥ ରହିଛି। ଚଳିତ ବର୍ଷର ୮୧୧.୬୫କୋଟି ଚିଠା ବଜେଟ୍ ସହିତ ବଳକା ବଜେଟକୁ ମିଶାଇ ମୋଟ୍ ୯୫୮.୭୮କୋଟି ଟଙ୍କା ବଜେଟ ସ୍ଥିର ହୋଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ଆଦାୟ ଲକ୍ଷ୍ୟଠାରୁ ବ୍ୟୟ ଅଟକଳ କମ୍ ରହିଥିବାରୁ ବର୍ଷ ଶେଷକୁ ୧୭୩ କୋଟି ୮୬ ଲକ୍ଷ ଟଙ୍କା ବଳକା ଅର୍ଥ ରହିବ ବୋଲି ଆଶା କରାଯାଉଛି।

ରାଜସ୍ୱ ବାବଦରେ ୧୨୯କୋଟି ୭୧ଲକ୍ଷ ଟଙ୍କା ଆଦାୟ ନେଇ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜସ୍ୱ ଏବଂ କ୍ଷତିପୂରଣ ବାବଦରେ ୧୦୦ କୋଟି ୯୭ଲକ୍ଷ, ମହାନଗର ନିଗମର ନିଜସ୍ୱ ସ୍ଥାନରୁ ଭଡ଼ା ବାବଦରେ ୮କୋଟି ୫୯ଲକ୍ଷ, ଫି' ଏବଂ ୟୁଜର୍ସ ଚାର୍ଜ ବାବଦରେ ୯୬ କୋଟି ୨୩ଲକ୍ଷ, ବିକ୍ରି ଓ ନିଯୁକ୍ତି ବାବଦରେ ୫କୋଟି ୩ଲକ୍ଷ, ଇନ୍‌କମ୍ ଫ୍ରମ୍ ଇନ୍‌ଭେଷ୍ଟମେଣ୍ଟରେ ୧୪ କୋଟି ୮୪ଲକ୍ଷ, ବିଭିନ୍ନ ସୁଧ ବାବଦରେ ୫କୋଟି ୪୦ଲକ୍ଷ, ରେଭିନ୍ୟୁ ଗ୍ରାଣ୍ଟସ୍ କଣ୍ଟ୍ରିବ୍ୟୁଶନ୍ ଆଣ୍ଡ ସବ୍‌ସିଡି ବାବଦରେ ୨୦୧ କୋଟି ୩୪ଲକ୍ଷ ଏବଂ ଅନ୍ୟାନ୍ୟ ଆୟରୁ ୬୬ଲକ୍ଷ ଟଙ୍କା ଆଦାୟ ଲକ୍ଷ୍ୟ ରହିଛି। ଓୟୁଆଇଡିଏଫ୍ ଲୋନ୍ ଏବଂ କ୍ୟାପିଟାଲ୍ ଗ୍ରାଣ୍ଟସ୍ ବାବଦରେ ୨୪୮କୋଟି ୮୬ଲକ୍ଷ ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷେ ରାଜସ୍ୱ ବ୍ୟୟ ଯଥା ଏଷ୍ଟାବ୍ଲିଶ୍‌ମେଣ୍ଟ ବାବଦରେ ୧୧୦ କୋଟି ୫୨ଲକ୍ଷ, ଆଡ୍‌ମିନିଷ୍ଟ୍ରେଟିଭ୍ ଖର୍ଚ୍ଚ ବାବଦରେ ୨୮କୋଟି ୮୯ଲକ୍ଷ, ଅପରେଶନ୍ ଏବଂ ମେଣ୍ଟେନାନ୍ସ ବାବଦରେ ୨୭୪କୋଟି ୧୫ଲକ୍ଷ, ଅନୁଦାନ ବଣ୍ଟନ ବାବଦରେ ୫୨କୋଟି ୨୨ଲକ୍ଷ ଆଦି ମୋଟ୍ ୪୭୯କୋଟି ୮୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି କ୍ୟାପିଟାଲ୍ ପେମେଣ୍ଟ ବାବଦରେ ଆଉ ୩୦୫କୋଟି ୫ଲକ୍ଷକୁ ମିଶାଇ ମୋଟ୍ ୭୮୪କୋଟି ୯୨ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର କୋଟି ୬୭ଲକ୍ଷ ୬ହଜାର ୯୪୧ ଟଙ୍କାର ଚିଠା ବଜେଟ୍ ଉପସ୍ଥାପନ କରାଯାଇଥିବାବେଳେ ୮୮୧ କୋଟି ଟଙ୍କାର ବଜେଟ୍ ପାରିତ ହୋଇଥିଲା। ୨୦୨୩-୨୪ର ବଳକା ଅର୍ଥକୁ ମିଶାଇ ମୋଟ୍ ୧୦୨୭ କୋଟି ଟଙ୍କା ବ୍ୟୟ ହୋଇଥିଲା ଏବଂ ସେଥିରୁ ୧୪୭ କୋଟି ୧୩ଲକ୍ଷ ଟଙ୍କା ବଳକା ଅର୍ଥକୁ ଚଳିତ ଚିଠା ବଜେଟରେ ମିଶାଯାଇଛି। ତେବେ ଚିଠା ବଜେଟକୁ ଭଲଭାବେ ତର୍ଜମା କରି ୧୫ଦିନ ମଧ୍ୟରେ କର୍ପୋରେଟରମାନେ ମତାମତ ଦେବାକୁ ମେୟର କହିଛନ୍ତି। ଫେବୃଆରୀରେ ପୂର୍ଣ୍ଣାଙ୍ଗ ବଜେଟ୍ ଅଧିବେଶନ ବସିବ। ଏହାବାଦ୍ ବିଏମ୍‌ସିର ସ୍ଥାୟୀ ଆୟ ପାଇଁ ଋଣ କରି ଶହୀଦନଗରଠାରେ ଏକ ଅଡିଟୋରିୟମ, ସହରର ବିଭିନ୍ନ ସ୍ଥାନରେ ୩ଟି ହାଟରେ ସ୍ଥାୟୀ ଘର ନିର୍ମାଣ କରି ସ୍ଥାନୀୟ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି। ଅଧିବେଶନରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ଜଗଦୀଶ



@ ପ୍ରଦୀପ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲାଲା ଲଜପତ୍ ରାୟଙ୍କ ଅବଦାନ ଚିରସ୍ମରଣୀୟ

ଭୁବନେଶ୍ୱର,୨୮।୧(ସୌମ୍ୟରଞ୍ଜନ ରାଉତ)

ଲାଲା ଲଜପତ୍ ରାୟଙ୍କ ୧୬୦ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ସଭାପତିତ୍ୱ କରିଥିଲେ। ପ୍ରଫେସର ନିଶାମଣି କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲାଲା ଲଜପତଙ୍କ ବହୁମୁଖୀ ପ୍ରତିଭା ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ରଚିତ 'ୟଙ୍ଗ୍ ଇଣ୍ଡିଆ' (ତରୁଣ ଭାରତ) ପୁସ୍ତକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ସ୍ୱଦେଶୀ ଆନ୍ଦୋଳନକୁ ଏକ ବିଶେଷ ଗତି ଦେଇଥିଲା ବୋଲି କହିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଲାଲା ଲଜପତଙ୍କ ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ସମାଜ ସଂସ୍କାର, ସାମ୍ବାଦିକତା, ସାହିତ୍ୟ ରଚନା ଏବଂ ଓକିଲାତି ସମ୍ପର୍କରେ ଆଲୋଚନା କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ତାଙ୍କ ବକ୍ତବ୍ୟରେ ଲାଲା ଲଜପତଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆଧୁନିକ ଶାସନ ପ୍ରକ୍ରିୟାରେ ସମନ୍ୱୟ ଆବଶ୍ୟକ



ଏକକ ନୀତି ବିମର୍ଶ ବକ୍ତୃତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଆଲୋଚକମାନେ।

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)

ଆଧୁନିକ ଶାସନ ପ୍ରକ୍ରିୟାରେ ସମନ୍ୱୟ ଆବଶ୍ୟକ। ପ୍ରାଚୀନ ନୀତି, ଶିକ୍ଷା ଓ ଆଧୁନିକ ଶାସନ ଆବଶ୍ୟକତା ଉପନିଷଦର ନୀତିଗତ ଦୃଷ୍ଟିକୋଣ ଉପରେ ପର୍ଯ୍ୟବସିତ। ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ ପ୍ରାଚୀନ ଦର୍ଶନ ଓ ଜ୍ଞାନ ପ୍ରଣାଳୀ ସହ ସମନ୍ୱୟ ରଖିବାରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ ସହାୟକ ହେବ ବୋଲି ଏକକ ନୀତି ବିମର୍ଶ ବକ୍ତୃତାମାଳାରେ ଭାରତୀୟ ଲୋକ ପ୍ରଶାସନ ପ୍ରତିଷ୍ଠାନ ଭୁବନେଶ୍ୱର ଶାଖା ଅଧ୍ୟକ୍ଷ କରୁଣାକର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ଓ ଭାରତୀୟ ଲୋକ ପ୍ରଶାସନ ପ୍ରତିଷ୍ଠାନ ଭୁବନେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ 'ସାମ୍ପ୍ରତିକ ସମୟରେ ପ୍ରଶାସନିକ ସନ୍ଦୀହାନତା ଏବଂ ଉପନିଷଦର ପ୍ରାସଙ୍ଗିକତା' ଶୀର୍ଷକ ଏକକ ନୀତି ବିମର୍ଶ ବକ୍ତୃତାମାଳା-୨୦୨୫ ଆୟୋଜିତ ହୋଇଯାଇଛି। ଏଥିରେ ପଟ୍ଟନାୟକ ଯୋଗଦେଇ ଆଜିର ଯୁବକଙ୍କୁ ଉଭୟ ବ୍ୟକ୍ତିଗତ ଅଭିବୃଦ୍ଧି ଏବଂ ସାମାଜିକ କଲ୍ୟାଣ ପାଇଁ ଆବଶ୍ୟକ ଚିନ୍ତାଧାରା, ଉଦ୍ଦେଶ୍ୟ, କାର୍ଯ୍ୟ ଏବଂ ନିଷ୍ପତ୍ତି ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ପ୍ରତିଷ୍ଠାନର ଚେୟାରମ୍ୟାନ ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଉପନିଷଦ ଓ ଶାସନ' ଉପରେ ଆଲୋଚନା କରିଥିଲେ। ଶାସନରେ ଉତ୍କର୍ଷତା ପାଇଁ ସକାରାତ୍ମକ ମନୋଭାବ ଜରୁରୀ। ପ୍ରାଚୀନ ଜ୍ଞାନକୁ ସାଧାରଣ ପ୍ରଶାସନରେ ଯୋଡ଼ିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ମୁଖ୍ୟ ଡ. ପ୍ରତିମା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଭାରତୀୟ ଲୋକ ପ୍ରଶାସନ ପ୍ରତିଷ୍ଠାନ ଭୁବନେଶ୍ୱର ଶାଖା ଉପାଧ୍ୟକ୍ଷ ଡ. ଚିତ୍ରା କାନୁନ୍‌ଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୋକ ପ୍ରଶାସନ ବିଭାଗ ସହକାରୀ ପ୍ରଫେସର ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିସ୍ ଶିକ୍ଷାନୁଷ୍ଠାନରେ କର୍ମଶାଳା



ଭୁବନେଶ୍ୱର,୨୮।୧(ଅନୁରାଧା ମହାରଣା)

ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ କମ୍ପ୍ୟୁଟିଂ ସହଭାଗିତାରେ ୫ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ ଓଡ଼ିଶାର ଚେୟାରମ୍ୟାନ୍ କରୁଣାକର ପଟ୍ଟନାୟକ, ଅମୟ କର୍ପୋରେଶନର ସଦସ୍ୟ ପାର୍ଥ ସାରଥି ମିଶ୍ର, ବେଙ୍ଗାଲୁରୁସ୍ଥିତ ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂର ସଦସ୍ୟ ହରିଶ ଚନ୍ଦ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଡ. ରାଜେଶ କୁମାର ସ୍ୱାଇଁ, ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ ପ୍ରମୁଖ ଯୋଗଦେଇ ଉକ୍ତ କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏମ୍‌ସିଏ ବିଭାଗର ଅଧ୍ୟାପିକା ଡ. ଶ୍ରଦ୍ଧାଞ୍ଜଳି ନାୟକଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା ବୋଲି ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ସୂଚନା ଦେଇଛନ୍ତି।

## 'ଭଲ ମଣିଷ ହେବାକୁ ଚେଷ୍ଟା କରନ୍ତୁ ବିଦ୍ୟାର୍ଥୀ'

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)



ବିଦ୍ୟାର୍ଥୀମାନେ ପାଠ ପଢ଼ି ସୁନାଗରିକ ହେବା ସହ ଭଲ ମଣିଷ ହେବାକୁ ଚେଷ୍ଟା କରନ୍ତୁ। ଏଥିସହ ଦେଶ ଓ ଜନ୍ମମାଟିର ଉନ୍ନତି ତଥା ସେବା କରିବା ପାଇଁ ଆଗେଇ ଆସନ୍ତୁ ବୋଲି ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି।

ନୂଆପଲ୍ଲୀ ସୟଦ୍ ମମ୍‌ତାଜ୍ ଅଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମାଝି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ଜେନା ଯୋଗଦେଇ ବିଧାୟକ ପାଣ୍ଠିରୁ ସୁବର୍ଣ୍ଣ ଜୟନ୍ତୀ ତୋରଣ ନିର୍ମାଣ କରାଯିବ ବୋଲି କହିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପବିତ୍ର କୁମାର ରାଉତରାୟ, ସମ୍ମାନିତ ଅତିଥିଭାବେ ନୂଆପଲ୍ଲୀ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶନୀ ଜେନା, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଅତିଶ କୁମାର ମହାନ୍ତି, ଶଶିରେଖା ବେହେରା, ସାମାଜିକ କର୍ମୀ ନଟବର ସାମନ୍ତରାୟ ଓ ଗୌତମ ବେହେରା ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ, ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ମହାପାତ୍ର, ମିନତୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୩ଜଣଙ୍କୁ 'ଶ୍ୱେତପଦ୍ମା ସମ୍ମାନ'



ଭୁବନେଶ୍ୱର, ୨୮।୧(ସୌମ୍ୟରଞ୍ଜନ ରାଉତ)

ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୀତଭିତ୍ତିକ କାର୍ଯ୍ୟକ୍ରମ 'ଶୀତ ଲହରିରେ ଗୀତ ଲହରି' ମଙ୍ଗଳବାର ଗୀତ ଗୋବିନ୍ଦ ସଦନରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ, ଷ୍ଟୁଡେଣ୍ଟ ୱେଲ୍‌ଫେୟାର୍‌ର ପୂର୍ବତନ ଡିନ୍ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଏବଂ ଅନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଚଳିତବର୍ଷ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କହ୍ନେଇ ରାମ ମହାପାତ୍ର, କଣ୍ଠଶିଳ୍ପୀ ଗୀତା ଦାସ, ମର୍ଦ୍ଦଳ ଗବେଷକ ଗୁରୁ ଡ. ଜଗନ୍ନାଥ କୁଅଁରଙ୍କୁ 'ଶ୍ୱେତପଦ୍ମା ସମ୍ମାନ'ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଅଧ୍ୟକ୍ଷା ମିନତୀ ମଲ୍ଲ ପରିଚାଳନା କରିଥିଲେ।

## କ୍ୟାପିଟାଲ ହାଇସ୍କୁଲ ୧୯୮୨ ବ୍ୟାଚ୍‌ର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୮।୧ (ବନ୍ଦନା ସେଠୀ)

ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ୧୯୮୨ ବ୍ୟାଚ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ୍ ଅଧିକାରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଏସ୍‌ଭି ନିର୍‌ତାର ଓଲଟପୁରର ସ୍କିନ୍ ଓ ହିୟରିଂ ବିଭାଗ ମୁଖ୍ୟ ଜୟଶଙ୍କର ପଣ୍ଡା, ପ୍ରଦୀପ୍ତ କୁମାର ମହାପାତ୍ର, ମାନସ ଦାସ, ଅଜିତ୍ ପଟ୍ଟନାୟକ, ଅଜୟ ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି ଏବଂ ଅନ୍ୟ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ ଭୀମ ଭୋଇ ମୂକ ବଧିର ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଇପ୍ୟାଡ୍ ଓ ପେନ୍‌ଡ୍ରାଇଭ ପ୍ରଦାନ କରାଯାଇଥିଲା। ଏଥିସହ ବିଦ୍ୟାଳୟ ପାଇଁ ଏକ ସାଉଣ୍ଡ ସିଷ୍ଟମ ପ୍ରଦାନ କରାଯାଇଥିଲା। ପରେ ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରୁ ଆସିଥିବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତୀତର ସ୍ମୃତିଚାରଣ ସହ ଭବିଷ୍ୟତର କାର୍ଯ୍ୟପନ୍ଥା ନେଇ ରୂପରେଖ ପ୍ରସ୍ତୁତ ହୋଇଥିଲା।

## ନ୍ୟୁଜ୍‌ପେପର୍ ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୨୮।୧ (ବନ୍ଦନା ସେଠୀ)

ନ୍ୟୁଜ୍‌ପେପର୍ ସପ୍ଲାୟର୍ସ ଆସୋସିଏଶନ୍ ପକ୍ଷରୁ ବଣଭୋଜି ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆସୋସିଏଶନ୍‌ର କର୍ମକର୍ତ୍ତା ନୟାଗଡ଼ ରାମମନ୍ଦିର, କଣ୍ଟିଲୋ ନୀଳମାଧବ, ଗୋକୁଳାନନ୍ଦ ଆଶ୍ରମ, ବାଙ୍କୀ ଚର୍ଚ୍ଚିକା ଓ ସଂଘନାଥ ଆଦି ମନ୍ଦିର ଦର୍ଶନ କରିବା ସହିତ ସମସ୍ତ ମନ୍ଦିର ନିକଟରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି କଳ୍ପତରୁ ସେନାପତି, ସମ୍ପାଦକ କପିଳ କୁମାର ପଲେଇ, କୋଷାଧ୍ୟକ୍ଷ ପିଣ୍ଟୁ ଚରଣ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଆସୋସିଏଶନ୍ ପକ୍ଷରୁ ସମସ୍ତ ସଦସ୍ୟଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା।

## ଏମ୍‌ବିଏ ଛାତ୍ରଙ୍କ ସମେତ ୪ଜଣଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨୮।୧(ସତ୍ୟଜିତ୍ ରାଉତ)

**ଆଚାର୍ଯ୍ୟ ବିହାରରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା ମାମଲା**

- ୧୨ ବର୍ଷ ପରେ ପ୍ରକାଶ ପାଇଲା ରାୟ

ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାରର ବୃଦ୍ଧ ଦମ୍ପତିଙ୍କୁ ହତ୍ୟା ମାମଲାର ରାୟ ୧୨ ବର୍ଷ ପରେ ମଙ୍ଗଳବାର ପ୍ରକାଶ ପାଇଛି। ଏହି ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ୩ୟ ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବିଜୟ ଯାଦବ, ରଞ୍ଜିତ ଜେନା, ପ୍ରିୟରଞ୍ଜନ ପତି ଓ ବୁଟୁ ଜେନା। ପ୍ରିୟରଞ୍ଜନ ଏମ୍‌ବିଏ, ବିଜୟ ଓ ରଞ୍ଜିତ ବିବିଏ ଛାତ୍ର ହୋଇଥିବାବେଳେ ବୁଟୁ ଶହୀଦନଗରରେ ଏକ ପାନଦୋକାନ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ ସହ ବିଭିନ୍ନ ଦଫାରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଘଟଣା ସମୟରେ ଗୃହକର୍ତ୍ତା ଅବସରପ୍ରାପ୍ତ ଇଞ୍ଜିନିୟର କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ୭୩ ଓ ଜ୍ୟୋତ୍ସ୍ନାଦେବୀ ପାଣିଗ୍ରାହୀଙ୍କୁ ୭୨ବର୍ଷ ହୋଇଥିଲା। କୁଞ୍ଜବିହାରୀଙ୍କ ପୈତୃକ ଗ୍ରାମ ଗଞ୍ଜାମ ଜିଲା ସୋରଡ଼ାରେ ହୋଇଥିବା ବେଳେ ସେ ଦୀର୍ଘବର୍ଷ ହେବ ଆଚାର୍ଯ୍ୟ ବିହାର ଛକରୁ ମାତ୍ର ୧୦୦ ମିଟର ଦୂର ପାଣିଟାଙ୍କି ଗଳିରେ ଘରକରି ରହୁଥିଲେ। ସେମାନଙ୍କର ୪ ଝିଅ ଓ ୩ ପୁଅ। ସେତେବେଳେ ୨ ଝିଅ ଚନ୍ଦ୍ରଶେଖରପୁରରେ ରହୁଥିଲେ। ଅନ୍ୟ ୨ଝିଅଙ୍କ ମଧ୍ୟରୁ ଜଣେ କାନାଡା ଏବଂ ଆର ଜଣକ ଦୁବାଇରେ ରହୁଥିଲେ। ସେହିପରି ୩ ପୁଅଙ୍କ ମଧ୍ୟରୁ ୨ଜଣ କାନାଡା ଓ ଜଣେ ୟୁକ୍ରେନ୍‌ରେ ରହୁଥିଲେ। ପ୍ରତିଦିନ ସକାଳ ୫ଟାରେ ତାଙ୍କ ଘର ଫାଟକ ଖୋଲାହେବା ସହ ରାତି ୧୧ଟାରେ ବନ୍ଦ ହୋଇଥାଏ। ତାଙ୍କର ୪ ମହଲା ବିଶିଷ୍ଟ କୋଠାରେ ଏକ ଛାତ୍ରାବାସ ଚାଲୁଥିଲା। ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଛାତ୍ର ରହୁଥିଲେ। ଅଭିଯୁକ୍ତ ବିଜୟ ଉକ୍ତ ଛାତ୍ରାବାସରେ ରହୁଥିଲେ। ଦମ୍ପତିଙ୍କ ଘରେ ବହୁ ଅଳଙ୍କାର ଓ ସମ୍ପତ୍ତି ଥିବା ନେଇ ଅନ୍ୟ ସାଙ୍ଗମାନଙ୍କୁ ବିଜୟ କହିଥିଲେ। ସେମାନେ ଏହି ବୃଦ୍ଧ ଦମ୍ପତିଙ୍କୁ ହତ୍ୟାକରି ସମ୍ପତ୍ତି ଲୁଟ୍ କରିବାକୁ ଯୋଜନା କରିଥିଲେ। ଘଟଣା ପୂର୍ବରୁ ସେମାନେ ଘରଭଡ଼ା ନେବା ବାହାନାରେ ରେକି କରିଥିଲେ। ୨୦୧୨ ସେପ୍ଟେମ୍ବର ୧୩ ତାରିଖ ରାତି ପ୍ରାୟ ୯ଟାରେ ସମସ୍ତେ ଏହି ଦମ୍ପତିଙ୍କ ଘରକୁ ଆସିଥିଲେ। ସେମାନେ ପ୍ରଥମେ ଉପର ମହଲାରେ ଥିବା କୁଞ୍ଜବିହାରୀଙ୍କୁ କବ୍ରିରେ ମରଣାନ୍ତକ ଆକ୍ରମଣକରି ଗ୍ୟାସ୍ ସିଲିଣ୍ଡରରେ ମୁଣ୍ଡକୁ ଛେଚିଦେଇଥିଲେ। କୁଞ୍ଜବିହାରୀ ଅଚେତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅଭିଯୁକ୍ତମାନେ ଭାବି ନେଇଥିଲେ। ପରେ କମ୍ପ୍ୟୁଟର ତାରରେ ଜ୍ୟୋତ୍ସ୍ନାଦେବୀଙ୍କ ଗଳାଚିପି ହତ୍ୟା କରିଥିଲେ। ସେମାନେ ଘରୁ ଲାପ୍‌ଟପ୍, ଆଇପ୍ୟାଡ୍, ଦୁଇଟି ମୋବାଇଲ ଫୋନ୍, ଡିଭିଡି ପ୍ଲେୟାର, ସୁନା ଅଳଙ୍କାର ଓ ଟଙ୍କା ଆଦି ନେଇଯାଇଥିଲେ। ୧୪ ତାରିଖ ସକାଳେ ଚାକରାଣୀ ଘରକୁ ଆସିବା ପରେ ଘଟଣା ବିଷୟରେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ କୁଞ୍ଜବିହାରୀଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ କିଛିଦିନ ପରେ ମୃତ୍ୟୁ ଘଟିଥିଲା। ଝିଅ ଜ୍ୟୋତିର୍ମୟୀ ପାଣିଗ୍ରାହୀଙ୍କ ଏତଲାକ୍ରମେ ଶହୀଦନଗର ପୋଲିସ ଏକ ମାମଲା (ନଂ. ୨୯୬/୨୦୧୨) ରୁଜୁକରି ୫ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ୨୦୧୩ ଜାନୁଆରୀ ୧୬ରେ ପୋଲିସ ଚାର୍ଜଶିଟ୍ ଦାଖଲକରିବା ପରେ ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବିଧୁଭୂଷଣ ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

# ଚାକିରି ସର୍ତ୍ତାବଳୀ ଚିଠି ପ୍ରତ୍ୟାହାର ନିର୍ଦ୍ଦେଶ ଉପରେ ରହିତାଦେଶ



**ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କୁ ଆଶ୍ୱସ୍ତି**

କଟକ,୨୮ା୧(କାର୍ତ୍ତିକ ସାହୁ)

ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗତ ୭ ତାରିଖରେ ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ଛୁଟି ନିୟମ ସମ୍ପର୍କିତ ସ୍ପଷ୍ଟୀକରଣ ଚିଠି ପ୍ରତ୍ୟାହାର ନିର୍ଦ୍ଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହାଦ୍ୱାରା ସମସ୍ତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଆଶ୍ୱସ୍ତ ହୋଇଛନ୍ତି।

ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବ୍ଲକ୍ ଗ୍ରାଣ୍ଟ ପାଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଏବଂ ଛୁଟି ସମ୍ପର୍କିତ ଏକ ସ୍ପଷ୍ଟୀକରଣ ୨୦୧୧ ନଭେମ୍ବର ୨୩ ଚିଠି ନମ୍ବର ୫୨୧୬୪ରେ ଦିଆଯାଇଥିଲା। ଏଥିରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ଶିକ୍ଷା ନିୟମ ୧୯୭୪ ଏବଂ ଛୁଟି ୧୯୭୭ ନିୟମ ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଚିଠିକୁ ଆଧାରକରି ପ୍ରତ୍ୟେକ ମହାବିଦ୍ୟାଳୟରେ ଅଧକ୍ଷମାନେ ଛୁଟି ମଞ୍ଜୁର କରିଆସୁଥିଲେ। ଚାକିରି ସର୍ତ୍ତାବଳୀ ସମ୍ପର୍କିତ ଅନେକ ମାମଲା ହାଇକୋର୍ଟରେ ବହୁ ବର୍ଷ ଧରି ବିଚାରାଧୀନ ରହିଛି। ଏପରିସ୍ଥଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପରୋକ୍ତ ୨୦୧୧ ମସିହାର ଚିଠିକୁ ବିଭାଗୀୟ ଚିଠି ନମ୍ବର ୧୨୭୯ ମାଧ୍ୟମରେ କୌଣସି ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ବେଆଇନ ଭାବେ ଚଳିତ ଜାନୁଆରୀ ୭ ତାରିଖରେ ପ୍ରତ୍ୟାହାର କରିନିଆଯାଇଥିଲା। ଏହାକୁ ବିରୋଧ କରି ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ସଂଘ ଉପସଭପତି ସୁବିଙ୍କ୍ଷ ଗଡତ୍ୟା କେସ୍ ନମ୍ବର ଡବ୍ଲ୍ୟୁ.ପି.(ସି)୧୬୭୩/୨୦୨୫ ଏବଂ ଆଇ.ଏ. ନମ୍ବର ୮୭୮/୨୦୨୫ ମାଧ୍ୟମରେ ଏକ ପିଟିଶନ ହାଇକୋର୍ଟରେ ଦାଏର କରିଥିଲେ। ହାଇକୋର୍ଟ ମାମଲା ଶୁଣାଣି କରି ପ୍ରାଥମିକ ପର୍ଯ୍ୟାୟରେ ଉପରୋକ୍ତ ପ୍ରତ୍ୟାହାର ଚିଠି ଉପରେ ରହିତାଦେଶ ଜାରି କରିଛନ୍ତି। ସଂଘ ପକ୍ଷରୁ ଦାଏର ହୋଇଥିବା ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବୀ କୁନାଲ ସ୍ୱାଇଁ ଓ ଯୁବ ଆଇନଜୀବୀ କୌଶିକ୍ ସ୍ୱାଇଁ ପରିଚାଳନା କରୁଛନ୍ତି। ସଂଘ ସଭାପତି ମାନସ ପୁରୋହିତ ଏକ ବିବୃତି ମାଧ୍ୟମରେ ଚାକିରି ସର୍ତ୍ତାବଳୀ ସମ୍ପର୍କିତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ନିୟମିତ ପର୍ଯ୍ୟାୟରେ ଆନ୍ଦୋଳନ ଏବଂ ଅଦାଲତରେ ନ୍ୟାୟିକ ଲଢ଼େଇ ଅବ୍ୟାହତ ରହିବ ବୋଲି ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚିନ୍ମୟ



@ ଜଗଦୀଶ



@ ପ୍ରଦୀପ



@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଏସ୍‌ସିବିରୁ ମହିଳା ରୋଗୀ ନିଖୋଜ

କଟକ, ୨୮ା୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବର୍ନ ୱାର୍ଡରୁ ଜଣେ ମହିଳା ରୋଗୀ ମଙ୍ଗଳବାର ମଧ୍ୟାହ୍ନରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବୌଦ୍ଧ ଅଞ୍ଚଳର ସଂଯୁକ୍ତା ବୁଡେକ(୪୫)। ଏନେଇ ତାଙ୍କ ସ୍ୱାମୀ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଥିସହ ମେଡିକାଲର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସମ୍ପୃକ୍ତା ମହିଳାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ତାଙ୍କ ସ୍ୱାମୀ କହିଛନ୍ତି। ଉକ୍ତ ମହିଳାଙ୍କ ସମ୍ପର୍କରେ ସମସ୍ତ ଥାନାକୁ ଜଣାଇ ଦିଆଯାଇଛି ବୋଲି ମଙ୍ଗଳାବାଗ ଥାନାଧିକାରୀ ଉମାକାନ୍ତ ସାହୁ କହିଛନ୍ତି।

### ବାଇକ୍‌ରୁ ପଡ଼ି ଖବରକାଗଜ ବିତରକ ଆହତ

ସାଲେପୁର,୨୮ା୧(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସମଳା ଗ୍ରାମର ଖବରକାଗଜ ବିତରକ ଜୟନ୍ତ କୁମାର ଦାସ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯିବାରୁ ଆହତ ହୋଇଛନ୍ତି। ସେ ସକାଳୁ ବାଇକ୍‌ରେ ଖବରକାଗଜ ନେଇ ବିତରଣ କରିବାକୁ ଗଲାବେଳେ ଏହି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡ଼ିଛି।

### ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କୁ ସହାୟତା ରାଶି ମିଳିଲା

କଟକ ସଦର,୨୮ା୧(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାର ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ବର୍ଦ୍ଧିତ ହାରରେ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ସହାୟତା ରାଶି ପ୍ରଦାନ ପାଇଁ କଟକ ସଦର ବ୍ଲକ ପକ୍ଷରୁ ବିରିବାଟିଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ୫୦୦ ଜଣ ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କୁ ନଗଦ ଅର୍ଥ ପ୍ରଦାନ କରିଥିଲେ। ଏଥିରେ ବିଡିଓ ପ୍ରତୀକ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଦର୍ଶିନୀ ମହାପାତ୍ର, ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସୁରେଶ ଚନ୍ଦ୍ର ଜେନା, ହୃଷୀକେଶ ଜେନା, ସନ୍ତୋଷ କୁମାର ସାହୁ, ଆତ୍ମାର ସଭାପତି ରମାପଦ ବିଶ୍ୱାଳ, ଅମିତ୍ ମହାନ୍ତି, ଅଭୟ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଚିତ୍ତରଞ୍ଜନ ସାହୁ, କ୍ଷିତୀଶ ଚନ୍ଦ୍ର ମିତ୍ର ଓ ରଘୁନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିଡିଏରେ ମିଶିବ କଟକ ଜିଲ୍ଲାର ୧୦୨ ଗ୍ରାମ

କଟକ,୨୮ା୧(କାର୍ତ୍ତିକ ସାହୁ)

- କଟକ ସହରାଞ୍ଚଳ କଳେବର ବଢ଼ିବ
- ସିଡିଏ-ବିଡିଏ ସୀମା ପରସ୍ପରକୁ ଛୁଇଁବ
- ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା

କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀ ମଧ୍ୟରେ କୌଣସି ଗ୍ରାମାଞ୍ଚଳ ରହିବ ନାହିଁ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ସୀମା ପରସ୍ପରକୁ ଛୁଇଁବ। ଗତ ୨ ବର୍ଷ ତଳେ କରାଯାଇଥିବା ଏପରି ପରିକଳ୍ପନା ବାସ୍ତବ ରୂପ ନେବାକୁ ଯାଉଛି। ବିଡିଏ ଓ ସିଡିଏର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା କଟକ ଜିଲ୍ଲାର ୧୦୨ଟି ଗ୍ରାମକୁ ସିଡିଏ ସହ ମିଶାଇ ଦେବାର ଯୋଜନା ପ୍ରସ୍ତୁତ ହୋଇଛି। ଏହା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ରାଜ୍ୟ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଥିବା ଜଣାପଡିଛି।

ସୂଚନାନୁସାରେ, କଟକ ସହରର କଳେବର ଆହୁରି ବୃଦ୍ଧି ପାଇବ। କଟକ ସହରାଞ୍ଚଳ ମହାନଦୀ ଓ କାଠଯୋଡ଼ି ନଦୀ ମଧ୍ୟରେ ଆଉ ସୀମିତ ନ ରହି ଉଭୟ ପାର୍ଶ୍ୱକୁ ବଢ଼ିଚାଲିଛି। ଦ୍ରୁତ ସହରୀକରଣ ପ୍ରକ୍ରିୟାରେ କଟକ ଜିଲ୍ଲାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ସାମିଲ କରାଯାଇଛି। ଆଗକୁ ଆହୁରି ସମ୍ପ୍ରସାରିତ ହେବ କଟକ ସହର। କଟକର ସୀମା ସହ ଯୋଡ଼ି ହୋଇଯିବ ଭୁବନେଶ୍ୱର। ସିଡିଏ ଉପାଧ୍ୟକ୍ଷ ଅନାମ ଚରଣ ପାତ୍ରଙ୍କ ସୂଚନା ଅନୁସାରେ, ସିଡିଏ ସହ ମିଶିବାକୁ ଥିବା ସହର ଆଖପାଖର ୧୦୨ଟି ଗ୍ରାମରେ ସହରୀ ସୁବିଧା ଉପଲବ୍ଧ ରହିଛି। ଏବେ ସେଗୁଡ଼ିକୁ ସିଡିଏ ସହ ମିଶ୍ରଣ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା ଆଗାମୀ ଭବିଷ୍ୟତରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ରାସ୍ତାଘାଟ ଓ ଗୃହ ନିର୍ମାଣ ସରକାରୀ ନିୟମ ମୁତାବକ କରାଯିବ, ଯଦ୍ୱାରା ଲୋକମାନେ ଅସୁବିଧା ଭୋଗ କରିବେ ନାହିଁ। ସିଡିଏ ପକ୍ଷରୁ ଏ ନେଇ ସର୍ଭେ ଶେଷ କରାଯିବା ପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିବ ବୋଲି ପାତ୍ର କହିଛନ୍ତି।

ତେବେ ଏହି ଯୋଜନାର ସଫଳ ରୂପାୟନ ନେଇ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି ସିଡିଏ। ଗାଁରେ ସହର ଭଳି ସୁବିଧା ସୁଯୋଗ ମିଳିବା ନେଇ ବ୍ୟବସ୍ଥା କରାଯିବ। ପାନୀୟଜଳ, ବିଦ୍ୟୁତ୍, ପରିମଳ, ରାସ୍ତାଘାଟ ଆଦିର ଉନ୍ନତ ସୁବିଧା ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବାଙ୍କୀ ଓ କଟକ ସଦର ନିର୍ବାଚନମଣ୍ଡଳୀର ୨୮୭ ଗ୍ରାମ ସିଡିଏ ସହ ମିଶିଥିଲା।

### ଚୌଦ୍ୱାର କଲେଜରେ ସଂସ୍କୃତ ବିଭାଗର ଆଲୋଚନାଚକ୍ର

ଚୌଦ୍ୱାର,୨୮ା୧(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ସଂସ୍କୃତ ବିଭାଗର ବାର୍ଷିକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ନିରଞ୍ଜନ ପତି ଅତିଥି ଭାବେ ଯୋଗଦେଇ ଆଧୁନିକ ସମୟରେ ସଂସ୍କୃତର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସସ୍ମିତା କର କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ତନୁଶ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ନିପୁଣ ଓଡ଼ିଶା ମେଳା

ଚୌଦ୍ୱାର,୨୮ା୧(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ନିପୁଣ ଓଡ଼ିଶା ମେଳା ବିଦ୍ୟାପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ରାଜେଶ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗ କ୍ଲଷ୍ଟରର ଦୁଇଟି ବିଦ୍ୟାଳୟରୁ ୧୪୦ ଜଣ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ମୌଳିକ ଭାଷା ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ବିଇଓ କୁନ୍ତଳା ଖଟୁଆ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ, ପୂର୍ବତନ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ସେହିପରି ଯାଜଭୈରବ ନୂଆଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ନିପୁଣ ଓଡ଼ିଶା ମେଳା ଆଗ୍ରାହାଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ସଂଯୋଜକ ଶିବାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଷମା କୁମାରୀ ଦେଇ, ସାମାଜିକ କର୍ମୀ ସହଦେବ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସନାତନ ଦେହୁରୀ, କରୁଣାକର ବେହେରା, ପବିତ୍ର କୁମାର ଦେବତା, ସରୋଜ କୁମାର ଦେହୁରୀ, ଅଜୟ ଦେହୁରୀ, ମୀନାକ୍ଷୀ ଦାସ, ରୋଜାଲିନ ରାଉତ, ସୁଜାତା କାନୁନ୍‌ଗୋ, ଆରତୀ କୁମାରୀ ସ୍ୱାଇଁ ଓ ପଦ୍ମାଳୟା ରଥଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଯୋଗଦେଇଥିଲେ। ରଞ୍ଜିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ପାଲା ମହୋତ୍ସବର ମଙ୍ଗଳବାର ଉଦ୍‌ଘାଟନୀ ସନ୍ଧ୍ୟାରେ ପାଲାଗାୟକ ଯୋଗେନ୍ଦ୍ର ମାର୍ଥାଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ‘ଓଡ଼ିଶାର ପାଲା ପରମ୍ପରା ଅତ୍ୟନ୍ତ ସମୃଦ୍ଧ’

**ପାଲା ମହୋତ୍ସବ ଉଦ୍‌ଘାଟିତ**

କଟକ,୨୮ା୧(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଦୁଇଦିନିଆ ପାଲା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶ ଏହାକୁ ଉଦ୍‌ଘାଟନ କରି ଓଡ଼ିଶାର ପାଲା ପରମ୍ପରା ଅତ୍ୟନ୍ତ ସମୃଦ୍ଧ ବୋଲି କହିଥିଲେ। ମୁଖ୍ୟ ଅତିଥି ସଂସ୍କୃତିବିଦ୍ ତଥା ସାହିତ୍ୟିକ ରାଜକିଶୋର ଦାଶ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ପୃଷ୍ଠପୋଷକତା କରି ପାଲା ଏହାକୁ ସମୃଦ୍ଧ କରିଛି ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ଓ ବିଶ୍ୱମିତ୍ର ମିଶ୍ର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ପାଲାଗାୟକ ଯୋଗେନ୍ଦ୍ର ମାର୍ଥାଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ମୃଦଙ୍ଗବାଦକ ପୀତବାସ ବରାଡ଼, ସଙ୍ଗୀତ ଶିଳ୍ପୀ ପରିକ୍ଷିତ ବେହେରା, ଗୋପୀନାଥ ମହାପାତ୍ର, ତ୍ରିନାଥ ବେହେରା ଓ ସୁକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତ ଓ ଭଗବାନ ଶୀର୍ଷକରେ ପାଲା ପରିବେଷିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହୀ ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ମୁରଲୀଧର ଶତପଥୀ, ଶଶିକାନ୍ତ ରାଉତ, ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ, ସୁରେନ୍ଦ୍ର ନାଥ ଛୋଟରାୟ, ଗଜେନ୍ଦ୍ର କୁମାର ପାଣିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

### ବାଦାମବାଡ଼ି ଖବରକାଗଜ ବିତରକ ସଂଘର ଭ୍ରମଣ



କଟକ,୨୮ା୧(କାର୍ତ୍ତିକ ସାହୁ)

ବାଦାମବାଡ଼ି ଖବରକାଗଜ ବିତରକ ସଂଘ ପକ୍ଷରୁ ସମ୍ବଲପୁର ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୬ ଛୁଟି ଉପଲକ୍ଷେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସମ୍ବଲପୁରର ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଯାଇଥିଲେ। ସେମାନେ ପ୍ରଥମେ ହୁମାଢୁମା ମନ୍ଦିର ଦର୍ଶନ ପରେ ନେହେରୁ ମିନାର, ଜିରୋ ପଏଣ୍ଟ, ଘଣ୍ଟେଶ୍ୱରୀ ଏବଂ ସମଲେଶ୍ୱରୀଙ୍କୁ ଦର୍ଶନ କରି କଟକ ଫେରିଆସିଥିଲେ। ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ପରିଭ୍ରମଣ ଓ ବଣଭୋଜି ଆୟୋଜନ ହୋଇଥିଲା।




ବସ୍ତିରେ ସ୍ମାର୍ଟ ମିଟର ଲଗାଣ ବନ୍ଦ ସହ ବିଭିନ୍ନ ଦାବି ନେଇ କଟକ ରାଣୀହାଟସ୍ଥିତ ବିଦ୍ୟୁତ୍ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଛାତ୍ରୀଛାତ୍ର ସୁନାଗରିକ ହୁଅନ୍ତୁ

କଟକ,୨୮ା୧(କାର୍ତ୍ତିକ ସାହୁ)



ଯୋବ୍ରା ହାଇସ୍କୁଲର ବାର୍ଷିକ ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।

କଟକସ୍ଥିତ ଯୋବ୍ରା ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଡାକ୍ତର ଉମେଶ ରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ମୁଖ୍ୟବକ୍ତା ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ଲ୍ୟୁଟ୍‌ନାଣ୍ଟ ଦେବବ୍ରତ ମୋଇତ୍ରୀ, ଜିଲ୍ଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ, ବିଦ୍ୟାଳୟ ପ୍ରତିଷ୍ଠାତା ଧନେଶ୍ୱର ଦାସ, ପୁରାତନ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଭଲ ପାଠ ପଢ଼ି ସୁନାଗରିକ ହେବା ପାଇଁ କହିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ମନୋରଞ୍ଜନ ଜେନା, କର୍ପୋରେଟର ଝିଲୀ ବିହାରୀ, ପଦ୍ମଜା ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ବିଦ୍ୟାର୍ଥୀ ପରିଷଦର ଆବାହକ ଅମ୍ବିକା ପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ।

# ‘କର୍ତ୍ତବ୍ୟ ଆଦର୍ଶ ହେଲେ ସଫଳତା ପାଇବ’

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ତମ ସାମ୍ବତ୍ସରିକ ଉତ୍ସବ**

- ଡ.ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପ୍ରାଣନାଥ ସମ୍ମାନ, ଡ.ଶତ୍ରୁଘ୍ନ ପାଣ୍ଡବଙ୍କୁ ମଞ୍ଜରୀ ଦେବୀ ସାହିତ୍ୟ ସମ୍ମାନ ପ୍ରଦାନ

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ଦେଶର ଏକ ପ୍ରମୁଖ ସମ୍ବଳ ହେଉଛି ଯୁବ ସମାଜ। ଯୁବପିଢ଼ିଙ୍କଠାରୁ ଦେଶ ବହୁତ କିଛି ଆଶା ରଖିଛି। ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ସ୍ୱପ୍ନ ପୂରଣ ଦିଗରେ ଯୁବସମାଜଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରୀଛାତ୍ର, ଯୁବପିଢ଼ି ଦେଶର ଆଗାମୀ ଭବିଷ୍ୟତ ବୋଲି ମଙ୍ଗଳବାର ଅନୁଷ୍ଠିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ତମ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହା କହିଛନ୍ତି।

ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନୋଦିନୀ ମିଶ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ବକ୍ତା, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭାରତ ପାଣିପାଗ ବିଜ୍ଞାନ ବିଭାଗ ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର, କବି ତଥା ସାହିତ୍ୟିକ ଡ.ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷ ଡ.ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପ୍ରାଣନାଥ ସମ୍ମାନ ଏବଂ କବି ଡ.ଶତ୍ରୁଘ୍ନ ପାଣ୍ଡବଙ୍କୁ ମଞ୍ଜରୀ ଦେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ମାନର ପ୍ରତ୍ୟୁତ୍ତରରେ ଡ.ମହାପାତ୍ର କହିଥିଲେ, ଏକ ନିପଟ ମଫସଲ ଗାଁରୁ ଦିଲ୍ଲୀ, ପୁଣି ସେଠାରୁ ଜେନେଭା ପର୍ଯ୍ୟନ୍ତ ଯାତ୍ରା ପଛରେ ନିରନ୍ତର ପ୍ରଚେଷ୍ଟା, ସମସ୍ତଙ୍କ ସ୍ନେହ, ଭଲପାଇବା ରହିଛି। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ଛାତ୍ରଙ୍କ ଏକମାତ୍ର ଲକ୍ଷ୍ୟ ହେଉଛି ବିଦ୍ୟାଧନ। ସାବରମତି ଆଶ୍ରମରେ ଗାନ୍ଧୀଙ୍କ ବାଣୀ ଉପସ୍ଥାପନ କରି କହିଲେ କାମ ନାହିଁ ତ, ଖାଇବା ମନା। ଯେଉଁ କ୍ଷେତ୍ରରେ କାମ କରୁଛନ୍ତି ସେଥିରେ ନିଷ୍ଠା, ଏକାଗ୍ରତା ଜରୁରୀ। କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ଆଦର୍ଶ ଭାବେ ଗଢ଼ିବାକୁ କହିଥିଲେ। ଭଲ ପାଠପଢ଼ି ପ୍ରଗତି ପଥରେ ଆଗେଇଯିବାକୁ ଆହ୍ୱାନ କରିଥିଲେ। ସେହିପରି ସାହିତ୍ୟିକ ପାଣ୍ଡବ କହିଥିଲେ, ଉତ୍କୃଷ୍ଟ ସମରକଳା, କଳା, ସଂସ୍କୃତି ଐତିହ୍ୟର ପ୍ରାଣବିନ୍ଦୁ ହେଉଛି ଖୋର୍ଦ୍ଧା। ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥଙ୍କ ନାମରେ ନାମିତ ଏହି ମହାବିଦ୍ୟାଳୟର ଗୌରବ ଅକ୍ଷୁଣ୍ଣ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ବିଭାଗ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ଶାସନ ସଚିବ ପତି କହିଥିଲେ, ପରୀକ୍ଷାରେ ବିଫଳ ହେଲେ ଭାଙ୍ଗି ନ ପଡ଼ି ଉଦ୍ୟମ ଜାରି ରଖ। ବିଫଳତା ପଛରେ ସଫଳତା ରହିଛି। ଏକ ଗଠନମୂଳକ ସମାଜରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ପାଇଁ ଉଦ୍ୟମ ଜାରି ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ବିଧାୟକ ଜଗଦ୍ଦେବ କହିଥିଲେ, ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ, ଭଲ ପାଠପଢ଼ି ମହାବିଦ୍ୟାଳୟ ଏବଂ ମା’ବାପାଙ୍କ ଗୌରବ ରଖନ୍ତୁ। ବିକଶିତ ଭାରତ ଗଠନର କର୍ଣ୍ଣଧାର ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ପଟ୍ଟନାୟକ କହିଥିଲେ, ୬୬ବର୍ଷ ତଳେ ଏକ ଟାଙ୍ଗରା ଭୂଇଁରୁ ଗଢ଼ି ଉଠିଥିବା ମହାବିଦ୍ୟାଳୟ ଏକ କଳ୍ପବଟରେ ପରିଣତ ହୋଇଛି। ୧୯୫୮ମସିହାରେ ଆଜିର ଦିନରେ କଲେଜ ସ୍ଥାପନା ହୋଇଥିବା ବେଳେ ୧୯୬୯ରେ ପାଠପଢ଼ା ଆରମ୍ଭ ହୋଇଥିଲା। ଅନ୍ୟତମ ସମ୍ମାନିତ ବକ୍ତା ମହାନ୍ତି କହିଥିଲେ, କେବଳ ଭଲ ମାର୍କ ରଖିବା ପାଇଁ ପାଠ ପଢିଲେ ହେବନି, ଗବେଷଣାତ୍ମକ ମନୋଭାବ, ଜିଜ୍ଞାସା ରଖିବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଲୋକ୍ଟ୍ରୋନିକ୍ସ ବିଭାଗ ଶେଷବର୍ଷ ଛାତ୍ର ସୋମନାଥ ପରିଡାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ମିଶ୍ର ସ୍ୱାଗତ ଭାଷଣ ସହିତ ମହାବିଦ୍ୟାଳୟର ଗୌରବମୟ ଇତିହାସ ପାଠ କରିଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ମଞ୍ଚ ସଂଯୋଜନା ସହ ପରିଚାଳନା ସମିତି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ବାର୍ତ୍ତା ପଠନ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଣବ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷା ଡ.ଅଜନ୍ତା ଶତପଥୀଙ୍କୁ ସମ୍ମାନିତ କରାଯାଇଛି। ଏଥିସହିତ ଅବସରପ୍ରାପ୍ତ ଅଧ୍ୟାପକ, ମହାବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର, ବିଭିନ୍ନ ବିଭାଗୀୟ ଟପ୍ପରଙ୍କୁ ପୁରସ୍କୃତ କରାଯାଇଛି। ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ବିନ୍ଦୁଶ୍ରୀ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କଠାରୁ ଡ.ମୃତ୍ୟୁଞ୍ଜୟ ମହାପାତ୍ର ପ୍ରାଣନାଥ ସମ୍ମାନ, ଡ.ଶତ୍ରୁଘ୍ନ ପାଣ୍ଡବ ମଞ୍ଜରୀ ଦେବୀ ସାହିତ୍ୟ ସମ୍ମାନ ଗ୍ରହଣ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚିନ୍ମୟ



@ ଜଗଦୀଶ



@ ପ୍ରଦୀପ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଗ୍ୟାରେଜ ମାଲିକ ମୃତ

**ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ବ୍ଲକ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଗ୍ୟାରେଜ ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଣାପଞ୍ଜରୀ ଗ୍ରାମରେ ମହମ୍ମଦ ସନ୍(୩୪)। ସୂଚନା ମୁତାବକ, ଜଟଣୀ ବ୍ଲକ କାର୍ଯ୍ୟାଳୟକୁ ଲାଗି ମହମ୍ମଦଙ୍କ ଏକ ଗ୍ୟାରେଜ ରହିଛି। ମହମ୍ମଦ ଅପରାହ୍ଣରେ ଗ୍ୟାରେଜ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ଖୋର୍ଦ୍ଧାପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ ତାଙ୍କୁ ପଛରୁ ଧକ୍କାଦେବା ସହ କିଛିବାଟ ଆଗକୁ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଜଟଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଅବକାରୀ ଚଢ଼ାଉ, ୩୪୦ଲିଟର ପୋଚ ନଷ୍ଟ

**ବେଗୁନିଆ,୨୮।୧(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଏବଂ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମିଳିତଭାବେ ଚଢ଼ାଉ କରାଯାଇ ୩୪୦ ଲିଟର ପୋଚ ନଷ୍ଟ କରାଯାଇଛି। ଜିଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳ, ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି ଏବଂ ବେଗୁନିଆ ଅବକାରୀ ଥାନା ଏଏସ୍‌ଆଇ ରାଜେନ୍ଦ୍ର ଖେସଙ୍କ ସହ କର୍ମଚାରୀମାନେ ଖୋର୍ଦ୍ଧା ଜିଲା ସଦର ଅବକାରୀ ଥାନା ଏବଂ ବେଗୁନିଆ ବ୍ଲକ ଅନ୍ତର୍ଗତ ବରପଦା ଜଙ୍ଗଲରେ ଦେଶୀମଦ ପ୍ରସ୍ତୁତ ହେଉଥିବା ବେଳେ ସେଠାରେ ଚଢ଼ାଉ କରି ୩୪୦ ଲିଟର ପୋଚ ଜବତ କରି ନଷ୍ଟ କରିଛନ୍ତି। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକ ମୃତ

**ନିରାକାରପୁର,୨୮।୧ (ମାନସ ଚନ୍ଦ୍ର ପଟ୍ଟନାୟକ):** ୧୬ନମ୍ବର ଜାତୀୟ ରାଜପଥର ସୁନେଇ ରୁପେଇ ଛକଠାରେ ରାସ୍ତାର ଡିଭାଇଡରରେ ବାଇକ୍ ପିଟିହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ା ଗ୍ରାମର ଶେଖ ଆଜାଦ(୨୪)। ସୂଚନା ମୁତାବକ, ଖୋର୍ଦ୍ଧାରୁ ବାଇକ୍(ଓଆର ବିପି ୬୨୮୮)ରେ ଆଜାଦ ଦୀକ୍ଷିତପଡ଼ାକୁ ଫେରୁଥିବା ବେଳେ ରାସ୍ତାର ଡିଭାଇଡରରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ନିରାକାରପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି।

## ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

ବୋଲଗଡ଼,୨୮।୧(ଦେବବ୍ରତ ହୋତା)

ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆର୍ଥିକ ସହାୟତାରେ ଏକ ସପ୍ତାହ ଧରି ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ବିଶ୍ୱମୋହନ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ୫୦ଜଣ ଶିବିରାର୍ଥୀ ବିଭିନ୍ନ ଦିବସରେ ପରିମଳ ଓ ପରିବେଶ ସୁରକ୍ଷା, ଚକ୍ଷୁ ଚିକିତ୍ସା ଶିବିର, ଏଡ୍ସ ସଚେତନତା, ମ୍ୟାଲେରିଆ ନିରାକାରଣ ସଚେତନତା, ଚାରାରୋପଣ, ନାରୀ ଶିକ୍ଷାର ବିକାଶ ଏବଂ ଯୌତୁକ ନିରାକରଣ ସମ୍ପର୍କରେ ବଜାର ଓ ଗ୍ରାମ ପରିକ୍ରମା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରିଥିଲେ। ଉଦ୍‌ଯାପନ ସଭାରେ ଅଧ୍ୟକ୍ଷ ତପନ ଜେନାଙ୍କ ପୌରୋହିତରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷାବିତ୍ ଭାଗୀରଥି ସାହୁ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲା ଏନ୍‌ଏସ୍‌ଏସ୍ ସଂଯୋଜକ ରଘୁନାଥ ମଣ୍ଡଳ ଏବଂ ସମ୍ମାନିତ ଅତିଥିଭାବେ ରାମଚନ୍ଦ୍ର ଜେନା, ଭଗବାନ ଜେନା, ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିବିରାର୍ଥୀଙ୍କୁ ଯୋଗଦାନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଜାତୀୟ ସେବା ଶିବିର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ତ୍ରିଲୋଚନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅମୀୟବାଳା ନନ୍ଦ, ପଦ୍ମାଳୟା ମହାରଣା, ଗାୟତ୍ରୀ ଦାଶ, ଚାରୁଲତା ନାୟକ, ଅଧ୍ୟାପକ ଉମାକାନ୍ତ ଓଝା, ସମୀର ଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ କେଦାରନାଥ ନାୟକ ଧନ୍ୟବାଦ ଦେଇଥିଲେ।



## ମଣ୍ଡଳସ୍ତରୀୟ ପରିବେଶ ପ୍ରଦର୍ଶନୀ ମେଳା

ଟାଙ୍ଗୀ,୨୮।୧(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସୁଧାଂଶୁ ମଞ୍ଜରୀ ଦେବୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ସଂଯୋଜକ ନୀଳାଦ୍ରି ସିଂହ, ସିଆର୍‌ସିସି ପ୍ରଶାନ୍ତ ମହାପାତ୍ର, ବିଶ୍ୱଜିତ୍ ପଲେଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଚାରକଭାବେ ଯଜ୍ଞେଶ୍ୱର ଯୁଝାରସିଂହ ଏବଂ ମନ୍ମଥ ନାୟକ ଯୋଗଦେଇ ୭ଜଣ ଶିକ୍ଷାର୍ଥୀଙ୍କୁ ଜିଲାସ୍ତର ପାଇଁ ମନୋନୀତ କରିଥିଲେ। ସେମାନେ ହେଲେ ଅଜିତ କୁମାର ଜଗଦ୍ଦେବ, ପ୍ରିୟଙ୍କା ପେଣ୍ଟଇ, ସାସ୍ୱତ କୁମାର ଦାସ, ଲୋପାମୁଦ୍ରା ପ୍ରଧାନ, ସ୍ୱର୍ଣ୍ଣ ହରିଚନ୍ଦନ, ସୁଚିତ୍ରା ଯୁଝାରସିଂହ ଏବଂ ଶୁଭଶ୍ରୀ ସେନାପତି। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି, ଦୁଃଶାସନ ପ୍ରଧାନ, ସପନ ସରଦାର, ଦେବାନନ୍ଦ ବେହେରା, କାହ୍ନୁ ବେହେରା, ବିଜୟ କୁମାର ମାନସିଂହ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ୧୦ଲକ୍ଷ ଟଙ୍କାର ସୁନାଅଳଙ୍କାର ଜବତ, ୨ ଗିରଫ

**ବନ୍ଧୁକ ଦେଖାଇ ସୁନା ଅଳଙ୍କାର, ଟଙ୍କା ଲୁଟ୍ ଘଟଣା**

ବାଣପୁର,୨୮।୧(ଦିଲୀପ ସ୍ୱାଇଁ)

ବାଣପୁର ବଜାରରେ ଜଣେ ସୁନାଅଳଙ୍କାର କାରିଗରଙ୍କୁ ବନ୍ଧୁକ ଦେଖାଇ ସୁନାଅଳଙ୍କାର ଏବଂ ଟଙ୍କା ଲୁଟ୍ ଘଟଣାରେ ସ୍ଥାନୀୟ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସେକ୍ ଅଜିଦ(୨୫) ଏବଂ ଜଗନ୍ନାଥପୁର ଗ୍ରାମର ଅମିତ ପଣ୍ଡା(୨୪ )। ଏମାନଙ୍କ ନିକଟରୁ ୧୫୦ଗ୍ରାମ ସୁନାଅଳଙ୍କାର ଜବତ ହୋଇଛି।ଏହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

ସୂଚନାଥାଉ କି, ୨୦୨୪ ଫେବୃଆରୀ ୨୮ତାରିଖ ରାତିରେ ସୁନାଅଳଙ୍କାର କାରିଗର ଦିଲୀପ କୁମାର ପାଲ ବାଣପୁର ବଜାର ପାଣିସାହି ନିକଟ ଦୋକାନ ବନ୍ଦ କରି ଏକ ବ୍ୟାଗରେ ମରାମତି ନିମନ୍ତେ ଗ୍ରାହକମାନେ ଦେଇଥିବା ୧୫୦ଗ୍ରାମ ସୁନାଅଳଙ୍କାର ଏବଂ ୬୦ହଜାର ଟଙ୍କା ନେଇ ରଘୁନାଥ ସାହିସ୍ଥିତ ଘରକୁ ଫେରୁଥିଲେ। ତେବେ ଦିଲୀପ ଘରକୁ ପ୍ରବେଶ କରିବା ସମୟରେ ହଠାତ ଘର ନିକଟରେ ପୂର୍ବରୁ ଛପିଥିବା ଦୁଇ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦିଲୀପଙ୍କୁ ବନ୍ଧୁକ ଓ ଖଣ୍ଡା ଦ୍ୱାରା ଭୟଭୀତ କରାଇବା ସହ ଅଳଙ୍କାର ବ୍ୟାଗ ଏବଂ ଦିଲୀପଙ୍କ ସ୍ତ୍ରୀଙ୍କ ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ଘର ଭିତରେ ବନ୍ଧକ ରଖି ବାହିପଟୁ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ବୋଲି ଦିଲୀପ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଦି ଫାଇଟର କ୍ଲବ୍ ଚାମ୍ପିୟନ

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହାଡ଼ପଦାଠାରେ ମା’ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଦ୍ୱିତୀୟ ସଂସ୍କରଣ ପ୍ରିମିୟର ଲିଗ୍-୨୦୨୫ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଦି ଫାଇଟର କ୍ଲବ ଚାମ୍ପିୟନ ହୋଇଛି। କ୍ଲବ ସଭାପତି ଦିବାକର ଭୋଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ଭାଜପା ନେତା ରଶ୍ମିରଞ୍ଜନ ମହାପାତ୍ର, ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ, ଶୁଶାନ୍ତ ଗୁମାନସିଂହ, ଶରତ ଚନ୍ଦ୍ର ତ୍ରିପାଠୀ, ବିଜୟ ବେହେରା, ଅବକାଶ ମହାନ୍ତି, ଯୁଧିଷ୍ଠିର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବାଇକ୍ ଚୋର ଗିରଫ, ୪ ବାଇକ୍ ଜବତ

**୨ ଅଭିଯୋଗକାରୀ ଫେରିପାଇଲେ ବାଇକ୍**

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ପୋଲିସ ଜଣେ ଭେଟେରାନ ବାଇକ୍ ଲୁଟେରାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବେଗୁନିଆ ଥାନା ବେଗୁନିଆ(ନୂଆସାହି)ର ସର୍ବେଶ୍ୱର ବାରିକ ଓରଫ ସୋନୁ(୨୬)। ତାଙ୍କ ନିକଟରୁ ୪ଟି ବାଇକ୍ ଜବତ ହୋଇଛି। ସେଥିରୁ ୨ଜଣ ଅଭିଯୋଗକାରୀଙ୍କୁ ଚୋରି ଯାଇଥିବା ବାଇକ୍ ଫେରାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ ୨୮/୨୫) ରୁଜୁ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ସାମନ୍ତରାପୁରର ଲକ୍ଷ୍ମୀଧର ଖଟୁଆ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଗତ ୨୨ ତାରିଖ ସକାଳେ ବାଇକ୍(ଓଡି୨୫ଜେ-୯୭୩୯)ରେ ମହିଳା ଓ ଶିଶୁ ମଙ୍ଗଳ କେନ୍ଦ୍ର(ଏମସିଏଚ)କୁ ଆସି ପାର୍କିଂସ୍ଥଳରେ ପାର୍କ କରିଥିଲେ। ଚିକିତ୍ସା ସାରି ଫେରିବା ପରେ ବାଇକ ପାଇ ନ ଥିଲେ। ସିସିଟିଭି ଫୁଟେଜରୁ ଜଣେ ଯୁବକ ବାଇକ ନେଇଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ତେବେ ମେଡିକାଲ ପରିସରରୁ ବାରମ୍ବାର ବାଇକ ଚୋରି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଅନୀଲ ମହାନ୍ତି, ଥାନାଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏସ୍‌ଆଇ ବି.କେ. ପଟ୍ଟନାୟକ, ଏସ.ଦାସ, ପି.କେ ପରିଡା, ଏଏସ୍‌ଆଇ ଏସ୍.କେ ସାହୁଙ୍କ ସମେତ କନଷ୍ଟେବଲ ଏ.ଏମ୍ ଖାନ ପ୍ରମୁଖ ସାମିଲ ହୋଇଥିଲେ। ପୋଲିସ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିଥିଲା।



## ‘ଭଲ ପାଠପଢ଼ି ସୁନାଗରିକ ହୁଅ’



କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ପ୍ରାକ୍ଟିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ନବକିଶୋର ମହାପାତ୍ର ସଭାପତିତ୍ୱ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ୧୯୦୧ମସିହାରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସ୍ମୃତିଚାରଣ ସହ ପିଲାଙ୍କୁ ଏକାଗ୍ର ଚିତ୍ତରେ ପାଠପଢି ବିଦ୍ୟାଳୟ ଗୌରବ ବଢ଼ାଇବାକୁ କହିଥିଲେ। ଭଲପାଠ ପଢି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ.ତାପସ କୁମାର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ଶିଶୁର ସର୍ବାଙ୍ଗୀନ ବିକାଶରେ ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ରହିଛି। ଶିଶୁର ଶୈକ୍ଷିକ, ସୃଜନଶୀଳତା, ଦକ୍ଷତା, ବିକାଶ ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି। ବରୁଣେଇ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜନାଥ ରଥ, ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସ୍ଥାନୀୟ କାଉନସିଲର ପ୍ରବୀଣା ଜଗଦ୍ଦେବରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପୌରାଞ୍ଚଳ-୧ ସିଆରସିସି ଓ ପରିଚାଳନା ସମିତି ସଭାପତିଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଜେନା, ଅର୍ଚ୍ଚନା କର, ସଞ୍ଜୁକ୍ତା ସାହୁଙ୍କ ସମେତ ପରିଚାଳନା ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଶିକ୍ଷକ କେଶବ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସେମିରେ ପତିତପାବନ ୟୁଥ୍ କ୍ଲବ୍ ଅତ୍ରି

**ମା’ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ**

**ବୋଲଗଡ଼/କଳାପଥର,୨୮।୧ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ):** ବୋଲଗଡ଼ ବ୍ଲକ ଅଧୀନ କୋଦୁଅବେରେଣି ଖେଳପଡ଼ିଆରେ ଚାଲିଥିବା ତ୍ରୟୋଦଶ ରାଜ୍ୟସ୍ତରୀୟ ମା’ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଢେଙ୍କାନାଳର ସୂର୍ ପ୍ରତାପ କ୍ରିକେଟ କ୍ଲବ ଏବଂ ଅତ୍ରିର ପତିତପାବନ ୟୁଥ୍ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଢେଙ୍କାନାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୨୪୭ରନ ସଂଗ୍ରହ କରିଥିଲା। ଜବାବରେ ଅତ୍ରି ଟିମ୍ ୧୯ଓଭର ରେ ୨୫୦ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିନୟ ପାଇକରାୟ ଏବଂ ପାର୍ଥସାରଥୀ ରାୟଗୁରୁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ନରେଶ ସାହୁ ଏବଂ ମନୋଜ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ସଂଗ୍ରାମ ମାଝୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଲେଶ୍ୱର,୨୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ଭେଲୋରା ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ପଛପଟୁ ଏକ ଟ୍ରେଲର ଧକ୍କା ଦେବାରୁ ଜଣେ ନବ ବିବାହିତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ସୋର ଥାନା ବେଲପୁର ଅଞ୍ଚଳର ଜବୁ ବକ୍କର ସିଦ୍ଦିକଙ୍କ ସ୍ତ୍ରୀ କରିସ୍ମା ଖାତୁନ(୨୮)। ଏ ନେଇ ବସ୍ତା ଥାନାରେ ଏକ ମାମଲା (ନଂ.୧୫/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଟ୍ରେଲର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଜବୁ ବକ୍କର ସିଦ୍ଦିକ ଭୋଗରାଇ ଥାନା ଚନ୍ଦନେଶ୍ୱର ଅଞ୍ଚଳରେ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଗତ ଜାନୁଆରୀ ୧୦ ତାରିଖରେ କରିସ୍ମାଙ୍କୁ ବିବାହ କରିଥିଲେ। ଚନ୍ଦନେଶ୍ୱରରୁ ସ୍କୁଟି ଯୋଗେ ମଙ୍ଗଳବାର ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଉଭୟେ ଘରକୁ ଯାଉଥିଲେ। ଜାତୀୟ ରାଜପଥର ଭେଲୋରା ଛକ ନିକଟ ହମ୍ପସ୍ ପାରି ହେଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରେଲର (ନଂ.-ଆର୍‌ଜେ୦୬ଜିଡ଼ି-୯୪୭୩) ସ୍କୁଟିକୁ ଧକ୍କା ଦେଇଥିଲା। ଉଭୟ ସ୍କୁଟିରୁ ରାଜପଥ ଉପରକୁ ଛିଟିକି ପଡ଼ିଥିଲେ। ଟ୍ରେଲରଟି କରିସ୍ମାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଜବୁଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଉକ୍ତ ଛକ ନିକଟରେ ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ, ତହସିଲଦାର ରାଧାରଞ୍ଜନ ଦାସ, ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ଦାସ ଜିଲାପାଳ ଏବଂ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ ଆଲୋଚନା କରି ୨୦ ଦିନ ମଧ୍ୟରେ ଉକ୍ତ ଛକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫** ଅପରାହ୍ନ ୦୨.୦୦ଟା ଅଟେ।
**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

# ମାଟି ଅତଡ଼ା ଖସି ପୋତି ହୋଇଗଲା ମେଶିନ



## ହିଙ୍ଗୁଳା କୋଇଲା ଖଣିରେ ଦୁର୍ଘଟଣା

ତାଳଚେର, ୨୮।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ହିଙ୍ଗୁଳା କୋଇଲା ଖଣିରେ ମଙ୍ଗଳବାର ଭୋର୍ ସମୟରେ ମାଟି ଅତଡ଼ା ଖସିବାରୁ ତଳେ ଥିବା ବହୁ ମେଶିନ ପୋତି ହୋଇଯାଇଛି। ସୂଚନା ଅନୁଯାୟୀ, ହିଙ୍ଗୁଳା ଖଣିରେ ଏକ ଘରୋଇ କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ଭୋର୍ ପ୍ରାୟ ୪ଟାରେ ହଠାତ ବିରାଟ ମାଟି ଅତଡ଼ା ଖସିଥିଲା। ଏଥିରେ କୌଣସି କର୍ମଚାରୀ, ଶ୍ରମିକ ଆହତ ହୋଇ ନ ଥିବା ବେଳେ କେତୋଟି ମେଶିନ ମାଟି ଅତଡ଼ା ତଳେ ରହିଯାଇଥିଲା। ଖବରପାଇ ଖଣି କର୍ତ୍ତୃପକ୍ଷ ବଡ଼ ମେଶିନ ଦ୍ୱାରା ମାଟି ଅତଡ଼ା ସଫା କରିବା ପରେ ପୋତିହୋଇ ରହିଥିବା ମେଶିନଗୁଡ଼ିକୁ ବାହାର କରାଯାଇଥିଲା। କୋଲ୍ ମାଇନିଂ ନିୟମାବଳୀ ଅନୁସରଣ କରା ନ ଯାଇ ଖନନ କାର୍ଯ୍ୟ କରାଯାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ ହେଉଛି। ଡିଜିଏମ୍‌ଏସ୍ ପ୍ରତି ୧୫ ଦିନ ବ୍ୟବଧାନରେ ଖଣିଗୁଡ଼ିକୁ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରୁଥିବା ବେଳେ ଖଣିର ବେଞ୍ଚଗୁଡ଼ିକୁ କିପରି ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ କଟାଯାଉଛି ଏବଂ ବେଞ୍ଚର ଗଡ଼ାଣିକୁ ୨୦ ଡିଗ୍ରୀ କରାଯାଉଛି ତାହା ତଦନ୍ତ ସାପେକ୍ଷ। ଘଟଣା ସମ୍ପର୍କରେ ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ୨ ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୮।୧ (ଅନୁରାଧା ମହାରଣା)

ରାଜ୍ୟରେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୪.୦ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବନାହିଁ। ତେବେ ପରବର୍ତ୍ତୀ ଦୁଇଦିନ ତାପମାତ୍ରା ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ମଙ୍ଗଳବାର ନୟାଗଡ଼, କଟକ, ଖୋର୍ଦ୍ଧା, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଜିଲାରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳିଥିଲା। ଆସନ୍ତା ଦୁଇଦିନ ବିଭିନ୍ନ ଜିଲାରେ ଘନ କୁହୁଡ଼ିର ଆସ୍ତରଣ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।






## ଫେବୃଆରୀରେ ଆମେରିକା ଯାଇପାରନ୍ତି ମୋଦି



ୱାଶିଂଟନ,୨୮।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା କରିପାରନ୍ତି। ଏନେଇ ନିଜେ ଟ୍ରମ୍ପ ସୂଚନା ଦେଇଛନ୍ତି। ସୋମବାର ଟ୍ରମ୍ପ ଏୟାରଫୋର୍ସ ୱାନ୍ ବିମାନରେ ଫ୍ଲୋରିଡାରୁ ଜଏଣ୍ଟ ବେସ୍ ଅଣ୍ଡ୍ରୁସ୍‌କୁ ଫେରୁଥିବାବେଳେ ଖବରଦାତାମାନଙ୍କୁ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ଟେଲିଫୋନ୍‌ରେ ଦୀର୍ଘ ସମୟ କଥାବାର୍ତ୍ତା ହୋଇଥିଲା। ଭାରତ ସହ ଆମର ବେଶ୍ ଭଲ ସମ୍ପର୍କ ରହିଥିବା ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ତାଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ଶେଷ ବିଦେଶ ଗସ୍ତରେ ଭାରତ ଆସିଥିଲେ।

# ନାସ୍‌ଡାକ୍ ବଜାର ମୂଲ୍ୟ ୧ ଟ୍ରିଲିୟନ ଡଲାର ହ୍ରାସ

### ଡିପ୍‌ସିକ୍ ପ୍ରଭାବ




ୱାଶିଂଟନ,୨୮।୧

ଚାଇନାର ଷ୍ଟାର୍ଟଅପ୍ କମ୍ପାନୀ ଡିପ୍‌ସିକ୍ ଏକ ଗେମ୍ ଚେଞ୍ଜିଙ୍ଗ୍ ଏଆଇ ମଡେଲ୍ ଉନ୍ମୋଚନ କରିଛି। କମ୍ପାନୀର ଏହି ସ୍ୱଳ୍ପ ମୂଲ୍ୟ ଏବଂ ଉଚ୍ଚ ପ୍ରଦର୍ଶନକାରୀ ଟେକ୍‌ନୋଲୋଜି ୱାଲ୍‌ଷ୍ଟ୍ରିଟ୍‌ରେ ଆତଙ୍କ ଖେଳାଇଛି। ମଙ୍ଗଳବାର ଗୋଟିଏ ଦିନରେ ଆମେରିକୀୟ ଷ୍ଟକ୍ ଏକ୍ସଚେଞ୍ଜ ନାସ୍‌ଡାକ୍‌ର ବଜାର ମୂଲ୍ୟ ୧ ଟ୍ରିଲିୟନ ଡଲାର ହ୍ରାସ ପାଇଛି। ଏଆଇରେ ରହିଆସିଥିବା ଆମେରିକା ଆଧିପତ୍ୟର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମିର କେନ୍ଦ୍ର ବିବେଚନା କରାଯାଉଥିବା ଆମେରିକୀୟ ଚିପ୍ ନିର୍ମାତା ଏନ୍‌ଭିଡିଆକୁ ସବୁଠୁ ବଡ଼ ଝଟ୍‌କା ଲାଗିଛି। ଗୋଟିଏ ଦିନରେ ଏହି କମ୍ପାନୀର ଶେୟାର ମୂଲ୍ୟ ୧୭ ପ୍ରତିଶତ ହ୍ରାସ ପାଇବାରୁ ଏହା ପାଖାପାଖି ୬୦୦ ବିଲିୟନ ଡଲାର ହରାଇଛି, ଯାହା କି ଷ୍ଟକ୍‌ମାର୍କେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ବଜାର ମୂଲ୍ୟ ହ୍ରାସ। ନାସ୍‌ଡାକ୍ କମ୍ପୋଜିଟ୍ ୩.୧ ପ୍ରତିଶତ ହ୍ରାସ ପାଇଥିବାବେଳେ ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍ ୧୦୦ ବିଲିୟନ ଡଲାର ଏବଂ ମାଇକ୍ରୋସଫ୍ଟ ୭ ବିଲିୟନ ଡଲାର ହରାଇଛି। ଏଆଇ ଆଧିପତ୍ୟ ପାଇଁ ଆମେରିକା ଏବଂ ଚାଇନା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି କୁହାଯାଉଛି।

ଚାଇନାର ଡିପ୍‌ସିକ୍ ଗତ ସପ୍ତାହରେ ମାଗଣା ଏଆଇ ଆସିଷ୍ଟାଣ୍ଟ ଲଞ୍ଚ୍ କରିଥିଲା। ବର୍ତ୍ତମାନ ଉପଲବ୍ଧ ସେବା ମୂଲ୍ୟର ତୁଳନାରେ ଡିପ୍‌ସିକ୍‌ର ଏହି ସେବା ଯଥେଷ୍ଟ କମ୍ ମୂଲ୍ୟରେ ମିଳିବା ସହ ଖୁବ୍ କମ୍ ଡେଟା ବ୍ୟବହାର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା, ଯାହାକି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏପରିକି ଓପନ୍‌ଏଆଇ ସିଇଓ ସାମ୍ ଅଲ୍‌ଟମାନ୍ ମଧ୍ୟ ଡିପ୍‌ସିକ୍‌ର ପ୍ରଶଂସା କରିଛନ୍ତି। ଏହା ଏକ ପ୍ରଭାବଶାଳୀ ମଡେଲ ବୋଲି ଅଲ୍ଟମାନ୍ କହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ସେଠାର ଶିଳ୍ପସଂସ୍ଥାଗୁଡ଼ିକ ପାଇଁ ଜାଗରଣର ଏକ ଆହ୍ୱାନ ବୋଲି କହିଛନ୍ତି। ନୂଆ ପ୍ରତିଦ୍ୱନ୍ଦ୍ୱୀ ଆସିଥିବାରୁ ଆମକୁ ନିଶ୍ଚିତ ଭାବେ ଏହାଠାରୁ ଉନ୍ନତ ମଡେଲ ଆଣିବାକୁ ହେବ ବୋଲି ଚାଟ୍‌ଜିପିଟି ପଛରେ ଥିବା ଏଆଇ ସଂସ୍ଥାର ମୁଖ୍ୟ ଅଲ୍ଟମାନ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି।

ଡିପ୍‌ସିକ୍‌ର ଏଆଇ ଆସିଷ୍ଟାଣ୍ଟ ଲଞ୍ଚ ହେବା ପରେ ଏହି ଫ୍ରି ଆପ୍ ସୋମବାର ଆପଲ୍ ଆଇଫୋନ୍ ଷ୍ଟୋରରେ ସର୍ବାଧିକ ଡାଉନ୍‌ଲୋଡ ହୋଇଛି। ଏଆଇ ଟେକ୍ନୋଲୋଜି ବିକାଶରେ ଆମେରିକା ଏବଂ ଚାଇନା ମଧ୍ୟରେ ଅର୍ଥନୈତିକ ଏବଂ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ବିତର୍କ ଜୋର୍‌ଦାର ହୋଇଛି। ଆମେରିକୀୟ ଏଆଇ ଅଧିକ ବ୍ୟୟସାପେକ୍ଷ ହୋଇଥିବାବେଳେ ଚାଇନାର ଏହି ସେବା କମ୍ ମୂଲ୍ୟରେ ଉପଲବ୍ଧ ହେବାକୁ ଯାଉଛି। ଏହା ଆମେରିକୀୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକୁ ଚିନ୍ତାରେ ପକାଇଛି। ଏଆଇକୁ ଅଧିକ ଆଧୁନିକ କରିବା ଦିଗରେ ସେମାନେ ବ୍ୟାପକ ପୁଞ୍ଜିନିବେଶ ପାଇଁ ଯୋଜନା କରୁଥିବା ଜଣାପଡ଼ିଛି।

## ଆମେରିକାର କ୍ଷତି କରୁଥିବା ରାଷ୍ଟ୍ର ଉପରେ ଟାରିଫ୍ ଲଗାଇବେ ଟ୍ରମ୍ପ



ୱାଶିଂଟନ,୨୮।୧(ପି.ଟି.)

ଆମେରିକାର କ୍ଷତି କରୁଥିବା ରାଷ୍ଟ୍ରଗୁଡ଼ିକ ବିରୋଧରେ ଟାରିଫ୍ ଲଗାଇବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିରେ ସେ ଭାରତ, ଚାଇନା ଏବଂ ବ୍ରାଜିଲର ନାମ ଉଲ୍ଲେଖ କରିଛନ୍ତି। ଏହି ଦେଶଗୁଡ଼ିକ ଉଚ୍ଚ ଟାରିଫ୍ ଲଗାଇଥିବା ସେ ଅଭିଯୋଗ କରିଛନ୍ତି।

ଆମେ ବାହ୍ୟ ଦେଶ ଓ ବାହାର ଲୋକଙ୍କ ଉପରେ ଟିକସ ଲଗାଇବାକୁ ଯାଉଛୁ, ଯେଉଁମାନେ ବାସ୍ତବରେ ଆମର କ୍ଷତି କରୁଛନ୍ତି। ସେମାନେ ନିଜ ଦେଶର ଭଲ କରିବାକୁ ଚାହାନ୍ତି ବୋଲି ଫ୍ଲୋରିଡାଠାରେ ହାଉସ୍ ରିପବ୍ଲିକାନ୍‌ମାନଙ୍କୁ ଟ୍ରମ୍ପ କହିଛନ୍ତି। ଚାଇନା ବହୁତ ବଡ଼ ଟାରିଫ୍ ମେକର। ଭାରତ, ବ୍ରାଜିଲ ଏବଂ ଅନ୍ୟ ଅନେକ ଦେଶ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ଲଗାଉଛନ୍ତି। ଏହା ହେବାକୁ ଆଉ ଦିଆଯିବ ନାହିଁ। ଆମେରିକାକୁ ପ୍ରଥମେ ରଖିବାକୁ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ଖୁବ୍ ଶୀଘ୍ର ଏଥିପାଇଁ ନୂଆ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଆମେରିକାକୁ ଅଧିକ ଟିକସ ଆସିବା ସହ ଅଧିକ ଧନୀ ହେବ ବୋଲି ସେ ସୂଚନା ଦେଇଛନ୍ତି। ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ପୂର୍ବରୁ କହିଥିଲେ। ଟାରିଫ୍‌ରୁ ମୁକ୍ତି ପାଇବାକୁ ଚାହୁଁଥିଲେ, କମ୍ପାନୀଗୁଡ଼ିକ ଆମେରିକା ଆସି ଏଠାରେ ଉତ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ତାହିର ହୁସେନ୍‌ଙ୍କୁ ୬ ଦିନିଆ ପାରୋଲ



ନୂଆଦିଲ୍ଲୀ, ୨୮।୧

୨୦୨୦ ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ତଥା ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୁସ୍ତାଫାବାଦ ଆସନରୁ ଅଲ୍ ଇଣ୍ଡିଆ ମଜ୍‌ଲିସ ଇତ୍ତେହାଦୁଲ ମୁସଲିମିନ(ଏଆଇଏମ୍‌ଆଇଏମ୍)ର ପ୍ରାର୍ଥୀ ତାହିର ହୁସେନ୍‌ଙ୍କୁ ନିର୍ବାଚନ ପ୍ରଚାର ପାଇଁ ସୁପ୍ରିମକୋର୍ଟ ୬ ଦିନିଆ କଷ୍ଟୋଡି ପାରୋଲ ପ୍ରଦାନ କରିଛନ୍ତି। ବୁଧବାରଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜେଲରୁ ବାହାରେ ରହି ନିର୍ବାଚନ ପ୍ରଚାର କରିପାରିବେ। ଏହାପରେ ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ। ନିଜ ସୁରକ୍ଷା ପାଇଁ ହେବାକୁ ଥିବା ଖର୍ଚ୍ଚକୁ ମଧ୍ୟ ତାଙ୍କୁ ବହନ କରିବାକୁ ପଡ଼ିବ। ସେହିପରି ନିର୍ବାଚନ ପ୍ରଚାର ସମୟରେ ତାହିର ତାଙ୍କ ଉପରେ ଚାଲିଥିବା ମାମଲାକୁ ନେଇ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ଏହାସହ ସେ ଦିଲ୍ଲୀର କରାୱଲ ନଗରସ୍ଥିତ ନିଜ ଘରକୁ ମଧ୍ୟ ଯାଇପାରିବେ ନାହିଁ।

# ମଞ୍ଚ ଭୁଶୁଡ଼ି ୭ ମୃତ, ୬୦ ଆହତ



ଭଗବାନ ଆଦିନାଥଙ୍କ ଅଭିଷେକ ଉତ୍ସବବେଳେ ମଞ୍ଚ ଭୁଶୁଡ଼ି ପଡ଼ିଛି।

ବାଗପତ,୨୮।୧(ପି.ଟି.)

ଉତ୍ତରପ୍ରଦେଶର ବାଗପତ ଅନ୍ତର୍ଗତ ବାରାଉତ୍‌ଠାରେ ଏକ ଧର୍ମୀୟ କାର୍ଯ୍ୟକ୍ରମ ପାଇଁ କାଠରେ ନିର୍ମିତ ମଞ୍ଚ ମଙ୍ଗଳବାର ସକାଳେ ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଛନ୍ତି। ବାରାଉତ୍ ସହରର ଗାନ୍ଧୀ ରୋଡ୍ ଅନ୍ତର୍ଗତ ଶ୍ରୀଦିଗମ୍ବର ଜୈନ ଡିଗ୍ରୀ କଲେଜ ପଡ଼ିଆରେ ଭଗବାନ ଆଦିନାଥଙ୍କ ଅଭିଷେକ ଉତ୍ସବର ଆୟୋଜନ ବେଳେ ଏଭଳି ଦୁର୍ଘଟଣା ଘଟିଛି।

ଜୈନ ସମ୍ପ୍ରଦାୟର ମୋକ୍ଷ କଲ୍ୟାନକ ନିର୍ବାଣ ମହୋତ୍ସବର ଅଂଶବିଶେଷ ଭାବେ ଏହି ଉତ୍ସବର ଆୟୋଜନ କରାଯାଉଥିଲା। ଏଥିପାଇଁ ମାନସ୍ତମ୍ଭ କମ୍ପ୍ଲେକ୍ସରେ ୬୫ ଫୁଟ୍‌ର ୨ ମହଲା ବିଶିଷ୍ଟ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯାଇଥିଲା। ଏହା ଭୁଶୁଡ଼ି ସେଠାରେ ଥିବା ଶ୍ରଦ୍ଧାଳୁ ଓ ଅନ୍ୟମାନଙ୍କ ଉପରେ ପଡ଼ିଥିଲା। ହସ୍ପିଟାଲରେ ୩୯ ଜଣ ଆହତ ଚିକିତ୍ସାଧୀନ ଅଛନ୍ତି। ମଞ୍ଚ ଭୁଶୁଡ଼ିବାର କାରଣ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମଞ୍ଚ ଭୁଶୁଡ଼ିବା ଯୋଗୁ ଆତଙ୍କ ଖେଳିଯିବା ସହ ଦଳାଚକଟା ସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମଞ୍ଚ ଉପରେ ବହୁସଂଖ୍ୟାରେ ଭକ୍ତଙ୍କ ଗହଳି ଯୋଗୁ ଏହା ଓଜନ ସମ୍ଭାଳି ନ ପାରି ଭୁଶୁଡ଼ି ପଡ଼ିଥିଲା।

## ଗୋରୁ ଚାଲାଣ ସନ୍ଦେହରେ ପିଟି ହତ୍ୟା

ଗୁରୁଗ୍ରାମ, ୨୮।୧

ଗୋରୁ ଚାଲାଣ କରୁଥିବା ସନ୍ଦେହରେ ହରିୟାଣାର ପଲୱଲ ଜିଲାରେ ଜଣେ ୪୫ ବର୍ଷୀୟ ବ୍ୟକ୍ତି ୟୁସୁଫଙ୍କୁ ସୋମବାର କେତେଜଣ ଲୋକ ନିର୍ମମ ଭାବେ ମାଡ଼ ମାରିଥିଲେ। ମଙ୍ଗଳବାର ଦିଲ୍ଲୀର ସଫଦରଗଞ୍ଜ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ୟୁସୁଫ ହେଉଛନ୍ତି ପଲୱଲ ଜିଲା ମୁଣ୍ଡକଟୀସ୍ଥିତ ଘୁଡ଼ପୁର ଗ୍ରାମର ବାସିନ୍ଦା। ତାଙ୍କ ପରିବାରର ଅଭିଯୋଗ ଆଧାରରେ ମୁଣ୍ଡକଟୀ ଥାନା ପୋଲିସ କେତେଜଣ ଅଚିହ୍ନା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣ ପଛରେ ସ୍ଥାନୀୟ ଗୋ ରକ୍ଷକ ସଙ୍ଗଠନର କିଛି କର୍ମୀଙ୍କର ହାତ ଥିବା ୟୁସୁଫଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ୩୧ରୁ ସଂସଦର ବଜେଟ ଅଧିବେଶନ

ନୂଆଦିଲ୍ଲୀ,୨୮।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହା ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ସାଧାରଣ ବଜେଟ ଉପସ୍ଥାପନ କରିବେ। ୩ ତାରିଖରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକ ସଭା ଏବଂ ରାଜ୍ୟ ସଭାରେ ଆଲୋଚନା ହେବ।

ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଲୋକ ସଭାରେ ଫେବୃଆରୀ ୩ ଓ ୪ ଦୁଇଦିନ ଆଲୋଚନା ହେବାକୁ ଥିବାବେଳେ ରାଜ୍ୟ ସଭାରେ ୩ ଦିନ ବିତର୍କ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇ କେବଳ ସୋମବାର ଦିନ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ପ୍ରସ୍ତାବ ଉପରେ ବିତର୍କ ପାଇଁ ଅନୁମତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ ଫେବୃଆରୀ ୬ରେ ଆଲୋଚନାର ଉତ୍ତର ରଖିବେ ବୋଲି ଆଶା କରାଯାଉଛି। ବଜେଟ ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ତାହା ସୁନିଶ୍ଚିତ କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଜାନୁଆରୀ ୩୦ରେ ପାର୍ଲାମେଣ୍ଟରେ ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ବୈଠକ ଡାକିଛନ୍ତି। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ଏପ୍ରିଲ ୪ରେ ଶେଷ ହେବ। ବଜେଟ ଅଧିବେଶନରେ ମୋଟ ୨୭ଟି ସିଟିଂ ରହିବ।

## ପୁଣି କମିଲା ସରକାରୀ ସ୍କୁଲରେ ନାମଲେଖା

### ଏଏସ୍‌ଇଆର୍ ରିପୋର୍ଟ



ନୂଆଦିଲ୍ଲୀ, ୨୮।୧ (ପି.ଟି.)

କୋଭିଡ୍-୧୯ ମହାମାରୀ ସମୟରେ ଭାରତର ସରକାରୀ ସ୍କୁଲର ନାମଲେଖାରେ ଅପ୍ରତ୍ୟାଶିତ ଭାବେ ବୃଦ୍ଧି ଦେଖାଦେଇଥିଲା। ତେବେ ଏବେ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବୁଧବାର ଜାରି ହୋଇଥିବା ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟ (ଏଏସ୍‌ଇଆର୍) ଅନୁଯାୟୀ, ୬ରୁ ୧୪ ବର୍ଷବୟସର ପିଲାଙ୍କ ସରକାରୀ ସ୍କୁଲରେ ନାମଲେଖା ସଂଖ୍ୟା ଏବେ ୨୦୧୮ର ସ୍ତରକୁ ଖସି ଆସିଛି। ତେବେ କୋଭିଡ୍ ପରଠାରୁ ପ୍ରାଥମିକ ଶ୍ରେଣୀଗୁଡ଼ିକରେ ପିଲାମାନଙ୍କର ଶିଖିବା ସ୍ତରରେ ଉନ୍ନତି ଆସିଥିବା ଏହି ରିପୋର୍ଟ କହିଛି।

ଏଏସ୍‌ଇଆର୍ ରିପୋର୍ଟ ଅନୁଯାୟୀ, କୋଭିଡ୍ ମହାମାରୀ ସମୟରେ ସରକାରୀ ସ୍କୁଲର ନାମଲେଖାରେ ବ୍ୟାପକ ମାତ୍ରାରେ ବୃଦ୍ଧି ଘଟିଥିବା ଦେଖାଦେଇଥିଲା। ସରକାରୀ ସ୍କୁଲରେ ୬ରୁ ୧୪ ବର୍ଷ ବୟସର ପିଲାଙ୍କ ନାମଲେଖା ଅନୁପାତ ୨୦୧୮ରେ ୬୫.୬%ରୁ ବଢ଼ି ୨୦୨୨ରେ ୭୨.୯%ରେ ପହଞ୍ଚିଥିଲା। ତେବେ ୨୦୨୪ରେ ଏହି ସଂଖ୍ୟା ୬୬.୮%କୁ ଖସି ଆସିଛି। ଅନ୍ୟପକ୍ଷରେ ଉକ୍ତ ରିପୋର୍ଟ ଅନୁଯାୟୀ, ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ଶ୍ରେଣୀରେ ପଢ଼ିବାର ଦକ୍ଷତାରେ ବୃଦ୍ଧି ଘଟିଛି। ୨୦୧୪ରେ ଏହି ସଂଖ୍ୟା ୨୩.୬% ଥିଲାବେଳେ ୨୦୨୪ରେ ଏହା ବଢ଼ି ୨୭.୧%ରେ ପହଞ୍ଚିଛି। ସେହିପରି ୧୪ରୁ ୧୬ ବର୍ଷ ବୟସର ୮୨.୨% ପିଲା ସ୍ମାର୍ଟଫୋନର ବ୍ୟବହାର ଜାଣିଥିବା ଏହି ରିପୋର୍ଟ କହିଛି। ସେଥିମଧ୍ୟରୁ ୫୭% ପିଲା ନିଜର ଶିକ୍ଷା ପାଇଁ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି। ସେହିପରି ୭୬% ପିଲା ସୋସିଆଲ ମିଡିଆ ପାଇଁ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି ବୋଲି ଉକ୍ତ ରିପୋର୍ଟ କହିଛି।

# ଶ୍ରୀଲଙ୍କା ନୌସେନା ଗୁଳିରେ ୫ ଭାରତୀୟ ମତ୍ସ୍ୟଜୀବୀ ଆହତ

### ଉଚ୍ଚାୟୁକ୍ତଙ୍କୁ ନୂଆଦିଲ୍ଲୀର ସମନ

ନୂଆଦିଲ୍ଲୀ,୨୮।୧(ପି.ଟି.)

ଶ୍ରୀଲଙ୍କା ନୌସେନା ସୈନ୍ୟଙ୍କ ଗୁଳିରେ ୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମଙ୍ଗଳବାର ଭୋର ସମୟରେ ମତ୍ସ୍ୟଜୀବୀମାନେ ଡେଲ୍‌ଫ୍ଟ ଆଇଲାଣ୍ଡ ନିକଟରେ ଥିବାବେଳେ ଶ୍ରୀଲଙ୍କା ନୌସେନା ପକ୍ଷରୁ ଗୁଳିମାଡ଼ ହୋଇଥିଲା। ଭାରତ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ନୂଆଦିଲ୍ଲୀରେ ଥିବା ଶ୍ରୀଲଙ୍କାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ ଜାରି କରିବା ସହ ଦୃଢ଼ ପ୍ରତିବାଦ ଜଣାଇଛି। ପରିସ୍ଥିତି ଯାହା ହୋଇଥାଉ ନା କାହିଁକି ବଳ ପ୍ରୟୋଗ କଦାପି ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ ଏହାର ପ୍ରତିକ୍ରିୟାରେ କହିଛି। ମାଛଧରା ବୋଟ୍‌ରେ ଥିବା ୧୩ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଗୁରୁତର ୨ ଜଣ ଜାଫନା ଟିଚିଙ୍ଗ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜାଫନାରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସ କର୍ତ୍ତୃପକ୍ଷ ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ମତ୍ସ୍ୟଜୀବୀ ଓ ସେମାନଙ୍କ ପରିବାରକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। କଲମ୍ବୋରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ମଧ୍ୟ ଘଟଣା ସମ୍ପର୍କରେ ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୦ ବର୍ଷରେ ୦.୨୭ ଡିଗ୍ରୀ ବଢ଼ୁଛି ସମୁଦ୍ର ଉତ୍ତାପ



ନୂଆଦିଲ୍ଲୀ, ୨୮।୧

ଗତ ୪ ଦଶନ୍ଧି ମଧ୍ୟରେ ସମୁଦ୍ର ଉତ୍ତପ୍ତ ହେବାର ହାର ୪ ଗୁଣାରୁ ଅଧିକ ବଢ଼ିଥିବା ନେଇ ମଙ୍ଗଳବାର 'ଏନ୍‌ଭାଇରନ୍‌ମେଣ୍ଟାଲ ରିସର୍ଚ୍ଚ ଲେଟର' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ଉଲ୍ଲେଖ ରହିଛି। ବର୍ଷ ୨୦୨୩ ଏବଂ ୨୦୨୪ର ପ୍ରାରମ୍ଭିକ ସମୟରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅଭୂତପୂର୍ବ ଭାବେ ଅଧିକ ରହିଥିଲା। ଉକ୍ତ ଅଧ୍ୟୟନ ଅନୁଯାୟୀ, ୧୯୮୦ ଦଶକ ପରଠାରୁ ସମୁଦ୍ରର ତାପମାତ୍ରା ପ୍ରତି ଦଶନ୍ଧିରେ ୦.୦୬ ଡିଗ୍ରୀ ସେଲ୍‌ସିୟସ ହାରରେ ବଢ଼ିଚାଲିଛି। ତେବେ ସମ୍ପ୍ରତି ଏହି ହାର ଦଶନ୍ଧି ପ୍ରତି ୦.୨୭ ଡିଗ୍ରୀ ସେଲ୍‌ସିୟସ ହାରରେ ବଢ଼ୁଛି ବୋଲି ଅଧ୍ୟୟନର ମୁଖ୍ୟ ଗବେଷକ ତଥା ବ୍ରିଟେନ୍‌ସ୍ଥିତ 'ୟୁନିଭର୍ସିଟି ଅଫ୍ ରିଡିଙ୍ଗ'ର ପ୍ରଫେସର କ୍ରିସ୍ ମର୍ଚ୍ଚାଣ୍ଟ କହିଛନ୍ତି। ବୈଶ୍ୱିକ କାର୍ବନ ନିର୍ଗମନକୁ କମାଇବା ହିଁ ସମୁଦ୍ରର ତାପମାତ୍ରା ବୃଦ୍ଧିକୁ ଧିମା କରିବାର ଏକମାତ୍ର ଉପାୟ ବୋଲି ସେ କହିଛନ୍ତି। ସେହିପରି ଏଥିପାଇଁ ଜୀବାଶ୍ମ ଇନ୍ଧନ ଜାଳିବା ପ୍ରକ୍ରିୟାକୁ ମଧ୍ୟ କମାଇବାର ତତ୍କାଳ ଆବଶ୍ୟକତା ରହିଛି।

ଏଲ୍‌ନିନୋ ପ୍ରଭାବରେ ପ୍ରଶାନ୍ତ ମହାସାଗରରେ ତାପମାତ୍ରା ବୃଦ୍ଧି ବୈଶ୍ୱିକ ସ୍ତରରେ ସାମୁଦ୍ରିକ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ବୋଲି ଏହି ଅଧ୍ୟୟନ କହିଛି। ୨୦୨୩ ଏବଂ ୨୦୨୪ର ପ୍ରାରମ୍ଭରେ ବୈଶ୍ୱିକ ସାମୁଦ୍ରିକ ତାପମାତ୍ରା ଲଗାତର ୪୫୦ ଦିନ ପର୍ଯ୍ୟନ୍ତ ରେକର୍ଡ ଉତ୍ତପ୍ତ ସ୍ତରରେ ରହିଥିଲା। କେବଳ ଗତ ଦଶନ୍ଧି ମଧ୍ୟରେ ସମୁଦ୍ର ପୃଷ୍ଠର ଉଷ୍ମତା ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ ଦ୍ରୁତଗତିରେ ବଢ଼ିଯାଇଥିବା ଏହି ଅଧ୍ୟୟନ କହିଛି। ତେବେ ସମୁଦ୍ର ପୃଷ୍ଠରେ ଏହି ରେକର୍ଡ ଉଷ୍ମତାର କେବଳ ୪୪% ଅଂଶ ମହାସାଗର ଦ୍ୱାରା ବାୟୁମଣ୍ଡଳର ଉତ୍ତାପକୁ ଗ୍ରହଣ କରାଯାଉଥିବା ଯୋଗୁ ସୃଷ୍ଟି ହେଉଥିବା ନେଇ ଏହି ଅଧ୍ୟୟନ କହିଛି। ସେହିପରି ଗତ ୪ ଦଶନ୍ଧି ମଧ୍ୟରେ ସମୁଦ୍ର ତାପମାତ୍ରାରେ ଦେଖାଯାଇଥିବା ବୃଦ୍ଧି କେବଳ ଆଗାମୀ ୨ ଦଶନ୍ଧି ମଧ୍ୟରେ ପାର୍ ହୋଇଯିବାର ସମ୍ଭାବନା ରହିଛି। ଏହି ଅଧ୍ୟୟନରେ କୁହାଯାଇଛି, ସମୁଦ୍ର ପୃଷ୍ଠର ତାପମାତ୍ରା ବୈଶ୍ୱିକ ତାପମାତ୍ରା ବୃଦ୍ଧିର ଗତିକୁ ନିର୍ଦ୍ଧାରିତ କରିଥାଏ, ଫଳରେ ଏହା ସମଗ୍ର ଜଳବାୟୁ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ଆହୁରି ଅଧିକ ଦ୍ରୁତଗତିରେ ସମୁଦ୍ର ପୃଷ୍ଠର ତାପମାତ୍ରାରେ ବୃଦ୍ଧି ଘଟିବ। ଏହାଫଳରେ ବିଭିନ୍ନ ସାମୁଦ୍ରିକ ପ୍ରଜାତିଗୁଡ଼ିକ ମଧ୍ୟରେ ରୋଗ ବଢ଼ିବାରେ ଲାଗିବ। ସାମୁଦ୍ରିକ ପ୍ରଜାତିର ପ୍ରାଣୀଙ୍କୁ ସେବନ କରୁଥିବାରୁ ଆଗାମୀ ଦିନରେ ଏହାର ପ୍ରଭାବ ମଣିଷଙ୍କ ଉପରେ ମଧ୍ୟ ସିଧାସଳଖ ଭାବେ ପଡ଼ିବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

## ସର୍ବିଆ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଲେ

ବେଲଗ୍ରେଡ୍, ୨୮।୧



ମିଲୋସ ବୁସେବିକ

ସର୍ବିଆରେ ଗତ କିଛି ମାସ ଧରି ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ ପରେ ମଙ୍ଗଳବାର ଦେଶର ପ୍ରଧାନମନ୍ତ୍ରୀ ମିଲୋସ ବୁସେବିକ ଇସ୍ତଫା ଦେଇଛନ୍ତି। ଗତ ନଭେମ୍ବର ୧ରେ ଦେଶର ଉତ୍ତର ପ୍ରାନ୍ତରେ ଅବସ୍ଥିତ ନୋଭିସାଡ ସହରର ଏକ ରେଳଷ୍ଟେଶନର ଛାତ ଭୁଶୁଡ଼ି ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ନିର୍ମାଣ କାର୍ଯ୍ୟରେ ଅବହେଳା ଦର୍ଶାଇ ମିଲୋସଙ୍କ ସରକାର ବିରୋଧରେ ବିକ୍ଷୋଭ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ ସହରକୁ ବ୍ୟାପିଥିଲା। ସର୍ବିଆରେ ଦେଖାଦେଇଥିବା ଉତ୍ତେଜନାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ମିଲୋସ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମିଲୋସଙ୍କ ଇସ୍ତଫା ପରେ ସର୍ବିଆରେ ଆଗୁଆ ନିର୍ବାଚନ ହେବା ସମ୍ଭାବନା ସୃଷ୍ଟି ହୋଇଛି।

### ଫୁର୍‌ସତ୍

## 'ତେରେ ଇସ୍କ ମେଁ'ରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି



କ୍ରିତି ସାନନ୍

**ମୁମ୍ବାଇ:** ଅଭିନେତା ଧନୁଷ୍‌ଙ୍କ ଆଗାମୀ ଫିଲ୍ମ 'ତେରେ ଇସ୍କ ମେଁ'ର ଦ୍ୱିତୀୟ ଟିଜର ମଙ୍ଗଳବାର ରିଲିଜ୍ ହୋଇଛି, ଯେଉଁଥିରେ ଫିଲ୍ମରେ ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠିଛି। ପ୍ରଥମ ଟିଜରରେ କେବଳ ଅଭିନେତ୍ରୀଙ୍କ ଭଏସ୍ ଓଭର ଶୁଣିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରରେ ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନନ୍ ନଜରକୁ ଆସିବେ। ୨୦୧୩ରେ ରିଲିଜ୍ ହୋଇଥିବା 'ରଂଝଣା' ଫିଲ୍ମର ୧୨ ବର୍ଷ ପରେ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସହ ଧନୁଷ୍‌ଙ୍କ ଯୋଡ଼ିକୁ ପୁଣିଥରେ ଦେଖିବାକୁ ମିଳିବ। ପୂର୍ବରୁ ଏକ ଟିଜର ଦ୍ୱାରା 'ତେରେ ଇସ୍କ ମେଁ' ଫିଲ୍ମର ଘୋଷଣା କରାଯାଇଥିଲା, ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ତେବେ ଉକ୍ତ ଟିଜରରେ ଫିଲ୍ମର ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠାଯାଇ ନ ଥିଲା। ସେଥିରେ କେବଳ ଅଭିନେତ୍ରୀଙ୍କ ସ୍ୱର ଶୁଣାଯାଇଥିଲା। ତେବେ ମଙ୍ଗଳବାର ଫିଲ୍ମର ଦ୍ୱିତୀୟ ଟିଜରକୁ ଧନୁଷ୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ ଏଥିରେ କ୍ରିତିଙ୍କୁ ଟ୍ୟାଗ କରିଛନ୍ତି। ଏହି ଟିଜରରେ କ୍ରିତିଙ୍କୁ ଏକ ଦଙ୍ଗା ହୋଇଥିବା ଅଞ୍ଚଳରେ ଚାଲି ଚାଲି ଆଗକୁ ବଢ଼ୁଥିବାର ଦେଖିବାକୁ ମିଳିଛି। ସେ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଚାଲିବାବେଳେ ନିଜ ଉପରେ ପେଟ୍ରୋଲ ଢାଳୁଛନ୍ତି। ଏହାପରେ ସେ ଏକ ସ୍ଥାନରେ ବସି ସିଗାରେଟ ଜଳାଉଛନ୍ତି। ଏହି ଦୃଶ୍ୟ ସହ ତେରେ ଇସ୍କ ମେଁ ଫିଲ୍ମର ଦ୍ୱିତୀୟ ଟିଜର ଶେଷ ହୋଇଛି। ଧନୁଷ୍ ତାଙ୍କ ପୋଷ୍ଟ'ର କ୍ୟାପ୍‌ଶନରେ ଲେଖିଛନ୍ତି, "ନିଆଁର ପ୍ରକୋପ ମଧ୍ୟରେ ବି କିଛି ପ୍ରେମ କାହାଣୀ ବଢ଼ିବା ପାଇଁ ହୋଇଥାଏ। ଏହାର ପ୍ରମାଣ ହେଉଛନ୍ତି ଶଙ୍କର ଓ ମୁକ୍ତି। ଆସନ୍ତା ନଭେମ୍ବର ୨୮ରେ 'ତେରେ ଇସ୍କ ମେଁ' ମୁକ୍ତିଲାଭ କରିବ।"

ଭୁବନେଶ୍ୱରରେ ଆରମ୍ଭ ହୋଇଛି ୨ ଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଯୋଗଦେଇଛନ୍ତି ଦେଶ ତଥା ବିଦେଶର ବହୁ ଆଗଧାଡ଼ିର ଶିଳ୍ପପତି ଓ କମ୍ପାନୀ ପ୍ରତିନିଧି। ଓଡ଼ିଶାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନର କିଛି ଝଲକ...




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।


ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।








# ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ବିକେ, ସିଆର୍‌ପିଙ୍କ ଧାରଣା

- ୧୪ ମାସ ହେବ ପାରିଶ୍ରମିକ ପାଇ ନଥିବା ଅଭିଯୋଗ
- ତହସିଲଦାର, ଉପଜିଲାପାଳଙ୍କ ସହ ଆଲୋଚନା ବିଫଳ
- ଜିଲାପାଳ ଆସି ପ୍ରତିଶ୍ରୁତି ଦେବାକୁ ଦାବି

**ନିଶ୍ଚିନ୍ତକୋଇଲି, ୨୮।୧ (ଅଶୋକ କୁମାର ମହାପାତ୍ର):**




ଏମ୍‌ବିକେ ଓ ସିଆର୍‌ପିମାନେ ପାରିଶ୍ରମିକ ଦାବିରେ କାର୍ଯ୍ୟବନ୍ଦ କରି ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି। ବିଡିଓ ଅନୁପସ୍ଥିତ ଥିବାରୁ ତହସିଲଦାର ଓ ଉପଜିଲାପାଳ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିଥିଲେ ହେଁ ସେମାନେ ଧାରଣା ଜାରି ରଖିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାହାଙ୍ଗା ବ୍ଲକର ୧୪ ପଞ୍ଚାୟତରେ ୧୪୮ ଜଣ ସିଆର୍‌ପି ଓ ଏମ୍‌ବିକେ ପଦବୀ ପାଇଁ ନିଯୁକ୍ତି ପାଇଥିଲେ। ପରେ ଏହି ଏମ୍‌ବିକେ ଓ ସିଆରପିମାନଙ୍କୁ ବିନା ସୁଧରେ ସ୍କୁଟି ଯୋଗାଇ ଦିଆଯାଇଥିଲା। ନିଯୁକ୍ତି ପାଇବାର ୧୪ମାସ ପରେ ମଧ୍ୟ ଏହି କର୍ମଚାରୀ ମାନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ଦିଆ ନ ଯାଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଦୀର୍ଘଦିନ ହେବ ଦରମା ନ ମିଳିବାରୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଏହି କର୍ମଚାରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପ୍ରତିବାଦ ସ୍ୱରୂପ ସେମାନେ ଧାରଣାରେ ବସିଥିବା କହିଛନ୍ତି। ବ୍ଲକ ପରିସରରେ ଦିନ ତମାମ ଏହି ମହିଳା କର୍ମଚାରୀମାନେ ଧାରଣାରେ ବସିଥିଲେ ମଧ୍ୟ ବିଡିଓଙ୍କ ଦେଖା ନ ମିଳିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଓ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ଧାରଣାସ୍ଥଳକୁ ଆସି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଦାବିପୂରଣ ସହ ଜିଲାପାଳଙ୍କ ଉପସ୍ଥିତି କାମନା କରିଥିଲେ। ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଅପରପକ୍ଷେ ଦିନ ତମାମ ଖରାରେ ବସିରହିବା ଫଳରେ ଜଣେ ମହିଳା ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ମାହାଙ୍ଗା ବ୍ଲକରେ ଏମ୍‌ବିକେ ଓ ସିଆରପି ନିଯୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିବା ପରେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଜାରି ରହିଛି। ଏହି ତଦନ୍ତ ଚାଲୁଥିବା ଦର୍ଶାଇ କାର୍ଯ୍ୟରତ ଏମ୍‌ବିକେ ଓ ସିଆର୍‌ପିମାନଙ୍କ ଦରମା ବନ୍ଦ ରଖିଛି ଜିଲା ପ୍ରଶାସନ। ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଏଟିଏମ୍ କେନ୍ଦ୍ରରେ ଅଗ୍ନିକାଣ୍ଡ

**ନିଶ୍ଚିନ୍ତକୋଇଲି, ୨୮।୧ (ଅଶୋକ କୁମାର ମହାପାତ୍ର):**



ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରରେ ଥିବା ଏକ ଘରୋଇ ବ୍ୟାଙ୍କ ଏଟିଏମ୍ କେନ୍ଦ୍ରରେ ମଙ୍ଗଳବାର ସକାଳେ ନିଆଁ ଲାଗିଛି। ଏଥିରେ ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଦୀର୍ଘ ଦିନ ହେଲା ଅସୁରେଶ୍ୱର ବଜାରରେ ଏହି ଏଟିଏମ କେନ୍ଦ୍ର ରହିଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ବହୁ ଦିନ ହେବ ଏଠାରୁ ଟଙ୍କା ଉଠାଣ କରି ଆସୁଥିଲେ। ସକାଳେ ଉକ୍ତ ଏଟିଏମ୍‌ରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିଲାବେଳେ ୨ଟି ଏସି ସହ ଏଟିଏମ୍ ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଏଟିଏମ୍‌ରେ କେତେ ପରିମାଣର ଟଙ୍କାପୋଡିଛି ରିପୋର୍ଟ ଲେଖାହେଲା ବେଳକୁ ତାହାର କୌଣସି ଠିକ୍ ତଥ୍ୟ ମିଳିପାରି ନ ଥିଲା। ଖବରପାଇ ସମ୍ପୃକ୍ତ ବ୍ୟାଙ୍କର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା

**ବାଙ୍କୀ, ୨୮।୧ (ଶୁଭେନ୍ଦୁ ମହାପାତ୍ର):**

### ପିକ୍‌ଅପ୍ ଭ୍ୟାନ୍ ଓଲଟି ଛାତ୍ର ମୃତ୍ୟୁ ଘଟଣା

- ସାଧାରଣତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ

ବାଙ୍କୀ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ସରଣ୍ଡାଗଡ଼ ଜୋନ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ କଦଳୀବାଡି ପଞ୍ଚାୟତସ୍ଥିତ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨୩ ଜଣ ଛାତ୍ରୀଛାତ୍ରଙ୍କୁ ପିକ୍‌ଅପ୍ ଭ୍ୟାନ୍‌ରେ ନେଲାବେଳେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୨୨ ଜଣ ଛାତ୍ରୀଛାତ୍ର ଆହତ ହୋଇଥିବାବେଳେ ଦଶମ ଶ୍ରେଣୀର ଛାତ୍ର ସୌମ୍ୟ ରଞ୍ଜନ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକ କିମ୍ବା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମାଳବିହାରପୁର ସରକାରୀ ବିଦ୍ୟାଳୟରେ ୨ ଦିନ ହେବ ତାଲାପଡ଼ିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ଖୁଲିବ ବୋଲି ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ୨୦୧୬ରୁ ଜାତୀୟ ପର୍ବ ପାଳନ କମିଟି ଗଠନ କରାଯାଇ ବିନା ରେଜିଷ୍ଟ୍ରେଶନରେ ପ୍ରତ୍ୟେକ ବର୍ଷ ଅଣଆନୁଷ୍ଠାନିକ ଭାବେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି। ଏହି ମହାବିଦ୍ୟାଳୟ ସଭାପତି ତଥା ବାଙ୍କୀ ଉପଜିଲାପାଳଙ୍କ ଅଗୋଚରରେ ଏହି ଦିବସ କିପରି ପାଳନ କରାଯାଉଛି ତାହାର ତଦନ୍ତ କରାଯାଉ। କଲେଜ କର୍ତ୍ତୃପକ୍ଷ କାହା ନିର୍ଦ୍ଦେଶରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଡକାଇଥିଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାଛଡ଼ା ସାଧାରଣତନ୍ତ୍ର ଉତ୍ସବରେ ଯେଉଁ ଅର୍ଥ ଖର୍ଚ୍ଚ କରାଯାଇଥିଲା ତାହା ସରକାରୀ ନା ବେସରକାରୀ ତାହାର ମଧ୍ୟ ତଦନ୍ତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଅଂଶୁପା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ତଥା ସରଣ୍ଡାଗଡ଼ ଜାତୀୟ ପର୍ବ ପାଳନ କମିଟି ଆବାହକ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ କହିଥିଲେ, କାର୍ଯ୍ୟକ୍ରମ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ସେ ଏକ ମାସ ପୂର୍ବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ପୂର୍ବତନ ଅଧ୍ୟକ୍ଷ ପରିଚାଳନା କରିଥିଲେ ବୋଲି ସାହୁ ପ୍ରକାଶ କରିଛନ୍ତି।

ଅପରପକ୍ଷେ ମଙ୍ଗଳବାର ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳରାମ ମୁଦୁଲି, ବିଆରସିସି ରୂପ ନାୟକ, ସିଆର୍‌ସିସି ଚକାନୟନ ପ୍ରଧାନ, ମନୋରଞ୍ଜନ ମନ୍ତ୍ରୀ ଓ ପ୍ରଦୀପ କୁମାର ସିଠ ମାଳ ବିହାରପୁର ଗ୍ରାମକୁ ଯାଇ ଆହତ ଛାତ୍ରୀଛାତ୍ରୀଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହ ଗ୍ରାମବାସୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ସାଧାରଣତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ପଚାରିବାରେ ଘଟଣା ଉପରେ ସ୍ୱତନ୍ତ୍ର ଟିମ୍ ଜରିଆରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ଶିକ୍ଷକ ଓ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ଜିଲାରେ ୧୦୦୦ ପୁଅରେ ଅଛନ୍ତି ୯୦୦ ଝିଅ'

### ଦ୍ୱିତୀୟ ଦିଶା କମିଟି ବୈଠକ

**କଟକ/ଆଠଗଡ଼/ବାଙ୍କୀ, ୨୮।୧ (କାର୍ତ୍ତିକ ସାହୁ/ସତ୍ୟପ୍ରସାଦ ସାହୁ/ ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):**



ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଅଂଶୁପା ହ୍ରଦ ନିକଟ ପୂର୍ତ୍ତ ବଙ୍ଗଳା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ବେଟି ବଚାଓ, ବେଟି ପଢ଼ାଓ ମୁଖ୍ୟ ଆଲୋଚନାର ବିଷୟ ଥିଲା। ଭ୍ରୁଣ ହତ୍ୟା ସମ୍ପୂର୍ଣ୍ଣ ନିଷେଧ, ଶିଶୁ ମୃତ୍ୟୁହାର ହ୍ରାସ, ଝିଅପୁଅଙ୍କ ତାରତମ୍ୟ ହାର ଉପରେ ସମୀକ୍ଷା ଏବଂ ଅଙ୍ଗନୱାଡି ସମ୍ବନ୍ଧିତ ବିଭିନ୍ନ ବିଷୟ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ୧୮ ବର୍ଷରୁ ଉର୍ଦ୍ଧ୍ୱ କନ୍ୟା ସନ୍ତାନଙ୍କ ନିମନ୍ତେ ବେଟି ବଚାଓ, ବେଟି ପଢ଼ାଓ ଯୋଜନାରେ ଉପଲବ୍ଧ ସମସ୍ତ ସୁବିଧା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ପ୍ରଗତି ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଜନ୍ମ ପଞ୍ଜୀକରଣ ତଥ୍ୟ ଅନୁଯାୟୀ ୧୦୦୦ ପୁଅଙ୍କ ମଧ୍ୟରେ ୯୦୦ ଝିଅ ଅଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା ସୂଚନା ପ୍ରଦାନ କରିଥିଲେ। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ବଡ଼ମ୍ବା, ନରସିଂହପୁରର ବହୁ ଅଞ୍ଚଳ ଏବଂ ବାଙ୍କୀର କିଛି ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ରହୁ ନ ଥିବାରୁ ସେହି ସମସ୍ୟା ଉପରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଂଶୁପା ହ୍ରଦର ଅପରପାର୍ଶ୍ୱର ଉନ୍ନତୀକରଣ ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏମ୍‌ପି ମହତାବଙ୍କ ଅଧ୍ୟକ୍ଷତା ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲା ପରିଷଦର କୃଷି ଓ ଆନୁଷଙ୍ଗିକ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

ଭୁବନେଶ୍ୱରରେ ଆରମ୍ଭ ହୋଇଛି ୨ ଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଯୋଗଦେଇଛନ୍ତି ଦେଶ ତଥା ବିଦେଶର ବହୁ ଆଗଧାଡ଼ିର ଶିଳ୍ପପତି ଓ କମ୍ପାନୀ ପ୍ରତିନିଧି। ଓଡ଼ିଶାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନର କିଛି ଝଲକ...



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।





ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।












# ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ବଦଳି

**ପୋପରଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଙ୍କୁ ସାପ କାମୁଡ଼ା ଘଟଣା**

ପିପିଲି,୨୮।୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଅଧୀନ ପୋପରଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ୪ର୍ଥ ଶ୍ରେଣୀ ଛାତ୍ର ସାଇକ୍ରିଷ୍ଣା ପ୍ରଧାନଙ୍କୁ ସାପ କାମୁଡ଼ା ଘଟଣାରେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ସମେତ ଶ୍ରେଣୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଅନ୍ୟପଟେ ସ୍କୁଲରୁ ବିଦାୟ ସମୟରେ ଗେଟ୍ ବନ୍ଦ କରି ଶିକ୍ଷୟିତ୍ରୀଙ୍କୁ ଧରି ଛାତ୍ରୀଛାତ୍ର କାନ୍ଦୁଥିବା ଦେଖିବାକୁ ମିଳିଥିଲା।

ସୂଚନା ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୪ଟା ସମୟରେ ବିଦ୍ୟାଳୟର ଛାତ୍ର ସାଇକ୍ରିଷ୍ଣାଙ୍କୁ ଗୃହ ସଫା କରୁଥିବା ସମୟରେ ଏକ ନାଗ ସାପ କାମୁଡ଼ି ଦେଇଥିଲା। ତୁରନ୍ତ ଶିକ୍ଷୟିତ୍ରୀ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପିପିଲି ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ପ୍ରଶ୍ନର ଉତ୍ତର ଠିକ୍ ଭାବେ ଦେଇ ନ ପାରିଥିବାରୁ ଶିକ୍ଷୟିତ୍ରୀ ସାଇକ୍ରିଷ୍ଣାଙ୍କୁ ବିଦ୍ୟାଳୟ ସଫେଇ କାର୍ଯ୍ୟରେ ନିୟୋଜିତ କରିଥିବା ନେଇ ତାଙ୍କ ବାପା ସନ୍ତୋଷ ପ୍ରଧାନ ଅଭିଯୋଗ କରିଛନ୍ତି। ଏଥିସହ ଉତ୍ତ୍ୟକ୍ତ ପରିବାର ଲୋକେ ମଙ୍ଗଳବାର ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ପିପିଲି ବିଇଓ ନନ୍ଦଙ୍କ ସହ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟ ନ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିବା ସହ ତାଙ୍କୁ ଏବଂ ଶିକ୍ଷୟିତ୍ରୀ ରାଉତଙ୍କୁ ଅନ୍ୟତ୍ର ବଦଳି କରିଥିଲେ। ସେପଟେ ମେଡିକାଲରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବାବେଳେ ପାଠ ପାଇଁ ଶିକ୍ଷୟିତ୍ରୀ କୌଣସି ଦଣ୍ଡ ଦେଇନାହାନ୍ତି। ନିପୁଣ ଭାରତ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ଗୃହକୁ ସଫା କରାଯାଉଥିଲା। ସେହି ସମୟରେ ପିଲାଙ୍କ ସହିତ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ନ ଥିବାବେଳେ ଛାତ୍ରଙ୍କୁ ସାପ କାମୁଡ଼ିଥିବା ବିଇଓ ସ୍ପଷ୍ଟ କରିଛନ୍ତି। ଅପରାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବିଇଓ କହିଛନ୍ତି। ଏହି ଖବର ପାଇ ବଦଳି ନ କରିବାକୁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କୁ ଧରି କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଚିକିତ୍ସାଧୀନ ଛାତ୍ରଙ୍କୁ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ହସ୍ପିଟାଲରେ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାତି ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ହସ୍ପିଟାଲ ଯାଇ ଛାତ୍ରଙ୍କ ପରିବାରକୁ ସାନ୍ତ୍ୱନା ଦେଇ ଫେରିଛନ୍ତି।

## ପଞ୍ଚାୟତିରାଜ ନିର୍ଦ୍ଦେଶକ, ଜିଲାପାଳଙ୍କୁ ରିପୋର୍ଟ ତଲବ

ପିପିଲି,୨୮।୧(ଦୁର୍ଗା ମାଧବ ମିଶ୍ର)

ଦୀର୍ଘ ୧୨ ବର୍ଷ ଧରି ପେନ୍‌ସନକୁ ଅପେକ୍ଷା କରି ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ଘଟଣାକୁ ଓଡ଼ିଶା ମାନବାଧିକାର କମିଶନ ଗୁରୁତର ସହ ନେଇ ଘଟଣାର ତଦନ୍ତ କରି ୮ ସପ୍ତାହ ମଧ୍ୟରେ ସମସ୍ତ ରିପୋର୍ଟ ଦାଖଲ ନେଇ ପଞ୍ଚାୟତିରାଜ ନିର୍ଦ୍ଦେଶକ ଓ ପୁରୀ ଜିଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ପିପିଲି ବ୍ଲକ ଅଧୀନ ଯଶୁଆପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବୈକୁଣ୍ଠ ବାରିକଙ୍କ ୨୦୨୪ ଡିସେମ୍ବର ୧୯ରେ ମୃତ୍ୟୁ ଘଟିଥିଲା। ସେ ୨୦୧୨ରେ ଚାକିରିରୁ ଅବସର ନେଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ତାଙ୍କ ପେନ୍‌ସନ ହୋଇପାରି ନ ଥିଲା। ବୈକୁଣ୍ଠ ବୀରପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମର ବାସିନ୍ଦା। କଂଗ୍ରେସ ନେତା ନିଶିକାନ୍ତ ମିଶ୍ର ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପ୍ରଶାସନିକ ପ୍ରତିଶ୍ରୁତି ମୁତାବକ ତାଙ୍କର ପେନ୍‌ସନ ନ ମିଳିବାରୁ ସେ ଏନ୍‌ଏଚ୍‌ଆରସିରେ ପିଟିଶନ ଦାଏର କରିଥିଲେ। କମିଶନର ଅଧ୍ୟକ୍ଷ ଜଷ୍ଟିସ ଏସ୍. ପୂଜାହାରୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପଞ୍ଚାୟତିରାଜ ନିର୍ଦ୍ଦେଶକ ଓ ପୁରୀ ଜିଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ମିଷ୍ଟର ଓଡ଼ିଶା ହେଲେ ନିମାପଡ଼ାର ସ୍ମୃତିରଞ୍ଜନ

ନିମାପଡ଼ା,୨୮।୧(ବିଚିତ୍ରାନନ୍ଦ ସାହୁ)

ରାଜ୍ୟସ୍ତରୀୟ (ମିଷ୍ଟର ଓଡ଼ିଶା) ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିଜୟ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି ନିମାପଡ଼ା ଗଡ଼ଅଣ୍ଡିଆର ସ୍ମୃତିରଞ୍ଜନ ଦାସ। ଏହି ସଫଳତା ପାଇ ସ୍ମୃତିରଞ୍ଜନ ସମଗ୍ର ପୁରୀ ଜିଲା ଓ ନିମାପଡ଼ାକୁ ଗୌରବାନ୍ୱିତ କରିଛନ୍ତି। ବାଲେଶ୍ୱରର କୁରୁଡ଼ାସ୍ଥିତ ଏବିଏ କଲେଜଠାରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ବାଲେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନ ସହାୟତାରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସିନିୟର ମାଷ୍ଟର ବର୍ଗରେ ମୋଟରେ ୬ ଜଣ ଅଂଶଗ୍ରହଣ କରିଥିବାବେଳେ ସ୍ମୃତିରଞ୍ଜନ ସମସ୍ତଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ହାତେଇଥିଲେ। ଏହି ସଫଳତା ପାଇଁ ସେ ସମସ୍ତ ଶ୍ରେୟ ପୁରୀର କୋଚ ବିନୟ କୁମାର ସାହୁ, ନିଜ ପରିବାରବର୍ଗ, ନିମାପଡ଼ାର ଆର୍‌ଡି ଫିଟନେସ ଜିମ୍, ଉତ୍ତରା ଛକସ୍ଥିତ ମ୍ୟାଗନେଟୋର ସଂସ୍ଥା କର୍ମକର୍ତ୍ତାଙ୍କୁ ଦେଇଛନ୍ତି। ସ୍ମୃତିରଞ୍ଜନଙ୍କ ଏହି ସଫଳତା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



ଭବିଷ୍ୟତରେ ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବା ତାଙ୍କ ଜୀବନର ଲକ୍ଷ୍ୟ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାରରେ କହିଛନ୍ତି। ଆୟୋଜିତ ସମାରୋହରେ ଅତିଥି ଭାବେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୂପକାର, ବାଲେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସମ୍ପାଦକଙ୍କ ସମେତ ରାଜ୍ୟ ଓ ଜିଲା ସଂଘର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ଭାଲିଆବାଡ଼ି ସ୍ପୋର୍ଟ୍ସ ଖୋର୍ଦ୍ଧା ସେମିଫାଇନାଲରେ

ଅସ୍ତରଙ୍ଗ,୨୮।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

୩୨ତମ ଶାରଳା କପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଭାଲିଆବାଡ଼ି ସ୍ପୋର୍ଟ୍ସ ଖୋର୍ଦ୍ଧା ବନାମ ବଳଦେବଜୀଉ ସାଲେପୁର ମଧ୍ୟରେ ଅନୁଷ୍ଠିତ ହୋଇଛି। ଟସ୍ ଜିତି ବଳଦେବଜୀଉ ସାଲେପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭାଲିଆବାଡ଼ି ସ୍ପୋର୍ଟ୍ସ, ଖୋର୍ଦ୍ଧା ୧୨ ଓଭରରେ ୪ ଉଇକେଟ ହରାଇ ୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ଖୋର୍ଦ୍ଧା ଭାଲିଆବାଡ଼ି ସ୍ପୋର୍ଟ୍ସର ନିର୍ବିଶଙ୍କର ବାରିକିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ମାଷ୍ଟର୍ ସନ୍ତୋଷ ଓ ମାଷ୍ଟର ଡୋକମ୍ ସହଯୋଗ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ମଣ୍ଟୁ ଭୋଳ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସମ୍ପାଦକ ମିଥୁନ ବେହେରା, ମିଡିଆ ସେଲ ସମ୍ପାଦକ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଶାରଳା କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ପିପିଲି,୨୮।୧(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଗୋବିନ୍ଦପୁର କ୍ଲଷ୍ଟର ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ନିପୁଣ ଓଡ଼ିଶା ମେଳା ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟା କବିତା ଖଟାଇ, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶାର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ରବୀନ୍ଦ୍ର ସାହୁ, ନିର୍ମଳା କୁମାରୀ ନାୟକ, ଶକ୍ତି ପ୍ରସନ୍ନ ମହାନ୍ତି, ସନ୍ଧ୍ୟାରାଣୀ ନାୟକ, ୱାର୍ଡମେମ୍ବର ସସ୍ମିତା ନାୟକ, ଗୋବିନ୍ଦପୁର ନୋଡାଲ ସ୍କୁଲ ଅଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଏହି ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିପୁଣ ଓଡ଼ିଶା ସଙ୍ଗୀତ ଗାନ ସହ ନିପୁଣ ଓଡ଼ିଶା ଶପଥ ପାଠ ଏବଂ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ହୋଇଥିଲା। ଶିକ୍ଷକ ସଞ୍ଜୀବ ରଥ ସଭା ପରିଚାଳନା, ଉମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ମେଳାରେ ସମସ୍ତ ବିଦ୍ୟାଳୟରୁ ୧୩୦ ଜଣ ଛାତ୍ରୀଛାତ୍ର, ୯୦ ଜଣ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ୧ମ, ୨ୟ, ୩ୟ ଶ୍ରେଣୀର ଛାତ୍ରୀଛାତ୍ର ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅଭିନବ ଶିକ୍ଷଣ ସାମଗ୍ରୀ ୪ଟି ଷ୍ଟଲ ଯଥା ସାକ୍ଷରତା ଷ୍ଟଲ, ସଂଖ୍ୟା ଜ୍ଞାନ ଷ୍ଟଲ, ସୃଜନାତ୍ମକ କାର୍ଯ୍ୟକଳାପ ଷ୍ଟଲ ଓ ମତାମତ ଷ୍ଟଲରେ ପ୍ରଦର୍ଶନ କରିଥିଲେ। ସମସ୍ତେ ଏହି ଷ୍ଟଲଗୁଡ଼ିକ ପରିଦର୍ଶନ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



## ନୟାହାଟ ଫାଣ୍ଡିରେ ଶାନ୍ତି କମିଟି ଦ୍ୱାରା ବରଗଡ଼ା ଗ୍ରାମ ବିବାଦର ସମାଧାନ

ଯୋଗେଶ୍ୱରପୁର,୨୮।୧
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତ ବରଗଡ଼ା ଗ୍ରାମର ଅନନ୍ତ ସାହୁ ଓ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ୨ ବର୍ଷ ହେଲା ଲାଗି ରହିଥିବା ବିବାଦ ମଙ୍ଗଳବାର ସମାଧାନ ହୋଇଛି। ଫାଣ୍ଡିରେ ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକ, ଗୋପ ଥାନା ଆଇଆଇସି ପ୍ରଶାନ୍ତ କୁମାର ପଡ଼ିଆରୀ, ଗୋପ ବ୍ଲକ ବିଡିଓ ଛବିରାଣି ସାହୁ, ଗୋପ ତହସିଲଦାର ସୁନିଲ ମହାନ୍ତି ଓ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରାଙ୍କ ଉପସ୍ଥିତିରେ ଏହି ସମାଧାନ ହୋଇଥିଲା। ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂହ, ଜଙ୍ଗଲବୋରି ସରପଞ୍ଚଙ୍କ ପ୍ରତିନିଧି ପ୍ରଣୟ କୁମାର ସାହୁ, କାହ୍ନୁ ଚରଣ ସାହୁଙ୍କ ଉପସ୍ଥିତିରେ ବରଗଡ଼ାରେ ଶାନ୍ତି ବଜାୟ ରଖିବାକୁ ଭାଇଚାରା ବଜାୟ ରଖିବା ସହ ଗ୍ରାମରେ ଶାନ୍ତି ବାତାବରଣ ଆଣିବାକୁ ସମସ୍ତେ ସହମତି ପ୍ରକାଶ କରି ଉପୁଜିଥିବା ବିବାଦର ଆପୋସ ସମାଧାନ କରି ମିଳାମିଶା କରିଥିଲେ।

# ହାଇୱା ଧକ୍କାରେ ଜଳିଗଲା କାର୍, ୩ ଗୁରୁତର

କୋଣାର୍କ,୨୮।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବେଳାମାର୍ଗ ରାସ୍ତାର ଲୋଟସ୍ ରିସୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ଭୋର ୪ଟା ସମୟରେ କାର୍‌କୁ ପଛପଟୁ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ କାର୍‌ଟି ଜଳିଯାଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ଖବରରୁ ପ୍ରକାଶ, ପୁରୀରୁ ୩ ଜଣ ଏକ କାର୍ (ଓଡି୦୨ସିଜି ୯୨୦୩) ଯୋଗେ କୋଣାର୍କ ଅଭିମୁଖେ ଆସୁଥିଲେ। ଭୋର ୪ଟାରେ ବେଳାମାର୍ଗ ଲୋଟସ୍ ବୁଲାଣି ପାଖରେ କାର୍‌କୁ ପଛରୁ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ କାର୍‌ଟି ଓଲଟି ପଡ଼ି ରାସ୍ତାପାର୍ଶ୍ୱ ଜଙ୍ଗଲ ଭିତରକୁ ପଶି ଯାଇଥିଲା। କାର୍‌ରେ ଥିବା ପ୍ରଶାନ୍ତ କୁମାର ଖୁଣ୍ଟିଆଙ୍କ ସମେତ ୩ ଜଣ ଗୁରୁତର



ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ହସ୍ପିଟାଲକୁ ପଠାଯାଇଛି। ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ କାର୍‌ଟିଏ ଅଧା ଜଳି ଯାଇଥିଲା। ଚନ୍ଦ୍ରଭାଗା ମେରାଇନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିଥିବାବେଳେ ହାଇୱାଟି ଖସି ପଳାଇବାରେ ସଫଳ ହୋଇଛି। ଏ ସମ୍ପର୍କରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁଙ୍କୁ ପଚାରିବାରେ, ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରାଯାଇଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ଘଟାଇଥିବା ହାଇୱା ଜବତ ପୂର୍ବକ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। କୋଣାର୍କ-ପୁରୀ ରାସ୍ତାରେ ଚନ୍ଦ୍ରଭାଗା ମେରାଇନ ଥାନା, ରାମଚଣ୍ଡୀ ଥାନା ଓ ଟ୍ୟୁରିଷ୍ଟ ଥାନା ସମେତ ୩ଟି ଥାନା ଥିବାବେଳେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ନ ଥିବାରୁ ରାତିଅଧିଆ ବାଲି ଚୋରାଚାଲାଣ ସହ ଚୋରି ରାହାଜାନି ବୃଦ୍ଧି ପାଉଛି। ଏହି ରାସ୍ତା ଦେଇ ପର୍ଯ୍ୟଟକ ଓ ଜନସାଧାରଣ ଯାତାୟାତ କରିବାକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଆଲୋଚନା ହେଉଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ରାସ୍ତାରେ ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି।

ଭୁବନେଶ୍ୱରରେ ଆରମ୍ଭ ହୋଇଛି ୨ ଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଯୋଗଦେଇଛନ୍ତି ଦେଶ ତଥା ବିଦେଶର ବହୁ ଆଗଧାଡ଼ିର ଶିଳ୍ପପତି ଓ କମ୍ପାନୀ ପ୍ରତିନିଧି। ଓଡ଼ିଶାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନର କିଛି ଝଲକ...



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।





ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।














ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ



# ଚୋରଙ୍କ ଟାର୍ଗେଟ୍‌ରେ ନିରଞ୍ଜନଙ୍କ ଘର

## ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୮।୧(ସତ୍ୟଜିତ୍ ରାଉତ)

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରକୁ ଚୋରମାନେ ଏକାଧିକ ବାର ଟାର୍ଗେଟ୍ କରୁଛନ୍ତି। ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘରୁ ଶନିବାର ଓ ରବିବାର ବିଳମ୍ବିତ ରାତିରେ ଜଣେ ଚୋର କଳାକନା ବୁଲାଇଥିଲା। ତେବେ ଉକ୍ତ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇ ନ ଥିବାବେଳେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ସ୍ଥିତ ନିରଞ୍ଜନଙ୍କ ଆଉ ଏକ ଘରୁ ଚୋରି ଉଦ୍ୟମ ହୋଇଛି। ସୋମବାର ରାତି ପ୍ରାୟ ୧୧ଟା ୫୦ରୁ ୧୨ଟା ୫୦ ମଧ୍ୟରେ ଏନ୍ ୨/୨୫ ଘରୁ ଚୋରି ଉଦ୍ୟମ ବେଳେ ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। ଏହି ଘଟଣାର ସିସିଟିଭି ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତି ନିରଞ୍ଜନଙ୍କ ଘରେ ପଶିବା ପୂର୍ବରୁ ଚାରିପଟେ ବୁଲି ସ୍ଥିତି ପରଖିଥିଲେ। ପରେ ପାଚେରି ଡେଇଁ ଘରେ ପଶିଥିଲେ। ଭିତର ପରିସରରେ ବୁଲାବୁଲି କରି ଘର ଭିତରକୁ ପଶିବାକୁ ଯୋଜନା କରୁଥିବାବେଳେ ସୁରକ୍ଷାକର୍ମୀ ଓ ପରିବାର ସଦସ୍ୟ ତାଙ୍କୁ ଦେଖିଦେଇଥିଲେ। ସେମାନେ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ତେବେ ଏନ୍/୨୯



ଘରେ ଚୋରି କରିଥିବା ଦୁର୍ବୃତ୍ତ ଜଣକ ଅତି ସତର୍କତାର ସହ ବିଳମ୍ବିତ ରାତିରେ ଗ୍ଲୋଭ୍‌ସ ଓ ମୁଖା ପିନ୍ଧି ଚୋରି କରିଥିବା ବେଳେ ଏନ୍ ୨/୨୫ ଘରୁ ଚୋରି ଉଦ୍ୟମ କରିଥିବା ଅଭିଯୁକ୍ତ ଜଣକ ସେଭଳି ପ୍ରସ୍ତୁତି କରି ନ ଥିଲେ। ବାରମ୍ବାର ଏଭଳି ଚୋରି ଘଟଣାକୁ ନେଇ କମିଶନରେଟ୍ ପୋଲିସ ଚିନ୍ତାରେ ପଡ଼ିଥିବା ବେଳେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ନୟାପଲ୍ଲୀ ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି, ଏହି ଘଟଣାରେ କୌଣସି ଏତଲା ହୋଇ ନ ଥିବା ବେଳେ ମାମଲା ମଧ୍ୟ ରୁଜୁ କରାଯାଇନାହିଁ। ଅଭିଯୁକ୍ତଙ୍କୁ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଅପରପକ୍ଷେ ଏ ନେଇ ମଙ୍ଗଳବାର ପୁଣି ନିରଞ୍ଜନ ସାମାଜିକ ଗଣମାଧ୍ୟମ ଜରିଆରେ ଅସନ୍ତୋଷ ବ୍ୟକ୍ତ କରି ଏକ ପୋଷ୍ଟ କରିଛନ୍ତି। ନିରଞ୍ଜନ ସେଥିରେ କହିଛନ୍ତି, ମୋ ଘରେ ଆଉଥରେ ଚୋରି କରିବା ପାଇଁ ଚେଷ୍ଟା ହୋଇଛି। ଏକଥା ବିଶ୍ୱାସ କରିହେଉନି। ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍ ଏନ୍ ୨/୨୫ରେ ଏଥର ଘଟଣା ଘଟିଛି। ଗତକାଲି ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତିତ ହୋଇ ପ୍ରଶ୍ନ କରିଥିଲି। ଏ ବିଷୟରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିବେଦନ କରିଥିଲି। ମୋତେ ଯାହା ଲାଗୁଛି, କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମୁଁ ପୁଣି ଥରେ ସରକାର ଏବଂ ଓଡ଼ିଶା ପୋଲିସକୁ ଅନୁରୋଧ କରୁଛି ଯେ, ଭୁବନେଶ୍ୱରବାସୀଙ୍କ ସୁରକ୍ଷା ତଥା ନିରାପତ୍ତାକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରଭାବଶାଳୀ ପଦକ୍ଷେପ ନିଅନ୍ତୁ ବୋଲି ନିରଞ୍ଜନ ଉଲ୍ଲେଖ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଡିସେମ୍ବର ୨୦ରେ ନିରଞ୍ଜନଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତରଫରୁ ଚଢ଼ାଉ କରାଯାଇଥିଲା। ସେତେବେଳେ ଗଣମାଧ୍ୟମର ପ୍ରତିନିଧିମାନେ ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘର ଆଗରେ ରୁଣ୍ଡ ହୋଇଥିଲେ। ହେଲେ ସୋମବାର ରାତିରେ ଚୋରି ହୋଇଥିବା ନିରଞ୍ଜନଙ୍କ ଦ୍ୱିତୀୟ ଘରେ (ଏନ୍ ୨/୨୫) ଇଡିର ଚଢ଼ଉ ହୋଇଥିଲା କି ନାହିଁ ତାହା କାହାରିକୁ ଜଣାନାହିଁ। ସାଧାରଣତଃ ଇଡି ତରଫରୁ ଯେଉଁ ଚଢ଼ାଉ କରାଯାଏ, ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ଦ୍ୱାରା କେସ୍ ନମ୍ବର, ସମ୍ପୃକ୍ତ ବ୍ୟକ୍ତି ଏବଂ ଚଢ଼ାଉ ଠିକଣା ସମ୍ବନ୍ଧରେ ଗଣମାଧ୍ୟମକୁ ଅବଗତ କରାଯାଇଥାଏ। ତେବେ ନିରଞ୍ଜନଙ୍କ ବାସଭବନରେ ହୋଇଥିବା ଚଢ଼ାଉ ସମ୍ପର୍କରେ ଇଡି ତରଫରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ।

# ଚାକିରି ସର୍ତ୍ତାବଳୀ ଚିଠି ପ୍ରତ୍ୟାହାର ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

କଟକ,୨୮।୧(କାର୍ତ୍ତିକ ସାହୁ)

ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଗତ ୭ ତାରିଖରେ ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ଛୁଟିନିୟମ ସମ୍ପର୍କିତ ସ୍ପଷ୍ଟୀକରଣ

## ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କୁ ଆଶ୍ୱସ୍ତି

ଚିଠି ପ୍ରତ୍ୟାହାର ନିର୍ଦ୍ଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହାଦ୍ୱାରା ସମସ୍ତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଆଶ୍ୱସ୍ତ ହୋଇଛନ୍ତି।

ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବ୍ଲକ୍ ଗ୍ରାଣ୍ଟ ପାଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଏବଂ ଛୁଟିସମ୍ପର୍କିତ ଏକ ସ୍ପଷ୍ଟୀକରଣ ୨୦୧୧ ନଭେମ୍ବର ୨୩ ଚିଠି ନମ୍ବର ୫୨୧୬୪ରେ ଦିଆଯାଇଥିଲା। ଏଥିରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ଶିକ୍ଷା ନିୟମ ୧୯୭୪ ଏବଂ ଛୁଟି ୧୯୭୭ ନିୟମ ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଚିଠିକୁ ଆଧାରକରି ପ୍ରତ୍ୟେକ ମହାବିଦ୍ୟାଳୟରେ ଅଧ୍ୟକ୍ଷମାନେ ଛୁଟି ମଞ୍ଜୁର କରିଆସୁଥିଲେ। ଏପରିସ୍ଥଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପରୋକ୍ତ ୨୦୧୧ ମସିହାର ଚିଠିକୁ ବିଭାଗୀୟ ଚିଠି ନମ୍ବର ୧୨୭୯ ମାଧ୍ୟମରେ କୌଣସି ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ବେଆଇନ ଭାବେ ଚଳିତ ଜାନୁଆରୀ ୭ ତାରିଖରେ ପ୍ରତ୍ୟାହାର କରିନିଆଯାଇଥିଲା। ଏହାକୁ ବିରୋଧ କରି ଏକ ପିଟିଶନ ହାଇକୋର୍ଟରେ ଦାଏର କରାଯାଇଥିଲା।

# ‘ମଧୁ ବର୍ଣ୍ଣବୋଧ’ ଭାଷା ଓ ଜାତିର ପରିବର୍ତ୍ତନ ଆଣିଛି

ଭୁବନେଶ୍ୱର,୨୮।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୨ତମ ସଂସ୍କୃତି ଚର୍ଚ୍ଚା ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ଓ ଜାତି ପାଇଁ ମଧୁସୂଦନ ରାଓଙ୍କ ମଧୁ ବର୍ଣ୍ଣବୋଧ ବହିଟି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ଭାଷା ଶିଖିବା ପାଇଁ ଏକ ସମ୍ପୂର୍ଣ୍ଣ ପୁସ୍ତକ ରୂପେ ବିବେଚିତ ବର୍ଣ୍ଣବୋଧରେ ଓଡ଼ିଆ ବର୍ଣ୍ଣମାଳା ସହ ମାତ୍ରା ଓ ଯୁକ୍ତାକ୍ଷର ପିଲାଙ୍କ ମନେରହିବା ପରି ଶୈଳୀରେ ଦର୍ଶାଯାଇଛି। ମଧୁ ବର୍ଣ୍ଣବୋଧର ପ୍ରଥମ ସଂସ୍କରଣ ଲଣ୍ଡନରେ ପ୍ରକାଶ କରାଯାଇଥିଲା। ୧୯୬୦ ବେଳକୁ ଏହି ବହି ବଜାରରେ ଆଉ ନ ଥିଲା। ଏହାର ବିକଳ୍ପ ଭାବେ ଅନେକ ବହି ବିକ୍ରି ହେଉଥିଲା। ୨୦୧୩ରେ ଏହି ପୁସ୍ତକକୁ ବ୍ରେଲି ଅକ୍ଷରରେ ପ୍ରକାଶ କରାଯିବାକୁ ଯୋଜନା କରାଯାଇଥିଲା। ୨୦୧୪ରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ବହିଟିକୁ ପୁନଃ ପ୍ରକାଶନ କରିଥିଲା। ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା, ସାହିତ୍ୟ ଓ ଜୀବନବୋଧର ଏପରି ଏକ ଜୀବନ୍ତ ଦସ୍ତାବିଜ, ଯାହାର ପ୍ରତିଟି ଧାଡ଼ି କାଳଜୟୀ ହୋଇପାରିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଦେବପ୍ରସାଦ ଦାଶ ଯୋଗଦେଇ କହିଥିଲେ, ୧୮୬୬ ମସିହାର ନ’ଅଙ୍କ ଦୁର୍ଭିକ୍ଷଠାରୁ ୧୯୦୫ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରାୟ ୫୧ଟି ସମ୍ବାଦପତ୍ର ଓ ପତ୍ରିକା ପ୍ରକାଶିତ ହୋଇଥିବାବେଳେ ୧୭ଟି ଛାପାଖାନା ସ୍ଥାପିତ ହୋଇଥିଲା। ଏହି ସମୟରେ ଓଡ଼ିଆ ଭାଷା ବହୁ ବିକାଶ କରିଥିଲା। ୧୮୯୫ରେ ମଧୁ ବର୍ଣ୍ଣବୋଧର ପ୍ରଥମ ମୁଦ୍ରଣ ହୋଇଥିଲା। ସେବେଠାରୁ ଏହା ଓଡ଼ିଆ ଭାଷା ଶିକ୍ଷାର ଏକ ମୌଳିକ ଏବଂ ଉପାଦେୟ ପୁସ୍ତକ ସାବ୍ୟସ୍ତ ହୋଇଛି। ମଧୁସୂଦନ ରାଓଙ୍କ ଜନ୍ମତିଥି ଶ୍ରୀପଞ୍ଚମୀ (ଫେବୃଆରୀ ୨) ଦିନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ତାଙ୍କ ରଚିତ ୧୯୦୫ ମସିହାର ମଧୁ ବର୍ଣ୍ଣବୋଧର ପୁନଃ ମୁଦ୍ରଣ କରାଯିବ। ଏହି ପୁସ୍ତକଟିରେ ମୂଳ ପୁସ୍ତକର କେବଳ ମୁଦ୍ରଣଜନିତ ତ୍ରୁଟି ସଂଶୋଧନ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଶେଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଦ୍‌ଭାବନା ସମ୍ମେଳନରେ ଯୋଗଦେଲେ ଯୋଗୀ

ଭୁବନେଶ୍ୱର,୨୮।୧ (ଅନୁରାଧା ମହାରଣା)

ମାନବ ଉତ୍ଥାନ ସେବା ସମିତି ପକ୍ଷରୁ ଆୟୋଜିତ ସଦ୍‌ଭାବନା ସମ୍ମେଳନରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ବସୁଧୈବ କୁଟୁମ୍ବକମ୍ ଉପରେ ମତବ୍ୟକ୍ତ କରିଥିଲେ। ସନାତନ ଧର୍ମର ପ୍ରଚାରପ୍ରସାର ପାଇଁ ସଦ୍‌ଗୁରୁ ସତ୍‌ପାଲ ମହାରାଜଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଯୋଗୀ ଆହୁରି ମଧ୍ୟ କହିଥିଲେ, ଯେତେବେଳେ ମାନବିକତା ଅଶାନ୍ତିରେ ଥାଏ, ସେତେବେଳେ ସନାତନ ଧର୍ମ ବିଶ୍ୱ ପାଇଁ ସଦିଚ୍ଛା ଏବଂ ଏକତାର ମାର୍ଗ




ପ୍ରଦାନ କରିଥାଏ। କାର୍ଯ୍ୟକ୍ରମରେ ସତ୍‌ପାଲ ମହାରାଜ, ମାତା ଅମ୍ରିତା ରାଓ୍ୱତ, ବିଭୁ ମହାରାଜ, ଉତ୍ତରପ୍ରଦେଶ କ୍ୟାବିନେଟ୍ ମନ୍ତ୍ରୀ ନନ୍ଦଗୋପାଳ ଗୁପ୍ତା ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ। ମହାକୁମ୍ଭ ଆୟୋଜନକୁ ସତ୍‌ପାଲ ପ୍ରଶଂସା କରିଥିଲେ। ଯୋଗୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ଜଣେ ସନ୍ଥ ରାଜନୀତିରେ ରହିବା ଦ୍ୱାରା ରାଜନୀତି ସ୍ୱାର୍ଥହୀନ ଏବଂ ଶୁଦ୍ଧ ପାଳଟିଯାଇଥାଏ।

ଭୁବନେଶ୍ୱରରେ ଆରମ୍ଭ ହୋଇଛି ୨ ଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଯୋଗଦେଇଛନ୍ତି ଦେଶ ତଥା ବିଦେଶର ବହୁ ଆଗଧାଡ଼ିର ଶିଳ୍ପପତି ଓ କମ୍ପାନୀ ପ୍ରତିନିଧି। ଓଡ଼ିଶାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଶିଳ୍ପ ମହାକୁମ୍ଭର ପ୍ରଥମ ଦିନର କିଛି ଝଲକ...







ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।












## ନିରାକାରପୁର ଷ୍ଟେଶନରେ ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଅଭିଯାନ

ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ନିରାକାରପୁର ଷ୍ଟେଶନରେ ମଙ୍ଗଳବାର ସତନ୍ତ୍ର ଟିକେଟ ଯାଞ୍ଚ କରଯାଇଥିଲା। ଟିକେଟ ଯାଞ୍ଚ ଅଭିଯାନ ସମୟରେ ୮୭ଜଣ ବିନା ଟିକେଟ ଯାତ୍ରୀ ଚିହ୍ନଟ ହେଇଥିଲେ। ଏହି ଯାତ୍ରୀମାନଙ୍କଠାରୁ ଭଡ଼ା ସହିତ ଜରିମାନା ବାବଦରେ ୨୯,୭୬୫ଟଙ୍କା ଆଦାୟ କରାଯାଇଛି। ନିରାକାରପୁର ଷ୍ଟେଶନରେ ଟିକେଟ ଯାଞ୍ଚ ଅଭିଯାନ ଯୋଗୁ ନିକଟ ଷ୍ଟେଶନରେ ଟିକେଟ ବିକ୍ରି ବୃଦ୍ଧି ପାଇଥିବା ଜଣାପଡ଼ିଛି।

## ଆଇନ ସଚେତନତା ଶିବିର

ଖୋର୍ଦ୍ଧା/ବାଣପୁର,୨୮।୧
(ପ୍ରଭାତ ପାଣିଗ୍ରାହୀ/ଦିଲୀପ ସ୍ୱାଇଁ)

ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ତୃତୀୟ ଲିଙ୍ଗ(କିନ୍ନର)ଙ୍କ ଉଦ୍ଦେଶ୍ୟରେ ଆଇନ ସଚେତନତା ଶିବିର ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଣପୁର କୋର୍ଟ ବରିଷ୍ଠ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ତୃତୀୟ ଲିଙ୍ଗମାନଙ୍କ ପାଇଁ ଆଇନରେ ରହିଥିବା ସୁବିଧା, କିପରି ସାମାଜିକ ସ୍ରୋତରେ ସାମିଲ ହୋଇପାରିବେ, ସେ ଦିଗରେ ଆଲୋଚନା ହୋଇଥିଲା। ସେମାନେ ବିଭିନ୍ନ ସରକାରୀ ସୁବିଧା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେମାନେ ନିଜ ଅଧିକାର ଜାଣିବା ଉଚିତ ବୋଲି ବିଚାରପତି ମହାପାତ୍ର କହିଥିଲେ। କୌଣସି କ୍ଷେତ୍ରରେ ଆଇନଗତ ସହାୟତାରୁ ବଞ୍ଚିତ ହେଲେ ଆଇନ ସେବା ସମିତିର ସହଯୋଗ ନେଇ ନ୍ୟାୟ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗିରିବାଳା ନାୟକ, ପଦ୍ମଜା ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ରଞ୍ଜନ ଦେବମତା, ଉପସଭାପତି ରାମଚନ୍ଦ୍ର ପଲେଇ, ଓକିଲ ସୀତାରାମ ଅଗ୍ରୱାଲ, ଭି.କାମେଶ୍ୱର ଆଚାରୀ, ଅଜିତ ବାରିକ, ସୁନୀଲ ମହାପାତ୍ର, ବିପ୍ଳବ ମୁଦୁଲି, ବାଣପୁର-ବାଲୁଗାଁ ୩ୟ ଲିଙ୍ଗ ସଂଘ ସଭାନେତ୍ରୀ ଚିନ୍ମୟୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକାରୁ ୪,୯୩୦ ହେକ୍ଟର ଘେରି ଉଚ୍ଛେଦ

ବାଲୁଗାଁ,୨୮।୧(ସଂଗ୍ରାମ ପାଇକରାୟ)



ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି । ଦୁଇ ଦିନ ମଧ୍ୟରେ ଉପକୂଳବର୍ତ୍ତୀ ଚିଲିକା ଅଞ୍ଚଳରୁ ମୋଟ୍ ୪,୯୩୦ ହେକ୍ଟର ବେଆଇନ ଘେରି ଉଚ୍ଛେଦ କରାଯାଇଥିବା ବେଳେ ୯୨୫ ବଣ୍ଡଲ (୧୩୮କୁଇଣ୍ଟାଲ) ଜିରୋ ନେଟ ଜବତ ହୋଇଥିବା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ କହିଛନ୍ତି।

ପ୍ରକାଶ ଯେ, ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବେଆଇନ ଘେରି ଯୋଗୁ ମତ୍ସ୍ୟଜୀବୀମାନେ ଚିଲିକାକୁ ଡଙ୍ଗା ନେବାରେ ଅସୁବିଧାର ସମ୍ମୁଖୀନ ହେବା ସହ ଜୀବନଜୀବିକା କ୍ଷେତ୍ରରେ ପ୍ରଭାବ ପଡିଥିଲା। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଚିଲିକା ତହସିଲ ଅଧୀନ ଚାରାଟିଆଠାରୁ କୁମାଣ୍ଡଳ ପାଟଣା, ଅମରାଉଳି, ସୋରଣ, ହାଟବରଡ଼ି, ସାନନଈରୀ ପର୍ଯ୍ୟନ୍ତ ୩୨୫୦ହେକ୍ଟର ଘେରି ଉଚ୍ଛେଦ କରାଯିବା ସହ ୬୦୦ ବଣ୍ଡଲ (୯୫ କୁଇଣ୍ଟାଲ) ଜାଲ ଜବତ ହୋଇଥିଲା। ସେହିପରି ମଙ୍ଗଳବାର ସାନନଈରୀଠାରୁ ବଉଳାବନ୍ଧ, ନିମିନା, ତରାପି ପର୍ଯ୍ୟନ୍ତ ମୋଟ୍ ୧୬୮୦ ହେକ୍ଟର ଘେରି ଉଚ୍ଛେଦ କରାଯାଇଥିବା ବେଳେ ୩୨୫ ବଣ୍ଡଲ (୪୩ କୁଇଣ୍ଟାଲ) ଜାଲ ଜବତ ହୋଇଛି । ଜବତ ହୋଇଥିବା ସମସ୍ତ ଜାଲ ଏବଂ ବାଉଁଶକୁ ପ୍ରଶାସନ ପକ୍ଷରୁ ପୋଡ଼ିଦିଆଯାଇଛି। ଉଚ୍ଛେଦ କାର୍ଯ୍ୟ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଉକ୍ତ ଅଭିଯାନରେ ଚିଲିକା ତହସିଲଦାରଙ୍କ ସମେତ ତହସିଲ କର୍ମଚାରୀ, ସିଡିଏ କର୍ମଚାରୀ, ନାରୁଣୀ ପୋଲିସ, ମତ୍ସ୍ୟ ବିଭାଗ କର୍ମଚାରୀ, ରାଜସ୍ୱ ନିରୀକ୍ଷକ, ରାଜସ୍ୱ ସୁପରଭାଇଜର ପ୍ରମୁଖ ସାମିଲ ହୋଇଥିଲେ। ଏହି ଅଭିଯାନ ଆଗକୁ ମଧ୍ୟ ଅନ୍ୟାନ୍ୟ ଅଞ୍ଚଳରେ ଜାରି ରହିବ ବୋଲି ତହସିଲଦାର ଘଡ଼େଇ କହିଛନ୍ତି ।

# ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



ବାଣପୁର,୨୮।୧(ଦିଲୀପ ସ୍ୱାଇଁ)

ବାଣପୁରରେ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସଡ଼କ ପରିବହନ ବିଭାଗ ଏବଂ ବାଣପୁର ପୋଲିସ ପକ୍ଷରୁ ମିଳିତଭାବେ ଆୟୋଜିତ ଏହି ପଦଯାତ୍ରାରେ ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ ରେଞ୍ଜର୍ସର ସ୍ୱେଚ୍ଛାସେବୀଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀମାନେ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ବାଣପୁର ନଗର ପରିକ୍ରମା କରିଥିଲେ। ମହାବିଦ୍ୟାଳୟ ପରିସରରୁ ପଦଯାତ୍ରାରେ ବାହାରି ମା'ଭଗବତୀଙ୍କ ମନ୍ଦିର ଦେଇ ଥାନା ନିକଟରେ ପହଞ୍ଚିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗାଡି ଚାଳକଙ୍କୁ ଛାତ୍ରୀଛାତ୍ରମାନେ ବିଭିନ୍ନ ନିୟମ ସମ୍ପର୍କରେ ସଚେତନ କରିବା ସହ ହେଲମେଟ ଏବଂ ସିଟ ବେଲ୍ଟ ପରିଧାନ କରିବା ପାଇଁ ଅନୁରୋଧ କରିଥିଲେ।

# 'ଭଲ ପାଠପଢ଼ି ଦେଶର ଟେକ ରଖ'




କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥି।

ବେଗୁନିଆ,୨୮।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ମାନଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଅଧ୍ୟାପକ ଡ. ଗୁରୁ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ଅନାଦି ସାହୁ, ସରପଞ୍ଚ ଦେବାଶିଷ ବେହେରା, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ବିକ୍ରମ କୁମାର ରଥ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ରାଜ କିଶୋର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ପ୍ରଧାନ, ପରିଚାଳନା କମିଟିର ସଭାପତି ମାନସ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଭଲ ପାଠପଢ଼ି ବିଦ୍ୟାଳୟର ଗୌରବ ବଢ଼ାଇବା ସହ ଦେଶର ଟେକ ରଖ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସମିତି କାର୍ଯ୍ୟାଳୟରେ ସମ୍ପାଦକଙ୍କ ମଦ୍ୟପାନ ଭିଡିଓ ଭାଇରାଲ

ନିରାକାରପୁର,୨୮।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତରେ ଥିବା କାଶିପୁର-୨ ସେବା ସମବାୟ ସମିତି ସମ୍ପାଦକ ଏବଂ ଜଣେ ଯୁବକ ଉକ୍ତ ସମିତି କାର୍ଯ୍ୟାଳୟରେ ମଦ୍ୟପାନ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଏ ସଂକ୍ରାନ୍ତରେ କେତେଜଣ ଚାଷୀ ସମ୍ପାଦକଙ୍କ ନାଁରେ ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଉକ୍ତ ସେବା ସମବାୟ ସମିତିର ସମ୍ପାଦକଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ଏନେଇ ଜିଲା ଡିଆର୍‌ସିଏସ୍ ଅଳକା ଜେନା କୁହନ୍ତି, ଭାଇରାଲ ଭିଡିଓ ହସ୍ତଗତ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## 'ବ୍ୟାଙ୍କିଙ୍ଗ୍ ଅର୍ଥନୈତିକ ପ୍ରଗତିର ମୂଳଦୁଆ' ଆଲୋଚନାଚକ୍ର




ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଅର୍ଥନୀତି ସମ୍ମାନ ବିଭାଗ ଆନୁକୂଲ୍ୟରେ ବ୍ୟାଙ୍କିଙ୍ଗ ଅର୍ଥନୈତିକ ପ୍ରଗତିର ମୂଳଦୁଆ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ମୈତ୍ରୀଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ସହ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଅତିଥି ପରିଚୟ ସହ ଆଲୋଚ୍ୟ ପ୍ରସଙ୍ଗର ଆଭିମୁଖ୍ୟ ଉପରେ କହିଥିଲେ। ପ୍ରାଧ୍ୟାପକ ଚକ୍ରଧର ପାଳ ଧନ୍ୟବାଦ ଦେଇଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, କଲେଜ ଉପାଧ୍ୟକ୍ଷ ପ୍ରଣବ କିଶୋର ମହାନ୍ତି, ଡ. ପ୍ରିୟବ୍ରତ ମହାନ୍ତି, ଡ.ଲଡୁକେଶ ପ୍ରସାଦ ମିଶ୍ର, ଡ.ପୂର୍ଣ୍ଣଚନ୍ଦ୍ର ବୈଶାଖ, ଡ.ଅନୀଲ କୁମାର ରାୟ, ଡ.ବିନ୍ଦୁଶ୍ରୀ ମିଶ୍ର, ଡ.ନନ୍ଦିତା ଛୋଟରାୟ, ଅଶୋକ ବଳବନ୍ତରାୟ, ବିଭାଗୀୟ ପ୍ରାଧ୍ୟାପିକା ପ୍ରଣତି ମହାପାତ୍ର, ଅଧ୍ୟାପକ ସଞ୍ଜିତ ରାଉତ, ଅଧ୍ୟାପିକା ପି.ରୋଜାଲିନ୍ ନିହାରିକା ବିଶ୍ୱାଳ, ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ ୪.୫ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୮।୧(ଅଭୟ ଦାଶ)

ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ପ୍ରଥମ ଦିନର ଶେଷ ସୁଦ୍ଧା ମୋଟ ୫୪ଟି ବୁଝାମଣାପତ୍ର (ଏମ୍‌ଓୟୁ) ଜରିଆରେ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ପ୍ରସ୍ତାବ ସରକାରଙ୍କୁ ମିଳିଥିବା ଶିଳ୍ପ ସଚିବ ହେମନ୍ତ ଶର୍ମା ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେହିଭଳି ଏହି ନିବେଶ ସମ୍ମିଳନୀର ପ୍ରଥମ ଦିନରେ ଆଦାନୀ ଗ୍ରୁପ୍ ସର୍ବାଧିକ ୨.୨୮ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଦେଇଥିଲାବେଳେ ବେଦାନ୍ତ ଲିମିଟେଡ୍ ୧ ଲକ୍ଷ କୋଟି, ଜେଏସ୍‌ଡବ୍ଲ୍ୟୁ ୪୦ ହଜାର କୋଟି, ଜେଏସ୍‌ପି ୭୦ ହଜାର କୋଟି, ଆଦିତ୍ୟ ବିର୍ଲା ୫୦ ହଜାର କୋଟି ଏବଂ ଆଇଓସିଏଲ୍ ୭୦ ହଜାର କୋଟି ଏହିଭଳି ୫୪ଜଣ ନିବେଶକ ଉପରୋକ୍ତ ଅର୍ଥ ରାଶିର ପୁଞ୍ଜିନିବେଶ ପ୍ରସ୍ତାବ ଦେଇଥିବା ଶର୍ମା ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶାର ରାଜ୍ୟପାଳଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳ ଓ ବିଧାୟକ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ।

## ଓଡ଼ିଶାରେ ନିବେଶର ଏହା ଠିକ୍ ସମୟ

ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି (ଭାଜପା) ର ସରକାର ଥିଲାବେଳେ ଓଡ଼ିଶାରେ ନିବେଶ କରିବାର ଏହି ସମୟ ଠିକ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫'ର ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ। ସେହିଭଳି ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଓ ନୂଆ ବ୍ୟାବସାୟିକ ନୀତିକୁ ସବୁ ବର୍ଗର ନିବେଶକମାନେ ସଦୁପଯୋଗକରି ନୂଆ ଶିଳ୍ପ ଓ ୟୁନିଟ୍ ସ୍ଥାପନ କରିବାକୁ ମାଝୀ ଆହ୍ୱାନ ଦେବା ସହ ଓଡ଼ିଶାରେ ନିବେଶ ପାଇଁ ଏହା ଠିକ୍ ସମୟ ବୋଲି କହିଛନ୍ତି।

# କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୮।୧



ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାର ଖଣିଭିତ୍ତିକ ଜିଲା କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ୫ ମିଲିୟନ ଟନର ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବ ବୋଲି 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫'ର ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱପ୍ନ ଏବଂ କେନ୍ଦୁଝର ଭଳି ଖଣିଭିତ୍ତିକ ଜିଲାରେ ଏକ ଷ୍ଟିଲ୍ ପ୍ଲାଣ୍ଟ କରିବାର ଆଶା ପୂରଣ ହେବାକୁ ଯାଉଛି। ଅପରପକ୍ଷରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ମଧ୍ୟ କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହି ଅବସରରେ ଆଶାବ୍ୟକ୍ତ କରିଛନ୍ତି।

ସେହିଭଳି ଜେଏସ୍‌ଡବ୍ଲ୍ୟୁ କେନ୍ଦ୍ରାପଡ଼ାରେ ନୂତନ କପର ପ୍ଲାଣ୍ଟ ସମେତ ପାରାଦୀପରେ ୧୨ ମିଲିୟନ ଟନ ଷ୍ଟିଲ୍ ପ୍ଲାଣ୍ଟର କାର୍ଯ୍ୟ ଆରମ୍ଭ କରିଛି। ଏପରିକି କମ୍ପାନୀର ଝାରସୁଗୁଡା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ କରିବ ବୋଲି ଜେଏସ୍‌ଡବ୍ଲ୍ୟୁର ସିଏମ୍‌ଡି ସଜ୍ଜନ ଜିନ୍ଦଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କେନ୍ଦୁଝର ଜିଲାରେ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟକୁ କମ୍ପାନୀ ୨ଟି ଫେଜ୍‌ରେ ନିର୍ମାଣ ସହ ବିକଶିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫ ମିଲିୟନ ଟନ୍‌ର ଷ୍ଟିଲ୍ ପ୍ଲାଣ୍ଟ ଆରମ୍ଭହେବା ସହ ୫ରୁ ୧୦ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି କମ୍ପାନୀର ସିଇଓ ଅନୀଲ ସିଂ କହିଛନ୍ତି।

# ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଟିପିର ରୂପାନ୍ତରିତ ଅବଦାନ

ଭୁବନେଶ୍ୱର,୨୮।୧

ଟାଟା ପାୱାର (ଟିପି)ର ସର୍ବବୃହତ୍ ଷ୍ଟଲ୍ ଉତ୍କର୍ଷଓଡ଼ିଶା:ମେକ୍‌ଇନ୍‌ଓଡ଼ିଶା କନ୍‌କ୍ଲେଭ୍-୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଟିପିର ରୂପାନ୍ତରିତ ଅବଦାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ବିଶ୍ୱର ଏକ ଅଗ୍ରଣୀ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିଳ୍ପ ହବ୍‌ରେ ପରିଣତ ହେବା ଲାଗି ରାଜ୍ୟର ରହିଥିବା ଅଭିଳାଷକୁ ୨୪ଘଣ୍ଟିଆ ବିଦ୍ୟୁତ୍ ଶକ୍ତି ଜରିଆରେ ସମର୍ଥନ କରିବା ଉପରେ ଏହି କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱାରୋପ କରୁଛି। ସେହିଭଳି ଓଡ଼ିଶାର ଚାରିଟି ଡିସ୍‌କମ୍ ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ଅପରେଟର ଭାବେ ଟାଟା ପାୱାର ଓଡ଼ିଶାବାସୀଙ୍କୁ ସେବା ଯୋଗାଉଛି। ଏପରିକି ଡିସ୍‌କମ୍‌ର ୫୫୭ ଗ୍ରାହକ ସେବା କେନ୍ଦ୍ରର ଦୃଢ଼ ନେଟ୍‌ୱର୍କ ଜରିଆରେ ୯୬.୬ ଲକ୍ଷରୁ ଅଧିକ ଗ୍ରାହକଙ୍କୁ କମ୍ପାନୀ ସେବା ପ୍ରଦାନ କରୁଛି। ସେହିପରି କମ୍ପାନୀ ପକ୍ଷରୁ ସ୍ମାର୍ଟ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ହୋଇଥିବା ଉନ୍ନତି ସମେତ ସ୍କାଡା ସହ ୭୦୦ରୁ ଅଧିକ ପ୍ରାଥମିକ ସବ୍‌ଷ୍ଟେଶନ୍ (ପିଏସ୍‌ଏସ୍) ର ସମନ୍ୱୟକୁ ନିବେଶ ସମ୍ମିଳନୀ ପ୍ରଦର୍ଶିତ କରାଯାଇଛି,ଯାହା ପରିଚାଳନା ଦକ୍ଷତା ଓ ସେବା ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଓଡ଼ିଶାର ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ପକ୍ଷରୁ ସୋଲାର, ପବନ ଓ ଶକ୍ତି ସଂରକ୍ଷଣ ପ୍ରକଳ୍ପ ଜରିଆରେ ଅକ୍ଷୟ ଶକ୍ତିରେ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରଯୁକ୍ତି ଆଧାରିତ ସମାଧାନ ଜରିଆରେ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ଦିଆଯାଉଥିବା ଧ୍ୟାନ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଏହି ୨ ଦିନିଆ ନିବେଶ ସମ୍ମିଳନୀରେ ବିଶ୍ୱର ଅଗ୍ରଣୀ ଲିଡର ଓ ନିବେଶକମାନେ ଏକତ୍ରିତ ହୋଇଛନ୍ତି ; ଯାହା ଓଡ଼ିଶାର ଶିଳ୍ପ ଦୃଢ଼ତା ଓ ସୁଯୋଗ ଉପରେ ଆଲୋକପାତ କରୁଛି। ଟାଟା ପାୱାରର ଅଂଶଗ୍ରହଣ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣୀୟତା ଓ ରାଜ୍ୟର ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଓଡ଼ିଶା ସରକାରଙ୍କ ସହ ସହଯୋଗିତା ପ୍ରତି କମ୍ପାନୀର ରହିଥିବା ସମର୍ପଣ ଭାବକୁ ଦର୍ଶାଉଛି। କମ୍ପାନୀ ପକ୍ଷରୁ ରୁଫ୍‌ଟପ୍ ସୋଲାର (ଆର୍‌ଟିଏସ୍), ଇଲେକ୍ଟ୍ରିକ୍ ଯାନ (ଇଭି), ଚାର୍ଜିଂ ଓ ହୋମ୍ ଅଟୋମେସନ୍‌ରେ ସମାଧାନଗୁଡ଼ିକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି।

# ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ

## ଶତାଧିକ କମ୍ପାନୀର ସିଇଓଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୧
(ଅନୁରାଧା ମହାରଣା)

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନତା ମଇଦାନଠାରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ଶତାଧିକ କମ୍ପାନୀର ସିଇଓମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଇସ୍ପାତ, ଗ୍ରୀନ୍ ଏନର୍ଜି, ଗ୍ରୀନ୍ ଅମୋନିଆ, ଗ୍ରୀନ୍ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, କେମିକାଲ୍ସ , ସେମିକଣ୍ଡକ୍ଟର, ଆଇଟି, ସିମେଣ୍ଟ ଭଳି କ୍ଷେତ୍ରର କମ୍ପାନୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ଅବସର। ଆଜିର ସମୟରେ ଓଡ଼ିଶାର ଜିଡିପି ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି। ସେହିପରି ଓଡ଼ିଶାର ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ଆମେ ଭିତ୍ତିଭୂମି ବିକାଶ କରୁଛୁ। ରାଜ୍ୟରେ ରେଳପଥ, ସଡ଼କପଥ ଓ ପୋର୍ଟ ସେକ୍ଟରର ବିକାଶ କରାଯାଉଛି। ମାଲକାନଗିରି ଭଳି ସୀମାନ୍ତ ଅଞ୍ଚଳରେ ମଧ୍ୟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ଯୁବବର୍ଗଙ୍କୁ ବ୍ୟାପକ ନିଯୁକ୍ତି ପ୍ରଦାନ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ମାତ୍ର ୭ମାସର ସରକାର ହୋଇଥିଲେ ମଧ୍ୟ ଓଡ଼ିଶାରେ ଜାତୀୟସ୍ତରର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଛୁ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ଦେଇଥିଲେ। ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଅଧିବେଶନକୁ ସଞ୍ଚାଳନ କରିଥିବାବେଳେ ପିଡବ୍ଲ୍ୟୁସିର ଅଧ୍ୟକ୍ଷ ସଞ୍ଜୀବ କ୍ରିଷନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ। ଶେଷରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ।

# କେମିକାଲ, ପେଟ୍ରୋକେମିକାଲ ଶିଳ୍ପ କ୍ଷେତ୍ରରେ ବଢୁଛି ନିବେଶ

ଭୁବନେଶ୍ୱର,୨୮।୧
(ଅନୁରାଧା ମହାରଣା)

ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଆୟୋଜିତ କେମିକାଲ, ପେଟ୍ରୋକେମିକାଲ ଓ ପ୍ଲାଷ୍ଟିକ୍ ଶୀର୍ଷକ ଆଲୋଚନାଚକ୍ର ଅବସରରେ ପୁଞ୍ଜିନିବେଶକ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଇଛନ୍ତି। ଏ ଅବସରରେ ପ୍ରଭାତୀ କହିଛନ୍ତି, ଓଡ଼ିଶା କେମିକାଲ, ପେଟ୍ରୋକେମିକାଲ ଏବଂ ପ୍ଲାଷ୍ଟିକ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରୁଛି ଏବଂ ଦେଶ ବିଦେଶର ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରୁଛି। ଓଡ଼ିଶା ସମଗ୍ର ଦେଶ ସହ ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ଓଡ଼ିଶା ଏବେ କେମିକାଲ, ପେଟ୍ରୋକେମିକାଲ ଓ ପ୍ଲାଷ୍ଟିକ୍‌ର ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ହବ୍ ହୋଇପାରିଛି। ପାରାଦୀପଠାରେ ପ୍ରତିଷ୍ଠିତ ଇଣ୍ଡିଆନ ଅଏଲ କର୍ପୋରେଶନର ରିଫାଇନେରି ଉପରେ ନିର୍ଭରକରି ବହୁ ଆନୁଷଙ୍ଗିକ ଶିଳ୍ପସଂସ୍ଥା ଗଢ଼ି ଉଠିଛି। ସେହିପରି ପାରାଦୀପ ପ୍ଲାଷ୍ଟିକ୍ ପାର୍କଠାରେ ମଧ୍ୟ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପଗୁଡ଼ିକର ବ୍ୟବସାୟିକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଏହି ଅଧିବେଶନରେ ଇପିକଲ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ କେମିକାଲ ଏବଂ ପେଟ୍ରୋକେମିକାଲ କ୍ଷେତ୍ରରେ ଓଡ଼ିଶାର ରଣକୌଶଳ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କେମିକାଲ କ୍ଷେତ୍ରରେ ବୈଶ୍ୱିକ ପ୍ରତିଯୋଗିତା ଏବଂ ଏଥିରେ ଓଡ଼ିଶା ସମ୍ପର୍କିତ ଅନୁଷ୍ଠିତ ଆଲୋଚନା ଚକ୍ରକୁ ପିଡବ୍ଲ୍ୟୁସି ଇଣ୍ଡିଆର ପାର୍ଟନର ତଥା ଲିଡର ମାନସ ମଜୁମଦାର ସଂଯୋଜନା କରିଥିବାବେଳେ ଲକ୍ଷ୍ମୀ ଅର୍ଗାନିକର ଅଧ୍ୟକ୍ଷ ରବି ଗୋଏଙ୍କା, ଚେମର୍ସ ଆଇଏନସିର ଆଦିତ୍ୟ ବେରୀ, ପାରାଦୀପ ଫସ୍‌ଫେଟ୍‌ର ପରିଚାଳନା ନିର୍ଦ୍ଦେଶକ ଏନ୍. ସୁରେଶ କ୍ରିଷ୍ଣନ, କିରି ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମନୀଷ କିରି, ଟାଟା ଷ୍ଟିଲ୍,ଏସ୍‌ଇଜେଡ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ, ଅଏଲ ଇଣ୍ଡିଆର ଅଧ୍ୟକ୍ଷ ରଞ୍ଜିତ ରଥଙ୍କ ସମେତ ଲୁମିନସ ପାୱାର ଟେକ୍ନୋଲୋଜିର ବରିଷ୍ଠ ଉପ ସଭାପତି ଅମ୍ଲାନକାନ୍ତି ଦାସ ପ୍ରମୁଖ ଯୋଗଦେଇଥିଲେ। ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବୋର୍ଡ ଅଫ୍ ଟ୍ରଷ୍ଟି ସି.ପି. ଭରତିଆ ଧନ୍ୟବାଦ ଦେଇଥିଲେ।

# 'ଖଣିଜ ସମ୍ପଦରେ ଓଡ଼ିଶା ପରିପୂର୍ଣ୍ଣ'

ଭୁବନେଶ୍ୱର,୨୮।୧(ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନଠାରେ ମଙ୍ଗଳବାର ଉଦ୍‌ଘାଟିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଓଡ଼ିଶାର ଇସ୍ପାତ, ଖଣିଜ ସମ୍ପଦ ଓ ଶିଳ୍ପ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଥିଲେ, ପ୍ରାକୃତିକ ସମ୍ବଳ ଓ ଖଣିଜ ସମ୍ପଦରେ ଆମ ରାଜ୍ୟ ଓଡ଼ିଶା ପରିପୂର୍ଣ୍ଣ। ଇସ୍ପାତ ଓ ଖଣି କ୍ଷେତ୍ରରେ ନିବେଶ ଓ ବିଭିନ୍ନ ଉଦ୍ୟୋଗ ସ୍ଥାପନ ହେବା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟିହୋଇପାରିବ। ଏହି ନିବେଶ ରାଜ୍ୟର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଉକ୍ତ ଅଧିବେଶନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ରାଜ୍ୟ ଇସ୍ପାତ ଓ ଖଣି ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଖଣିଜ ସମ୍ପଦ ଓ ଉତ୍ତୋଳନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ମେଶିନ ଲର୍ନିଂର ପ୍ରୟୋଗ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଟାଟା ଷ୍ଟିଲ୍‌ର ଭାଇସ୍ ପ୍ରେସିଡେଣ୍ଟ (ମାଇନିଂ) ଚାଣକ୍ୟ ଚୌଧୁରୀ, ହିଣ୍ଡାଲ୍‌କୋର ବିଜ୍‌ନେସ୍ ହେଡ୍ (ମାଇନ୍ସ ଆଣ୍ଡ ମିନେରାଲ୍ସ) କୈଳାସ ପାଣ୍ଡେ, କୋଲ୍ ଇଣ୍ଡିଆ ଲିମିଟେଡ୍ ଚେୟାରମ୍ୟାନ ପି.ଏମ୍. ପ୍ରସାଦ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ ଜେଏସ୍‌ପି

ଭୁବନେଶ୍ୱର,୨୮।୧



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି) ଓଡ଼ିଶାରେ ପ୍ରାୟ ୭୦,୦୦୦ କୋଟି ଟଙ୍କା ନିବେଶ କରିବ ବୋଲି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଘୋଷଣା କରାଯାଇଛି। ଏପରିକି ଆଗାମୀ ବର୍ଷକ ମଧ୍ୟରେ କମ୍ପାନୀ ପ୍ରାୟ ୭୦,୦୦୦ କୋଟି ଟଙ୍କାର ନିବେଶ କରିବାକୁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି, ଯାହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ। ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏ ନେଇ ବିସ୍ତୃତ ଭାବେ ଘୋଷଣା କରିଛନ୍ତି। ସେହିଭଳି ଓଡ଼ିଶାବାସୀଙ୍କ ବିକାଶ ସହ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି। ଏହି ଅତିରିକ୍ତ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କେବଳ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଓଡ଼ିଶାର ଅନେକ ହଜାର ପରିବାରର ଜୀବନଧାରଣର ମାନରେ ଉନ୍ନତି ଆଣିବ ଏବଂ ଭାରତକୁ ଅଧିକ ଆତ୍ମନିର୍ଭରଶୀଳ କରିବ ବୋଲି ନବୀନ କହିଛନ୍ତି।

# ରାଜ୍ୟରେ ପୁଞ୍ଜିନିବେଶ କରିବ ଫାଲ୍‌କନ୍

ଭୁବନେଶ୍ୱର,୨୮।୧

ଫାଲ୍‌କନ୍ ଗ୍ରୁପ୍ ଓଡ଼ିଶାରେ ମୋଟ ୧୫୦୦ କୋଟି ଟଙ୍କାର ପୁଞ୍ଜି ନିବେଶକରିବ ବୋଲି ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଫାଲକନ୍ ହୋଲ୍‌ଡିଂସ୍ ପ୍ରାଇଭେଟ୍ ଲିମିଟେଡ୍ ହେଉଛି,ଫାଲ୍‌କନ୍ ଗ୍ରୁପ୍‌ର ଏକ ପ୍ରମୁଖ ସହାୟକ କମ୍ପାନୀ, ଯାହା ଓଡ଼ିଶାରେ ଏକ ଟିଟାନିୟମ ଡାଇ ଓକ୍ସାଇଡ୍ (ଟିଆଇଓ୨) ଉତ୍ପାଦନକୁ ପୁନର୍ବିକାଶ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ପ୍ରାୟ ୧୦୫୦ କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। ଏହି ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୩୦,୦୦୦ ଟନ୍ (କେଟିପିଏ) ହେବାକୁ ଥିବାବେଳେ ଏହାଦ୍ୱାରା ପେଣ୍ଟସ୍, କୋଟିଂ, ପ୍ଲାଷ୍ଟିକ୍ ଏବଂ ବୟନ ଶିଳ୍ପରେ ଟିଆଇଓ୨ର ଉତ୍ପାଦନ ଆବଶ୍ୟକତା ପୂରଣ କରାଯିବ। ଏହା ସହ ୪୫୦କୋଟିର ମଲ୍ଟି-ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ କମ୍ପ୍ଲେକ୍ସ ଏବଂ ଏଆଇ ଆଣ୍ଡ ରୋବୋଟିକ୍ ଚିକିତ୍ସା ସୁବିଧା ସହ ୫୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ମଧ୍ୟ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଆର୍ଥିକ ସମୃଦ୍ଧ ବୃଦ୍ଧି କରିବା ସହ ଏହି ନିବେଶ ନିଯୁକ୍ତି ସୃଷ୍ଟି ସହ ୫୦୦୦ରୁ ଊର୍ଦ୍ଧ୍ୱଙ୍କୁ କର୍ମନିଯୁକ୍ତି ମିଳିବ। ଏହି ପରିପ୍ରେକ୍ଷୀରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ମଧ୍ୟ ସ୍ୱାକ୍ଷର ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଅବସରରେ ଫାଲ୍‌କନ୍ ହୋଲ୍ଡିଂସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ପାର୍ଥଜିତ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟର କ୍ଷମତା ୩୦,୦୦୦ ଟନ୍ କେଟିପିଏ ସହ ଭାରତର ସବୁଠାରୁ ବଡ଼ (ଟିଆଇଓ୨) ପ୍ଲାଣ୍ଟ ହେବ। ଏ ସମ୍ପର୍କରେ ପାର୍ଥଜିତ ପଟ୍ଟନାୟକ କହିଥିଲେ, ଟିଆଇଓ୨ ପ୍ଲାଣ୍ଟ ଓଡ଼ିଶାର ଉଦ୍ୟୋଗ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ଅଂଶ ହେବ।

# ଇନ୍‌ଫୋଭ୍ୟାଲିରେ ହେବ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ପ୍ରକଳ୍ପ

ଭୁବନେଶ୍ୱର,୨୮।୧
(ଅନୁରାଧା ମହାରଣା)

ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଆୟୋଜନରେ ଆଇଟି/ଆଇଟିଏସ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଡାଟାସେଣ୍ଟରଏବଂ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରଗୁଡ଼ିକରେ ପାଖାପାଖି ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି। ଜୋହୋ, ଇମ୍ପି ଫୋଟୋଭୋଲ୍ଟାଇକ ପାୱାର, ସ୍ପାର୍ଟସିଙ୍କ୍ ଇନୋଭେଶନ, କେନ୍ସ ସର୍କିଟ ଇଣ୍ଡିଆ, ହେଟେରୋଜିନିଅସ ଇଣ୍ଟିଗ୍ରେଶନ ପ୍ୟାକେଜିଂ ସଲ୍ୟୁଶନ, ସାନକୋଡ୍ ଟେକ୍ନୋଲୋଜିସ, ନେକ୍ସଟଜେନ ହାଇଟେକ ଏନର୍ଜି, ଭିଷ୍ଟ୍ରାସ୍ ଗ୍ଲୋବାଲ ଡବ୍ଲ୍ୟୁଏଲ୍‌ଏଲ୍ ଏବଂ ଭିଭିଡିଏନ୍ ଟେକ୍ନୋଲୋଜିସ୍ ଓଡ଼ିଶାରେ ନିବେଶ ପ୍ରତିଶ୍ରୁତି ଦେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସହ ୱାଧ୍ୱାନୀ ଫାଉଣ୍ଡେଶନ ଏବଂ ବେଙ୍ଗାଲୁରୁର ଏସ୍‌ଏଫ୍‌ଏଲ୍ ସହ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିକ୍ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଭୂମିପୂଜନ କରିଛନ୍ତି। ଏହି କମ୍ପାନୀ ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଅଞ୍ଚଳରେ ୧୫ ଏକର ଜମିରେ ଏକ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଏଟିଏମ୍‌ପି ପ୍ରକଳ୍ପ ଆରମ୍ଭ କରିବ। ଭାରତର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତର ସେମିକଣ୍ଡକ୍ଟର ମିଶନ ସାରା ବିଶ୍ୱକୁ ଉତ୍ସାହିତ କରିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶା ସରକାର ୨୦୩୬ରେ ୟୁଏସ୍‌ଡି ୫୦୦ ବିଲିଅନ ଏବଂ ୨୦୪୭ରେ ୟୁଏସ୍‌ଡି ୧.୫ ଟ୍ରିଲିଅନ ଅର୍ଥନୈତିକ ଟାର୍ଗେଟ ରଖିଛନ୍ତି। ଏଥିପାଇଁ ଟେକ୍ ବିଜ୍‌ନେସ୍ ପାର୍କ, ଜିସିସି ପାର୍କ, ଫିନ୍‌ଟେକ୍ ହବ୍ ଏବଂ ଡାଟା ସେଣ୍ଟର ନିର୍ମାଣ ପ୍ରୟାସ ଜାରି ରହିଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ଏଆଇର ବିକାଶ ସହିତ ରାଜ୍ୟ ପ୍ରଯୁକ୍ତି ଏବଂ ଡିଜିଟାଲ ଅଭିବୃଦ୍ଧିରେ ବିଶ୍ୱର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ କହିଛନ୍ତି, ଓଡ଼ିଶା ଦେଶରେ ଏକ ପ୍ରମୁଖ ଟେକ୍ନୋଲୋଜି ହବ୍ ଭାବରେ ନିଜକୁ ପ୍ରତିଷ୍ଠା କରୁଛି।

# ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୮।୧

ଓଡ଼ିଶାରେ ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ ବୋଲି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ର ଉଦ୍‌ଘାଟନୀ ଅବସରରେ ଘୋଷଣା କରିଛି। ଏପରିକ ସମଗ୍ର ରାଜ୍ୟରେ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କାରଖାନା ପ୍ରତିଷ୍ଠା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପରିବର୍ତ୍ତନକାରୀ ପ୍ରତିବଦ୍ଧତାର ଲକ୍ଷ୍ୟ ରହିଛି। ସେହିଭଳି ଉତ୍କର୍ଷ ଓଡ଼ିଶାର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ନିବେଶ ସମ୍ମିଳନୀ ଉତ୍କର୍ଷ ଓଡ଼ିଶାର ପ୍ରଥମ ଦିନରେ ଓଡ଼ିଶା ସରକାରଙ୍କ ସହ ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କାର ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ସେହିପରି ପ୍ରାକୃତିକ ସମ୍ପଦ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ତଥା ଦୀର୍ଘ ୨ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପ୍ରଗତିରେ ଅଂଶୀଦାର ଥିବା ବେଦାନ୍ତ ଏହି ବୁଝାମଣା ମଧ୍ୟରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ ଏବଂ ଆଲୁମିନିୟମ ପାର୍କର ବିକାଶ ଅନ୍ତର୍ଭୁକ୍ତ ରହିଛି,ଯାହା ଆଲୁମିନିୟମ ଉତ୍ପାଦର ଡାଉନଷ୍ଟ୍ରିମ୍ ଉତ୍ପାଦନକାରୀଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭାହେବାକୁ ଯାଉଛି। ଏହି ପଦକ୍ଷେପ କେବଳ ବିଶ୍ୱ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରିବ ନାହିଁ, ବରଂ ୨ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିକରିବ ଏବଂ ଅଟୋମୋବାଇଲ, ଶକ୍ତି, ନିର୍ମାଣ ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ।



ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, ବେଦାନ୍ତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ସର୍ବଦା ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଏବଂ ଏହାର ସମ୍ବଳ ଭାରତର ଉନ୍ନତିରେ ଏକ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି। ଏହି ଏମ୍‌ଓୟୁ ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହାର ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇଛି। ଓଡ଼ିଶା ସରକାରଙ୍କ ସହ ଆମର ଦୀର୍ଘ ଦଶନ୍ଧି ଧରି ସହଯୋଗକୁ ସୁଦୃଢ଼ କରିବା ସହିତ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସ୍ଥାୟୀ ଅଭିବୃଦ୍ଧି, ଦକ୍ଷତା ବିକାଶ ଏବଂ ଉନ୍ନତ ମାନର ଜୀବନ ଧାରଣକୁ ସୁନିଶ୍ଚିତ କରିବା ପାଇଁ ଆମେ ଗର୍ବିତ ଅଛୁ। ଅପରପକ୍ଷରେ ୨୦୩୦ ସୁଦ୍ଧା ଆଲୁମିନିୟମର ବିଶ୍ୱ ଚାହିଦା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଥିବା ବେଳେ ଏହି ବୁଝାମଣାପତ୍ର ଏକ ଶିଳ୍ପ ଓ ଅର୍ଥନୈତିକ ମହାଶକ୍ତି ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ରୂପାନ୍ତର ଏବଂ ଭାରତର ଶିଳ୍ପ ବିକାଶରେ ଏକ ଉତ୍ପ୍ରେରକ ଭାବେ ବେଦାନ୍ତର ଭୂମିକାକୁ ଦୋହରାଇଛି।

**୧୫ବର୍ଷ ଛୁଇଁଲା**



**ହେଉଲ ଦେବତା**
ମୀନା ବଜାର, ଢେଙ୍କାନାଳ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଥାଉ, ତୋ ଚଳାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ– ଅଜା, ଆଈ, ମାମୁ, ମମି, ପାପା, ବାବା, ମା, ଶୁଭେଚ୍ଛା ଏଲି ।
ଧ–୨୭୩୩


# ପିତୃତ୍ୱ ପ୍ରମାଣ ପାଇଁ ଡିଏନ୍ଏ ପରୀକ୍ଷା ଆବେଦନ ଖାରଜ

**ନୂଆଦିଲ୍ଲୀ,୨୮।୧**

ଜୈବିକ ପିତାଙ୍କୁ ଜାଣିବା ଅଧିକାର ଏବଂ ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ନେଇ ଲଢ଼େଇର ବିଚାର କରୁଥିବା ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଉଭୟ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିଛନ୍ତି। ୨ ଦଶନ୍ଧି ପୁରୁଣା ଏହି ମାମଲାରେ ଜଣେ ୨୩ ବର୍ଷୀୟ ଯୁବକ ମାଆଙ୍କ ପରକୀୟା ପ୍ରୀତିରୁ ଜନ୍ମ ହୋଇଥିବା ଦାବିକରି ଡିଏନ୍ଏ ପରୀକ୍ଷା ଜରିଆରେ ପିତୃତ୍ୱର ପ୍ରମାଣ ଚାହିଁଥିଲେ। ସେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ସହ ଅନେକ ଅସ୍ତ୍ରୋପଚାର କରାଇଛନ୍ତି। ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସେ ଓ ତାଙ୍କ ମାଆ ସକ୍ଷମ ନ ଥିବାରୁ ଜୈବିକ ବାପାଙ୍କଠାରୁ ଭରଣପୋଷଣ ପାଇଁ ପିତୃତ୍ୱର ପ୍ରମାଣ ଚାହୁଁଥିଲେ। ତେବେ ପ୍ରିଭେସି କାରଣରୁ ପ୍ରତିପକ୍ଷ ଡିଏନ୍ଏ ପରୀକ୍ଷାର ସମ୍ମୁଖୀନ ହେବାକୁ ରାଜି ହୋଇ ନ ଥିଲେ। ଫଳରେ ଜୈବିକ ପିତାଙ୍କୁ ଜାଣିବା ଅଧିକାର ଏବଂ ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ମାମଲା ୨ ଦଶନ୍ଧି ପୁରୁଣା ହୋଇଥିବାରୁ ସବୁ ଦୃଷ୍ଟିରୁ ଏହାକୁ ବନ୍ଦ କରିଦିଆଯିବା ଜରୁରୀ। ଭାରତୀୟ ତଥ୍ୟପ୍ରମାଣ ଆଇନ, ୧୮୭୨ର ଧାରା ୧୧୨ ଅନୁଯାୟୀ ପିତୃତ୍ୱର ବୈଧ ନିର୍ଦ୍ଧାରଣ କରାଯାଇଥାଏ, ଯେପର୍ଯ୍ୟନ୍ତ ଧାରଣା ମିଥ୍ୟା ପ୍ରମାଣିତ ହୋଇ ନ ଥାଏ। ୨୩ ବର୍ଷୀୟଙ୍କ ପିତୃତ୍ୱ ଦାବି ପ୍ରମାଣିତ ହେବାରେ ବିଫଳ ହୋଇଥିବାରୁ ସେ ତାଙ୍କ ମାଆଙ୍କ ପୂର୍ବତନ ସ୍ୱାମୀଙ୍କ ବୈଧ ସନ୍ତାନ ବୋଲି କୋର୍ଟ ବିବେଚନା କରିଛନ୍ତି।

# କାନାଡା ପ୍ରଧାନମନ୍ତ୍ରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ

**ଓଟ୍ଟାୱା,୨୮।୧**




କାନାଡାର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ଲିବେରାଲ ପାର୍ଟି ନେତ୍ରୀ ରୁବି ଢାଲା ରହିଛନ୍ତି। ଭାରତ ସହ ସମ୍ପର୍କ ବଢ଼ାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜଣେ ବ୍ୟବସାୟୀ, ଚିକିତ୍ସକ ତଥା ୩ ଥର ପାର୍ଲାମେଣ୍ଟ ସଦସ୍ୟ ହୋଇଥିବା ରୁବିଙ୍କର କାନାଡା ଚ୍ୟାଲେଞ୍ଜଗୁଡ଼ିକୁ ଅତିକ୍ରମ କରିବା ଅଭିଜ୍ଞତା ରହିଥିବା ବିଶ୍ୱାସ କରୁଛନ୍ତି। କାନାଡା ଲୋକେ ବର୍ଦ୍ଧିତ ଗୃହ ନିର୍ମାଣ ଖର୍ଚ୍ଚ, ଅପରାଧ ବୃଦ୍ଧି, ଖାଦ୍ୟସାମଗ୍ରୀର ଦରଦାମ୍ ବୃଦ୍ଧି ଏବଂ ଆମେରିକା ଟାରିଫ୍ ଧମକ ଆଦିର ସମ୍ମୁଖୀନ ହୋଇଛନ୍ତି। ଟାରିଫ୍ ବଢ଼ିଲେ ଏହା କାନାଡା ଅର୍ଥନୀତି ଉପରେ ବଡ଼ ପ୍ରଭାବ ପକାଇବ। ୧୪ ବର୍ଷ ବୟସରୁ ଲିବେରାଲ ପାର୍ଟିରେ କାର୍ଯ୍ୟ କରିଆସୁଥିବା ରୁବି ଏହି ଦଳ ଓ କାନାଡାର ପୁନର୍ଗଠନ ଉପରେ ଜୋର୍ ଦେଇଛନ୍ତି। ତାଙ୍କର ସ୍ଲୋଗାନ ହେଉଛି 'କାନାଡା ପୂର୍ବର ଗୌରବମୟ ସ୍ଥିତିକୁ ଫେରିବା ଏବେ ଆରମ୍ଭ ହେଲା'।


# Classified Everyday

**0674-2580101, 9692975378**



**MATRIMONIAL**

**BRIDE WANTED**

Beautiful MUSLIM GIRL age 29 years, height 5'5", fair colour, M.Com/Met qualified invites suitable proposal for marriage. Contact- 9101897985 D-2635

Wanted suitable service groom for beautiful Brahmin Girl 1993, 5'4", MA (TTM). Only daughter "SUNASANSAR". 9937512659. D-76233



**REAL ESTATE**

**SALE**

0.86 Acre Prime Plot for Sale [5.3km from Balasore Station] just 800 meters from Nexa Jyote Motors on Chennai-Kolkata Highway. Ideal for Factory, Showroom, or Godown. For more details. Contact: +91 9122721444. D-2707

Duplex for sale at Mahalaxmivihar, near Garage chhak @1.40crore. Contact: 7815086049. D-75357

1BHK ready to move in flats available in Hi-Tech Brundaban project near Batamangala Temple, Puri town. 9937787418, 9348871895 D-2726

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:–
classifieddharitri@gmail.com

**Developed gharabari plots near Delhi Public School (Phulnakhara), Balianta (Bhubaneswar) & adjacent to Phulnakhara-Niali Road for immediate registration. 9861476089.** D-2729

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591



**CONSTRUCTION**

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630




Positively Health benefited spa by expert female therapist, Nayapalli. 7846814019 D-76190

Newly open health benefits SPA special Offer @ 799 Bapujinagar. 8018429809. D-76189

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## AFFIDAVIT

By virtue an affidavit No.-09/27.08.2024, sworn before the Executive Magistrate, Pattamundai, I Mamata Das, W/o-Nilakantha Das, At/P.O.- Sanajaria, P.S.-Pattamundai, Dist.- Kendrapara, Odisha declare that I have changed my daughter's Name Puja Das to Pujarani Das. Henceforth, she shall be known as Pujarani Das for all future purposes. D-2728

By virtue of an affidavit vide No.- 42/dt-22.01.2025 on behalf of my minor daughter Smurti Sagarika, S/o- Srasmini Ranjan Mohanty, AT/P.O.- Anolipatna, P.S.- Kujanga, Dist.-Jagatsinghpur, Odisha-754140 I, Sasmita Mohapatra, declare to change my daughter's name from Smruti Sagarika to Smurti Sagarika. D-2725

By virtue of affidavit No.-7696, dtd.4.12.2024 before the Executive Magistrate Jajpur I Sanjay Senapati, S/o-Naba Kishore Senapati, At-Beruda, PO-Beruda, PS-Jajpur Sadar, Dist-Jajpur hereby declare that I have changed my name from Sanjaya Senapati to Sanjay. Henceforth, I shall be known as Sanjay Senapati for all purposes. I further declare that my Son's name has been changed to Adarsh Senapati from Adarash Senapati. Henceforth, my son shall be known as Adarsh Senapati for all purposes.
Sanjay Senapati D-2731

By before the Executive Magistrate, Cuttack, I, Ganesh Rout, S/o- Satrughna Rout, At-Garudagoan, P.O.-Haladibasanta, P.S.-Tangi, Dist.-Cuttack, Odisha declare by this affidavit Sl No.-45, dated 04.01.25 Ganesh Rout. But in my Aadhaar Card my name has been wrongly mentioned as Pramod Rout. From today I shall be known as Ganesh Rout for all future purpose. D-2732

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IR No.-57 Date-09.01.25

ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ରିଭିଜନ କୋର୍ଟ ନଂ.–୨ ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍–୫, ଭୁବନେଶ୍ୱର ।
ଓ.ଏସ୍.ଏସ୍. କେସ୍ ନଂ.–୮୨୯/୨୦୧୯
ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ

ମନୋଜ କୁମାର ବିଶ୍ୱାଳ ....ବାଦୀ
ବନାମ
ଅମିୟ ରଞ୍ଜନ ରଥ ଏବଂ ଅନ୍ୟମାନେ ....ପ୍ରତିବାଦୀ

(ଇସ୍ତାହାର ତରଫେ ଦରଖାସ୍ତକାରୀ ଆଦେଶ ନଂ.–୫ ନିୟମ–୨୦ ଉପନିୟମ ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ – ପ୍ରତିବାଦୀ ନଂ.–୧ ଅମିୟ ରଞ୍ଜନ ରଥ, ପିତା–ପ୍ରସନ୍ନ କୁମାର ରଥ, ପ୍ଲଟ୍ ନଂ.–୨୧୧–ଜି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଥାନା–ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା। ପ୍ରତିବାଦୀ ନଂ.–୨ ଧ୍ରୁବ ଚରଣ ସାହୁ, ପିତା–ରାଧୁ ସାହୁ। ପ୍ରତିବାଦୀ ନଂ.–୩ ଭୀମ ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୪ କାଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୫ ବଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୬ ଆରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୭ ଭରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୮ ଧୋବେଇ ସାହୁ, ପିତା–ସଦେଇ ସାହୁ। ପ୍ରତିବାଦୀ ନଂ.–୯ ଅଛୁତ ସାହୁ, ପିତା–ସଦେଇ ସାହୁ ।

ଉପରଲିଖିତ ପ୍ରତିବାଦୀ ନଂ.–୨ ଠାରୁ ୯ଙ୍କ ଠିକଣା– ଗ୍ରା–ଗାଡ଼କଣ, ପୋ–ମଞ୍ଚେଶ୍ୱର (ଆର୍.ସି), ଥାନା–ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା–୭୫୧୦୧୭, ଆପଣମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍–୩୯, ଗାଡ଼କଣ ମୌଜା ସାବକ ଖାତା ନଂ.–୮୫୬, ସାବକ ପ୍ଲଟ୍ ନଂ.–୧୫୮୯, ରକବା– ଏ୦.୩୪୦ ଡିସିମିଲ ସ୍ୱଧରୁ– ଏ୦.୧୭୦ ଡିସିମିଲ ସ୍ୱଧରୁ– ଏ.୦.୦୨୭.୫୪ ଡିସିମିଲ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.–୧୫୬୩, ହାଲ୍ ପ୍ଲଟ୍ ନଂ.–୪୪୨୯, ରେକର୍ଡ ରକବା ଏ.୦.୦୮୦ ଡିସିମିଲ କିନ୍ତୁ ପ୍ରକୃତ ରକବା– ଏ.୦.୦୨୭.୫୪ ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୯।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି । ଏଣୁ ଅଦ୍ୟ ସମ୍ବାଦପତ୍ର ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ସ୍ଥାନ– ଭୁବନେଶ୍ୱର
ତା–

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା./– କୋର୍ଟ ଅଫିସର
ଧ–୨୭୨୪

IR No.- 56, Date-09.01.25

ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ରିଭିଜନ କୋର୍ଟ ନଂ.– ୨, ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍–୫, ଭୁବନେଶ୍ୱର ।
ଓ.ଏସ୍.ଏସ୍. କେସ୍ ନଂ.–୮୨୮/୨୦୧୯
ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ।

କିଶୋର ଚନ୍ଦ୍ର ବିଶ୍ୱାଳ ଏବଂ ଅନ୍ୟଜଣେ ......ବାଦୀ
ବନାମ
ଅମିୟ ରଞ୍ଜନ ରଥ ଏବଂ ଅନ୍ୟମାନେ.... ....ପ୍ରତିବାଦୀମାନେ

(ଇସ୍ତାହାର ତରଫେ ଦରଖାସ୍ତକାରୀ ଆଦେଶ ନଂ.–୫, ନିୟମ–୨୦ ଉପନିୟମ ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କରି କ୍ଷମତାପ୍ରାପ୍ତ ଓକିଲ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବର କାଗଜଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ – ପ୍ରତିବାଦୀ ନଂ.–୧ ଅମିୟ ରଞ୍ଜନ ରଥ, ପିତା–ପ୍ରସନ୍ନ କୁମାର ରଥ, ପ୍ଲଟ୍ ନଂ.–୨୧୧–ଜି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଥାନା–ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା। ପ୍ରତିବାଦୀ ନଂ.–୨ ଧ୍ରୁବ ଚରଣ ସାହୁ, ପିତା–ରାଧୁ ସାହୁ। ପ୍ରତିବାଦୀ ନଂ.–୩ ଭୀମ ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୪ କାଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୫ ବଙ୍ଗାଳି ସାହୁ, ପିତା–ସାଧୁ ସାହୁ। ପ୍ରତିବାଦୀ ନଂ.–୬ ଆରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୭ ଭରତ ସାହୁ, ପିତା–ମାଧବ ସାହୁ। ପ୍ରତିବାଦୀ ନଂ.–୮ ଧୋବେଇ ସାହୁ, ପିତା–ସଦେଇ ସାହୁ। ପ୍ରତିବାଦୀ ନଂ.–୯ ଅଛୁତ ସାହୁ, ପିତା–ସଦେଇ ସାହୁ ।

ଉପରଲିଖିତ ପ୍ରତିବାଦୀ ନଂ.–୨ ଠାରୁ ୯ଙ୍କ ଠିକଣା– ଗ୍ରା–ଗାଡ଼କଣ, ପୋ–ମଞ୍ଚେଶ୍ୱର (ଆର୍.ସି), ଥାନା–ମଞ୍ଚେଶ୍ୱର, ଜିଲ୍ଲା–ଖୋର୍ଦ୍ଧା–୭୫୧୦୧୭, ଆପଣମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍–୩୯ ଗାଡ଼କଣ ମୌଜା ସାବକ ଖାତା ନଂ.–୮୫୬, ସାବକ ପ୍ଲଟ୍ ନଂ.–୧୫୮୯, ରକବା–ଏ୦.୩୪୦ଡିସିମିଲ ସ୍ୱଧରୁ– ଏ୦.୧୭୦ଡିସିମିଲ ସ୍ୱଧରୁ– ଏ.୦.୦୩୬.୭୩ ଡିସିମିଲ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.–୧୫୬୩, ହାଲ୍ ପ୍ଲଟ୍ ନଂ.–୪୪୨୯, ରେକର୍ଡ ରକବା– ଏ. ୦.୦୮୦ଡିସିମିଲ କିନ୍ତୁ ପ୍ରକୃତ ରକବା– ଏ.୦.୦୩୬.୭୩ ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୯।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ସମ୍ବାଦପତ୍ର ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ସ୍ଥାନ– ଭୁବନେଶ୍ୱର
ତାରିଖ–

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ କ୍ରମେ
ସ୍ୱା.– କୋର୍ଟ ଅଫିସର
ଧ–୨୭୨୩

ଭୁବନେଶ୍ୱର ମୁକାମ, ସିଭିଲ ଜଜ୍ ସିନିଅର ଡିଭିଜନ–୨, ଭୁବନେଶ୍ୱର।
ସି.ଏସ୍ ନମ୍ବର–୮୨୭/୨୦୧୪

ବିଜୟ କୁମାର ମହାକୁଡ ....ବାଦୀମାନେ
ବନାମ
କବିରାଜ ନାୟକ ଓଗେର ......ପ୍ରତିବାଦୀମାନେ

ନୋଟିସ
ଦେୱାନୀ କାର୍ଯ୍ୟବିଧି ଅର୍ଡର–୫, ରୁଲ୍–୨୦ ମତେ

୧. ସୁକାନ୍ତି ସେଠୀ, ବୟସ ୬୫ ବର୍ଷ, ସ୍ୱାମୀ–ମଧୁସୂଦନ ସେଠୀ, ଗ୍ରାମ–ତୁଳସୀଡ଼ିଅ, ଥାନା–ପଟ୍ଟାମୁଣ୍ଡାଇ, ଜିଲ୍ଲା–କେନ୍ଦ୍ରାପଡା, ବର୍ତ୍ତମାନ–ନୟାପଲ୍ଲୀ, ନୂଆସାହି, ପୋଷ୍ଟ/ଥାନା–ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା

ଉପରୋକ୍ତ ବାଦୀମାନେ ଆପଣଙ୍କ ବିରୁଦ୍ଧରେ ଏକ ସ୍ୱତ୍ୱସାବ୍ୟସ୍ତ, ହକ୍ ଘୋଷଣା ନାମା ଏବଂ ଦଲିଲ ରଦ୍ଦିକରଣ ଏବଂ ଚିରସ୍ଥାୟୀ ନିଷେଧ୍ୟଙ୍କ ମୋକଦ୍ଦମା ଆଗତ କରିଛନ୍ତି । ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି ଯେ ଧାର୍ଯ୍ୟ ତା୨୪।୦୨।୨୦୨୫ରେ ଦିବା ୧୦.୩୦ ସମୟେ ଆପଣ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଜବାବ ଦେବେ। ନଚେତ ମକଦ୍ଦମା ଏକତରଫା ବିଚାର କରାଯିବ।

ଅଦାଲତଙ୍କ ସହି ମୋହର କ୍ରମେ
ଅଦ୍ୟ ତା –୨୦୨୫
ସ୍ୱାକ୍ଷର ବରିଷ୍ଠ ସିଭିଲ ଜଜ୍
ଅଦାଲତ–୨, ଭୁବନେଶ୍ୱର

ତଫସିଲ ବୃତ୍ତି
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଜଟଣୀ, ମୌଜା–ଭାତଖୁରି, ଖାତା ନମ୍ବର–୨୫୫, ପ୍ଲଟ୍ ନମ୍ବର–୧୪୯, ଏରିଆ–ଏ୦.୬୩୫ଡି, ଅନୁରୂପ ବର୍ତ୍ତମାନ ବନ୍ଦୋବସ୍ତ ପ୍ଲଟ୍ ନମ୍ବର–୫୩୨ ଏବଂ ୫୩୪
ଧ–୭୫୫୯୨


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।


# ଆଜି ଦ୍ୱିତୀୟ ଅମୃତ ସ୍ନାନ
## ସଙ୍ଗମରେ ବୁଡ଼ ପକାଇବେ ୧୦ କୋଟି

**ନୂଆଦିଲ୍ଲୀ,୨୮।୧**

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ବୁଧବାର ମୌନି ଅମାବାସ୍ୟା ଅବସରରେ ଦ୍ୱିତୀୟ ଅମୃତ ସ୍ନାନ ପଡୁଥିବାରୁ ୧୦ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇବା ଆଶା କରାଯାଉଛି। ଏଥିପାଇଁ ମହାକୁମ୍ଭ ପରିଚାଳନା କର୍ତ୍ତୃପକ୍ଷ ବ୍ୟାପକ ପ୍ରସ୍ତୁତି କରିବା ସହ ଆଡଭାଇଜରି ଜାରି କରିଛନ୍ତି। ଭକ୍ତମାନେ ସୁରକ୍ଷା ନିୟମାବଳୀର ପାଳନ କରିବା ସହ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଛି। ତୀର୍ଥଯାତ୍ରୀମାନଙ୍କ ଯାତ୍ରାକୁ ସହଜ କରିବା ପାଇଁ ରେଲ୍‌ୱେ ପକ୍ଷରୁ ନିୟମିତ ୧୧୦ଟି ଟ୍ରେନ୍ ସହ ଅଧିକ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା ହୋଇଛି। ପ୍ରୟାଗରାଜରୁ ପ୍ରତି ୪ ମିନିଟ୍‌ରେ ଗୋଟିଏ ଟ୍ରେନ୍ ଉପଲବ୍ଧ ହେବ ବୋଲି ରେଲ୍‌ୱେ ବୋର୍ଡ ଅଧ୍ୟକ୍ଷ ତଥା ସିଇଓ ସତୀଶ କୁମାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭ ଦିନରେ ତ୍ରିବେଣୀ ସଙ୍ଗମରେ ୧୫ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି।

# କୋଠା ଭୁଶୁଡ଼ି ୫ ମୃତ

**ନୂଆଦିଲ୍ଲୀ,୨୮।୧**

ଉତ୍ତର ଦିଲ୍ଲୀର ବୁରାରି ଅଞ୍ଚଳରେ ସୋମବାର ରାତିରେ ଏକ ୪ ମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ୨ ନାବାଳିକାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି। ବିଲ୍ଡିଂ ମାଲିକ ଯୋଗେନ୍ଦ୍ର ଭଟି ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଓସ୍କାର ପବ୍ଲିକ୍ ସ୍କୁଲ୍ ନିକଟରେ ନବନିର୍ମିତ ବିଲ୍ଡିଂଟି ଭୁଶୁଡ଼ି ପଡ଼ିଥିଲା। ୧୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଭଗ୍ନାବଶେଷ ତଳୁ ୫ଟି ମୃତଦେହ ମିଳିଛି।

# ଏକ–ତୃତୀୟାଂଶ ଲୋକ ରିଅଲ ଟାଇମ୍ ପେମେଣ୍ଟ ଠକେଇର ଶିକାର

**ମୁମ୍ବାଇ, ୨୮।୧ (ପି.ଟି.)**

ଭାରତର ଏକ–ତୃତୀୟାଂଶରୁ ଅଧିକ ଲୋକ ଇନ୍‌ଷ୍ଟାଣ୍ଟ ପେମେଣ୍ଟ ସିଷ୍ଟମ ସହ ଜଡ଼ିତ ବିଭିନ୍ନ ଠକେଇର ଶିକାର ହୋଇ ଟଙ୍କା ହରାଉଛନ୍ତି। ଆମେରିକୀୟ ଡାଟା ଆନାଲିଟିକ୍ସ ସଫ୍ଟୱେର କମ୍ପାନୀ ଏଫ୍‌ଆଇସିଓ ପକ୍ଷରୁ ମଙ୍ଗଳବାର ଜାରି ଏକ ରିପୋର୍ଟରେ ଦେଶର ରିଅଲ ଟାଇମ ପେମେଣ୍ଟସ(ଆର୍‌ଟିପି) ଇକୋସିଷ୍ଟମରେ ଠକେଇ ବଢ଼ିଥିବା ନେଇ ଉଲ୍ଲେଖ ରହିଛି। ଏହି ସର୍ଭେରେ ଭାରତର ପ୍ରାୟ ୩୪% ଉତ୍ତରଦାତା ଏପରି କିଛି ବସ୍ତୁ, ସେବା, ନିବେଶ ପାଇଁ ଟଙ୍କା ଦେଇଛନ୍ତି, ଯାହାର ସୁବିଧା ସେମାନଙ୍କୁ କେବେ ମଧ୍ୟ ମିଳିନାହିଁ। ସେହିପରି ବିଭିନ୍ନ ସ୍କାମରଙ୍କଠାରୁ ସେମାନଙ୍କ ନିକଟକୁ କେବେ ନା କେବେ ମେସେଜ୍ ଆସିଥିବା ନେଇ ୬୦% ଉତ୍ତରଦାତା କହିଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ବନ୍ଧୁ କିମ୍ବା ପରିବାର ସଦସ୍ୟ ଇନ୍‌ଷ୍ଟାଣ୍ଟ ପେମେଣ୍ଟ ସିଷ୍ଟମ ସହ ଜଡ଼ିତ ଠକେଇର ଶିକାର ହୋଇଛନ୍ତି ବୋଲି ୫୪% ଉତ୍ତରଦାତା କହିଛନ୍ତି। ଏଫ୍‌ଆଇସିଓ ଏସିଆର ପରିଚାଳନା ନିର୍ଦ୍ଦେଶକ ଦତ୍ତୁ କୋମ୍ପେଲା କହିଛନ୍ତି, ୨୦୨୩ ଅପେକ୍ଷା ୨୦୨୪ରେ କମ୍ ସଂଖ୍ୟାରେ ଭାରତୀୟ ଆର୍‌ଟିପି ସହ ଜଡ଼ିତ ଠକାମିର ଶିକାର ହୋଇଛନ୍ତି। ଉତ୍ତରଦାତାଙ୍କ ମଧ୍ୟରୁ ୨୦୨୩ରେ ମାତ୍ର ୨% ବଡ଼ ଧରଣର ଠକେଇ (୮ ଲକ୍ଷ ଟଙ୍କାରୁ ଅଧିକ)ର ସମ୍ମୁଖୀନ ହୋଇଥିଲେ। ୨୦୨୪ରେ ଏହି ସଂଖ୍ୟା ୪%ରେ ପହଞ୍ଚିଛି। ସେହିପରି ୫୬% ଉତ୍ତରଦାତା ଛୋଟ ଧରଣର ଠକେଇ (୫୦ ହଜାର ଟଙ୍କାରୁ କମ୍)ର ଶିକାର ହୋଇଛନ୍ତି। ସମ୍ପ୍ରତି ଭାରତରେ ବ୍ୟବସାୟ, ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟସେବା ସମେତ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଆର୍‌ଟିପିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି ଓ ଆଗକୁ ଆହୁରି ବଢ଼ିବ ବୋଲି କୋମ୍ପେଲା କହିଛନ୍ତି।

**ଏଫ୍‌ଆଇସିଓ ସର୍ଭେ ରିପୋର୍ଟ**



ଉଦ୍‌ଘାଟନୀ ସମାରୋହ ପରେଡ୍ ସମୟରେ ଓଡ଼ିଶା ପକ୍ଷରୁ ପତାକାଧାରୀ ଶାନୱାଜ ଅହମଦ ଓ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।


ଜାତୀୟ କ୍ରୀଡ଼ା ଉଦ୍‌ଘାଟନୀ ଅବସରରେ ଓଡ଼ିଶା ପ୍ରତିନିଧି ଦଳ।



କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ।

# ଦେଶ ବିକାଶରେ କ୍ରୀଡ଼ା ଅପରିହାର୍ଯ୍ୟ: ପ୍ରଧାନମନ୍ତ୍ରୀ

## ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ

**ଡେରାଡୁନ, ୨୮।୧ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ୩୮ତମ ଜାତୀୟ କ୍ରୀଡ଼ାର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଉତ୍ତରାଖଣ୍ଡର ଧାର୍ମିକ ଐତିହ୍ୟ ଏବଂ ଜୈବବିବିଧତାକୁ ପ୍ରଦର୍ଶନ କରି ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ପ୍ରଧାନମନ୍ତ୍ରୀ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ଥଣ୍ଡା ପାଗ ସତ୍ତ୍ୱେ ୨୫,୦୦୦ ଆସନ ବିଶିଷ୍ଟ ଷ୍ଟାଡୟମ ଦର୍ଶକରେ ଭରପୂର ଥିଲା। ମୋଦି ପ୍ରଥମେ ଏକ ସୁସଜ୍ଜିତ ଗଲ୍ଫ କାର୍ଟ ଯୋଗେ ଷ୍ଟାଡିୟମ ପରିକ୍ରମା କରିବା ପରେ ତାଙ୍କୁ ଏକ ପାରମ୍ପରିକ ଟୋପି, ଶାଲ ଏବଂ ମାସ୍କଟ 'ମାଉଲି' ଓ ପଦକ ସମ୍ବଳିତ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉତ୍ତରାଖଣ୍ଡ ଗଭର୍ନର ଲ୍ୟୁଟନାଣ୍ଟ ଜେନେରାଲ ଗୁରମିତ ସିଂ, କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ ଏବଂ ଉତ୍ତରାଖଣ୍ଡ କ୍ରୀଡ଼ାମନ୍ତ୍ରୀ ରେଖା ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ମୁଖ୍ୟ କ୍ରିସ୍ ଜେନ୍‌କିନ୍ସ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଥ୍‌ଲେଟମାନଙ୍କୁ ସମ୍ବୋଧିତ କରି କହିଥିଲେ 'ଏହା ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅତି ସୁନ୍ଦର ନିଦର୍ଶନ। ଦେଶର ବିକାଶ କ୍ଷେତ୍ରରେ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଆମେ ବିଚାରକରୁ। ଆପଣମାନଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସହାୟତା ପ୍ରଦାନ ଲାଗି ଆମର ଉଦ୍ୟମ ଜାରି ରହିବ। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ହାସଲ କରିବା ଲାଗି ଚେଷ୍ଟା ଜାରି ରହିଛି। ଏହା ଭାରତୀୟ କ୍ରୀଡ଼ାକୁ ନୂତନ ଶିଖରରେ ପହଞ୍ଚାଇବ। ଯେତେବେଳେ ଅଲିମ୍ପିକ୍ସ ହେବ ସବୁ କ୍ଷେତ୍ରରେ ଉନ୍ନତି ଘଟିବ। ଏହା ଆଥ୍‌ଲେଟମାନଙ୍କ ଲାଗି ଉନ୍ନତ ସୁବିଧା ସୁଯୋଗ ସୃଷ୍ଟି କରିବ। ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟିର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଜାତୀୟ କ୍ରୀଡ଼ା ଆୟୋଜନ ଏକ ବିଶେଷ ଗୁରୁତ୍ୱ ବହନ କରେ। ୧୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଏବଂ ୩୮ଟି ଦଳର ଅଫିସିଆଲମାନେ ଅଂଶଗ୍ରହଣ କରିବେ। ଆଥ୍‌ଲେଟମାନେ ୩୨ଟି ଖେଳ ବିଭାଗରେ ୪୫୦ ସ୍ୱର୍ଣ୍ଣ ପଦକ ଏବଂ ସମାନ ସଂଖ୍ୟକ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଁ ମଇଦାନକୁ ଓହ୍ଲାଇବେ। ସଂଖ୍ୟା ଦୃଷ୍ଟିରୁ କହିବାକୁ ଗଲେ ଏହା ବିଶ୍ୱର ସର୍ବବୃହତ୍ ଜାତୀୟ କ୍ରୀଡ଼ା। ଏଥର ଗେମ୍‌ଗୁଡ଼ିକ ଉତ୍ତରାଖଣ୍ଡର ୭ଟି ସହରରେ ହେବ। ତନ୍ମଧ୍ୟରେ ଡେରାଡୁନ୍ ହେଉଛି ମୁଖ୍ୟ ଭେନ୍ୟୁ। ଫେବୃଆରୀ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟର ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ହରିଦ୍ୱାରା, ନୈନିତାଲ, ହଲ୍‌ଦୱାନି, ରୁଦ୍ରପୁର, ଶିବପୁର ଓ ନ୍ୟୁ ତେହରି।

ବିଭିନ୍ନ ରାଜ୍ୟର ପରେଡ ସମୟରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଶାନୱାଜ ଅହମଦ ପତାକାଧରି ଓଡ଼ିଶା ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଚିଫ୍ ଡି ମିଶନ ଅଶୋକ କୁମାର ସାହୁ ଓ ସହକାରୀ ଚିଫ୍ ଡି ମିଶନ କାଲୋଲ ମୁଖାର୍ଜୀ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ।

## ବୁମ୍‌ରା ଆଇସିସି କ୍ରିକେଟର ଅଫ୍ ଦି ଇୟର

**ଦୁବାଇ, ୨୮।୧ (ପି.ଟି.):** ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ମଙ୍ଗଳବାର ଆଇସିସି ପୁରୁଷ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଫଳରେ ସେ ସମ୍ମାନଜନକ ସାର୍ ଗାର୍‌ଫିଲ୍ଡ ସୋବର୍ସ ପୁରସ୍କାର ପାଇଛନ୍ତି। ୨୦୨୪ରେ କ୍ରିକେଟର ସମସ୍ତ ଫର୍ମାଟରେ ସେ ତାଙ୍କ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାରେ ସମର୍ଥ ହୋଇପାରିଛନ୍ତି। ୩୧ବର୍ଷୀୟ ଏହି ଖେଳାଳି ସୋମବାର ଆଇସିସିର ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଏବଂ ଗତ ସପ୍ତାହରେ ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇଥିଲେ। ବୁମ୍‌ରା ଭାରତ ପାଇଁ ସମସ୍ତ ଫର୍ମାଟରେ ପ୍ରମୁଖ ଖେଳାଳି ରହି ଆସିଛନ୍ତି।

## ଓଡ଼ିଶା ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୨୮।୧ (ବିଜୟ ରଣା):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ୍ସ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ) ୨୦୨୪-୨୫ର ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୦ ଗୋଲ୍‌ରେ ନୀତା ଫୁଟ୍‌ବଲ ଏକାଡେମୀକୁ ପରାସ୍ତ କରିଛି। ଏଲିଆନୋ ମାନ୍‌ବୋଲାମୋ ୫ମ ମିନିଟ୍‌ରେ ଏକ କର୍ନର କିକ୍‌କୁ ହେଡର ଜରିଆରେ ବିଜୟୀ ଦଳ ତରଫରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳଶେଷ ପୂର୍ବରୁ ୪୩ତମ ମିନିଟ୍‌ରେ ଲିଣ୍ଡା କମ୍ ଏକ ଗୋଲ ସ୍କୋର କରି ତାଙ୍କ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଚେଷ୍ଟା କରି ମଧ୍ୟ ଗୋଲ ସ୍କୋର କରିବାରେ ବିଫଳ ରହିଥିଲେ। ମଙ୍ଗଳବାର ଏହି ପରେ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ବାରାକପୋର୍ ଗସ୍ତ କରିବ। ଦଳ ସେଠାରେ ଫେବୃଆରୀ ୧ରେ ଶ୍ରୀଭୂମି ଏଫ୍‌ସି ସହିତ ମୁକାବିଲା କରିବ।

## ବାଙ୍କୁଆଳ ପ୍ରିମିୟର ଲିଗ୍: କେଶୁରା ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୨୮।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ଜଗବନ୍ଧୁ ମେମୋରିଆଲ ବାଙ୍କୁଆଳ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ଯାଆଁଳା କ୍ରିକେଟ୍ କ୍ଲବକୁ ହରାଇ କେଶୁରା ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଯାଆଁଳା ୧୭.୩ ଓଭରରେ ୧୩୩ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ କେଶୁରା ଦଳ ୯ ଉଇକେଟ ହରାଇ ଶେଷ ଓଭରରେ ମ୍ୟାଚ ଜିତିଥିଲା। କେଶୁରା ଦଳ ପକ୍ଷରୁ ଲୋକନାଥ ପାତ୍ର ୫ ଉଇକେଟ ସଫଳତା ପାଇବା ସହ ୩୫ରନ କରି ଅଲ୍‌ରାଉଣ୍ଡ ସଫଳତା ଅର୍ଜନ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଯାଆଁଳା ଦଳର ଅଭିମନ୍ୟୁ ସ୍ୱାଇଁ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନରଅପ୍ ଦଳକୁ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଏବଂ ଧଉଳି ମଣ୍ଡଳ ଭାଜପା ସଭାପତି ସୂର୍ଯ୍ୟ ରଞ୍ଜନ ସାହୁ, ସାମାଜିକ କର୍ମୀ ବିଜୟ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି କବିରାଜ ସ୍ୱାଇଁ, ସାମାଜିକ କର୍ମୀ କ୍ଷୀରୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭାଗବତ ମୁଖୀ, ଲକ୍ଷ୍ମୀଧର ପ୍ରଧାନ, ତ୍ରୈଲୋକ୍ୟ ସ୍ୱାଇଁ, ହାଡିବନ୍ଧୁ ସ୍ୱାଇଁ, ଅଭିମନ୍ୟୁ ସାମନ୍ତରାୟ, ଗିଲା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।


ଚାମ୍ପିୟନ କେଶୁରା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ବିଜୟ ସହ ଓଡ଼ିଶା ଖୋ ଖୋ ଦଳର ଅଭିଯାନ

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ା ଖୋ ଖୋ ଇଭେଣ୍ଟରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଉତ୍ତରାଖଣ୍ଡ ହଲ୍‌ଦୱାନିରେ ଖୋ ଖୋର ଉଦଘାଟନୀ ମ୍ୟାଚରେ ଓଡିଶା ପୁରୁଷ ଦଳ ଛତିଶଗଡକୁ ୪୩-୩୪ ବ୍ୟବଧାନରେ ପରାସ୍ତ କରିଛି। ସେହିପରି ମହିଳା ଦଳ ପ୍ରଥମ ମ୍ୟାଚରେ ତାମିଲନାଡୁକୁ ୩୬-୧୮ ପଏଣ୍ଟରେ ହରାଇ ଦେଇଛି। ପୁରୁଷ ବିଭାଗରେ ଭରତ କୁମାର ପ୍ରଧାନ ୨ମିନିଟ ୩୦ସେକେଣ୍ଡ ଏବଂ ଦେବେନ୍ଦ୍ର ନାଥ ଓ ସୁନୀଲ ପାତ୍ର ୨ମିନିଟ ଖେଳି ପାଳି ସମ୍ଭାଳିଥିବା ଥିବା ବେଳେ ଅଧିନାୟକ ଟି. ଜଗନ୍ନାଥ ଦାସ ୪ ପଏଣ୍ଟ ଆଣି ଦଳର ବିଜୟକୁ ସହଜ କରିଥିଲେ। ମିହିଳା ବିଭାଗରେ ଅନନ୍ୟା ପ୍ରଧାନ ୨ମିନିଟ ୩୦ସେକେଣ୍ଡ, ଶୁଭଶ୍ରୀ ସିଂ ୨ମିନିଟ ଓ ରୁପାଲୀ ପ୍ରଧାନ ୨ମିନିଟ ୨୦ସେକେଣ୍ଡ ଖେଳିଥିବାବେଳେ ମାଗାଇ ମାଝୀ ୭ ଓ ସ୍ମରଣିକା ସାହୁ ୪ ପଏଣ୍ଟ ହାସଲ କରି ଦଳକୁ ବିଜୟୀ କରିଥିଲେ। ପୁରୁଷ ଦଳର କୋଚ ସୂର୍ଯ୍ୟନାରାୟଣ ଜେନା ଓ ମହିଳା ଦଳର କୋଚ ଅନିଲ ଗଜଭେ ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ବିଜୟର ଆଶା ରଖିଛନ୍ତି।

## ଅମିତ୍ 'ମିଷ୍ଟର ଓଡ଼ିଶା ୨୦୨୫'

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ବାଲେଶ୍ୱର କୁରୁଡ଼ାଛକ ଏବିଏ କଲେଜ ପରିସରରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ୨ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୦ ଜିଲାରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିସହିତ ପୁରୁଷ ଫିଜିକ୍ ସ୍ପୋର୍ଟ୍ସରେ ୨ଟି ବିଭାଗ ଏବଂ ମହିଳା ଓ ମାଷ୍ଟର୍ସ ବର୍ଗରେ ଗୋଟିଏ ଲେଖାଏ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୫୫ କେଜିରୁ ୯୦ କେଜିରୁ ଅଧିକ ଓଜନ ବର୍ଗରେ ହୋଇଥିବା ପ୍ରତିଯୋଗିତାଗୁଡ଼ିକର ଫଳାଫଳକୁ ବିଚାରକୁ ନିଆଯାଇ ଭୁବନେଶ୍ୱରର ଅମିତ କୁମାର ଭୂୟାଁ 'ମିଷ୍ଟର ଓଡ଼ିଶା-୨୦୨୫' ବିବେଚିତ ହୋଇଥିଲେ। ଏହା ହେଉଛି ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସର୍ବୋଚ୍ଚ ଉପାଧି।

୫୫ କେଜିରେ ଲିପୁ ବେହେରା, ପ୍ରବୀର ବେହେରା ଓ ମୁକେଶ କୁମାର ଦାସ, ୬୦ କେଜି ଓଜନ ବର୍ଗରେ ରାକେଶ ବାଗ, ନାରାୟଣ ନାୟକ ଓ ଆକାଶ ପାତ୍ର, ୬୫ କେଜି ବର୍ଗରେ ଶେକ୍ ଜାଇନୁଲ, ସଞ୍ଜିତ ବେହେରା ଓ ରଶ୍ମି ରଞ୍ଜନ ଲେଙ୍କା, ୭୦ କେଜିରେ ବଲାଲ ଖାଁ, ରଞ୍ଜନ ନାୟକ ଓ ସଞ୍ଜୀବ ମହାପାତ୍ର, ୭୫ କେଜିରେ ଅମିତ କୁମାର ଭୂୟାଁ, ଗୌରବ ପାତ୍ର-ଅଭିଷେକ ଦାଶ (ଯୁଗ୍ମ ଦ୍ୱିତୀୟ) ଓ ବଳରାମ ଲେଙ୍କା, ୮୦ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ଶୁଭମ୍ ମିଶ୍ର, ପାର୍ଥ ସାରଥି ଜେନା ଓ ସଞ୍ଜୟ କୁମାର ଜେନା, ୮୫ କେଜିରେ ଜିତେନ୍ଦ୍ର କୁମାର ପଲାଇ, ରଞ୍ଜନ ଚୌଧୁରୀ ଓ ବାପୁନ ବେହେରା, ୯୦ କେଜି ଓଜନ ବର୍ଗରେ ସଞ୍ଜୟ ବାନାର୍ଜୀ, ବିଦିପ୍ତ ପ୍ରସନ୍ନ ନାୟକ ଓ ଦୀପକ କୁମାର ବେହେରା, ୯୦ କେଜିରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସ୍ମୃତି ରଞ୍ଜନ ସାମଲ, ଗୁଣ୍ଡେଲ ମହାକୁଡ଼ ଓ ରାମଚନ୍ଦ୍ର ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୬୫ ସେମି ଉଚ୍ଚତା ବର୍ଗରେ ହେମନ୍ତ କୁମାର ଭୋଇ ଏବଂ ତା'ଠାରୁ ଅଧିକ ଉଚ୍ଚତା ବର୍ଗରେ ଶୁଭଙ୍କର ରାଉତ ପ୍ରଥମ ହୋଇଥିଲେ। ତେବେ ଦୁଇ ବିଭାଗର ଟାଇଟଲ ଲଢ଼େଇରେ ଶୁଭଙ୍କର ଚାମ୍ପିୟନ ହୋଇଥିଲେ। ମହିଳା ବର୍ଗରେ ଅନୁପମା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବିଧାୟକ ମାନସ ଦତ୍ତ, ଏବିଏ କଲେଜ ଚେୟାରମ୍ୟାନ ସୁଧା ସିନ୍ଧୁ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ପୀୟୂଷ ମୋରେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ବାଲେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ବସନ୍ତ କୁମାର ମହାନ୍ତି, ସମ୍ପାଦକ ତରୁଣ କୁମାର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଓ ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ମିଷ୍ଟର ଓଡ଼ିଶା ପ୍ରତିଯୋଗିତାର ଉଦ୍‌ଯାପନୀରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## ଫାୟାର ଆର୍ମ କ୍ୟାମ୍ପରେ ୨୮ କୃତକାର୍ଯ୍ୟ

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ପିସ୍ତଲ ଓ ରାଇଫଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ୨୮ ପ୍ରଶିକ୍ଷାର୍ଥୀ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। କ୍ୟାମ୍ପରେ ବଳଭଦ୍ର ଦାସ ଓ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ବନ୍ଧୁକର ରକ୍ଷଣାବେକ୍ଷଣ, ସୁରକ୍ଷା ଜ୍ଞାନ, ଆଇନଗତ ତଥ୍ୟ ସହ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ହୋଇଥିବା ଶୁଟରମାନେ ହେଲେ ଲକ୍ଷ୍ମଣ ବାଗ, ଶ୍ରୀବର୍ଦ୍ଧନ ସିଂଦେଓ, ବିଶ୍ୱଜିତ ସ୍ୱାଇଁ, ନଚିକେତା ସ୍ୱାଇଁ, କେ. ସତୀଶ କୁମାର ସୁବୁଦ୍ଧି, ବି. ଲକ୍ଷ୍ମୀ ନାରାୟଣ ଡୋରା, ଗୋପାଳ କୃଷ୍ଣ ପ୍ରଧାନ, ବିଶାଳ ଶର୍ମା, ପଞ୍ଚାନନ ବେହେରା, ପ୍ରତୟ କୁମାର ମହାନ୍ତି, ପ୍ରମୋଦ କୁମାର ନନ୍ଦ, ଆଶିଷ କୁମାର ମହାନ୍ତି, ତରୁଣ କୁମାର ବେହେରା, ତ୍ରିନାଥ ରାଣା, ଶାନ୍ତନୁ କୁମାର ବେହେରା, ରବୀନ୍ଦ୍ର ମହାପାତ୍ର, ପ୍ରଭାତ କୁମାର ବେହେରା, ଦେବୀଦତ୍ତ ବିଶ୍ୱାଳ, ଅଭିଷେକ ପ୍ରଧାନ, ତିରୁପତି ପଟେଲ, ସୁଶୀଲ ନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ, ମୁକେଶ କୁମାର, ବ୍ରିନେଶ ଶୋନି, ସିଦ୍ଧାର୍ଥ ଶଙ୍କର ମିଶ୍ର, ପ୍ରେମସାଗର ଭୋଇ, କାହ୍ନୁ କିଶୋର ସାହୁ ଓ ସନ୍ତୋଷ କୁମାର।


ଫାୟାର ଆର୍ମ କ୍ୟାମ୍ପରେ କୃତିତ୍ୱ ଅର୍ଜନ କରିଥିବା ଶୁଟରମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ଫୁଲ ଚାଷ କରୁଥିଲେ...

ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



# ଡାଲି ଜାତୀୟ ଫସଲ

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଚାଷ କରନ୍ତୁ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି : ମୁଗ କିସମ – ଆଇପିଏମ୍–୦୨–୧୪ (୬୫ ଦିନ), ଆଇପିଏମ୍–୦୨–୩ (୬୫ ଦିନ), ପିଡିଏମ୍–୧୧ (୬୫ ଦିନ), ପିଡିଏମ୍–୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ–୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ), ପିୟୁ–୩୧ (୭୦ ଦିନ), ପିୟୁ–୩୦ (୬୫ ରୁ ୭୦ ଦିନ), ପିୟୁ–୩୫ (୬୫ ରୁ ୭୦ ଦିନ), ପିୟୁ–୧୯(୬୫ ରୁ ୭୦ ଦିନ)। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।



# ଜୀବ ମଙ୍ଗଳ



ଡା. ବୀର କିଶୋର ପରିଡ଼ା

"ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମଣିଷ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜାକରିଥାନ୍ତି । ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ- ନିମ୍ନଲିଖିତ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ। ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟ ଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା ।"

ଚଳିତ ମାସ ୧୪ରୁ ୩୦ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ 'ଜୀବମଙ୍ଗଳ ପକ୍ଷ' ପାଳିତ ହେଉଅଛି । ଏହି ଜୀବମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା– 'କଥା କହିପାରୁ ନ ଥିବା ମୂକ ଜୀବ ପ୍ରତି ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପୋଷଣକରିବା ସହ ପ୍ରାଣୀଙ୍କଠାରେ ଅନାବଶ୍ୟକ କଷ୍ଟ ଓ ଯନ୍ତ୍ରଣା ବାରଣ କରିବା ନିମନ୍ତେ ପ୍ରାଣୀଙ୍କ ପ୍ରତି ମନୁଷ୍ୟଙ୍କ ଚିକିତ୍ସାର ଆବଶ୍ୟକତା ଉପରେ ଜନସଚେତନତା ସୃଷ୍ଟିକରିବା'। ଏହି ପକ୍ଷ ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଜନସଚେତନତା ସହ ବିଭିନ୍ନ ଜୀବକଲ୍ୟାଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଆମେ ସମସ୍ତେ ଏହି ଜୀବଜନ୍ତୁମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କ ଖାଦ୍ୟପେୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ନିମନ୍ତେ ସଚେତନ ହେଲେ ଜୀବମଙ୍ଗଳ ପକ୍ଷର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ଏହି ଜୀବ କଲ୍ୟାଣ କାର୍ଯ୍ୟକ୍ରମ ମୁଖ୍ୟତଃ ୨ଟି ବିଷୟ ଉପରେ ଆଧାରିତ। ପ୍ରଥମଟି ହେଲା– ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ ଏବଂ ଦ୍ୱିତୀୟଟି ହେଲା– ଜୀବ ପ୍ରତି ନିଷ୍ଠୁରତା ପରିହାର।

ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମଣିଷ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜାକରିଥାନ୍ତି । ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ– ନିମ୍ନଲିଖିତ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ। ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପ୍ରାଣୀଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟ ଦେବା, ପ୍ରାଣୀଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପ୍ରାଣୀଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପ୍ରାଣୀଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ପକ୍ଷୀ ବା କୁକୁଡ଼ା ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ସାଇକେଲ ବା ବାଇକ୍‌ରେ ନେବା, ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଗୋରୁ, ଛେଳି,ମେଣ୍ଢା ପରିବହନ କରିବା (ଗୋରୁ ୬ଟି, ମଇଁଷି ୫ଟି, ଛେଳି,ମେଣ୍ଢା ୪୦ଟିରୁ ଅଧିକ ନୁହେଁ), ଅଧିକ ଦୁଗ୍ଧ ପାଇବା ଆଶାରେ ଜନନେନ୍ଦ୍ରିୟ ଫୁଙ୍କା ବ୍ୟବହାର ବା ଅକ୍ସିଟୋସିନ୍ ଇଞ୍ଜେକ୍‌ସନ ପ୍ରଦାନ, ବୁଲା କୁକୁରଙ୍କୁ ଇଞ୍ଜେକ୍‌ସନ ଦେଇ ମାରିବା, ଯନ୍ତ୍ରଣାଦାୟକ ଓ ବହୁସଂଖ୍ୟାରେ ପ୍ରାଣୀଙ୍କ ମୃତ୍ୟୁ, ଚଳଚ୍ଚିତ୍ର ଓ ସର୍କସ ସମୟରେ ପଶୁପକ୍ଷୀଙ୍କ ପ୍ରତି ଯନ୍ତ୍ରଣା ପ୍ରଦର୍ଶନ ଇତ୍ୟାଦି । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ–୧୯୬୦ ଆକ୍ଟ–୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । ଅନ୍ୟପକ୍ଷରେ ବଳି ପ୍ରଥା ବନ୍ଦହେବା ପରେ ଅଂସଖ୍ୟ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରାଯାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି କରାଯାଇପାରିଛି।

ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନର ବ୍ୟବସ୍ଥା ଅଛି। ସେଗୁଡ଼ିକ ହେଲା–ଭାରତୀୟ ସମ୍ବିଧାନ; ଭାରତୀୟ ପିଙ୍ଗଳ କୋଡ୍–୧୮୨୦ ; କ୍ରିମିନାଲ ପ୍ରସେଡିଓର କୋଡ୍–୧୯୭୩; ଜୀବେ ନିଷ୍ଠୁରତା ନିରୋଧ ଆକ୍ଟ–୧୯୬୦, ବନ୍ୟଜନ୍ତୁ ସୁରକ୍ଷା ଆକ୍ଟ–୧୯୭୨ ; ପୋଲିସ ଆକ୍ଟସ୍; ମ୍ୟୁନିସିପାଲ କର୍ପୋରେଶନ ଆକ୍ଟସ୍; ଗୋବଧ ଆଇନ ୨୦୦୧ ; ବୁଲା କୁକୁରଙ୍କ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର–୨୦୦୧ ଇତ୍ୟାଦି। ଭାରତୀୟ ପିଙ୍ଗଳ କୋଡ୍–୧୮୬୦ ଅଧୀନରେ ଧାରା–୨୮୯,ଧାରା–୪୨୮ ଓ ଧାରା–୪୨୯ରେ ପଶୁପକ୍ଷୀଙ୍କ ପ୍ରତି ବ୍ୟଭିଚାର, ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କୁ ମାରିବା ବା ଛୋଟା କରିବା ବିରୋଧରେ ଆଇନର ବ୍ୟବସ୍ଥା ରହିଛି। ଆଇନ ବା ନିୟମ ପରିସର ମଧ୍ୟରେ ପରିବହନ ବା ସ୍ଥାନାନ୍ତର ହେଉଥିବା ପ୍ରାଣୀ, କଂସେଇଖାନା, ପୋଷା ପ୍ରାଣୀ ଓ ବୁଲାକୁକୁର, ବନ୍ୟଜନ୍ତୁ ସୁରକ୍ଷା, ବନ୍ୟଜନ୍ତୁ ଶିକାର, ସର୍କସ, ଚିଡ଼ିଆଖାନା ଓ ଚଳଚ୍ଚିତ୍ରରେ ବ୍ୟବହୃତ ପ୍ରାଣୀ, ଗବେଷଣାଗାରର ପରୀକ୍ଷା ପାଇଁ ବ୍ୟବହୃତ ପ୍ରାଣୀ, ଗୋ–ସୁରକ୍ଷା ଇତ୍ୟାଦି ଅନ୍ତର୍ଭୁକ୍ତ। ଆମ ରାଜ୍ୟ ସରକାରଙ୍କ ତରଫରୁ ଜୀବେଦୟା ଓ ଜୀବେ ନିଷ୍ଠୁରତା ପରିହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସହ ଜନସଚେତନତା ସୃଷ୍ଟି ପାଇଁ ୧୯୩୬ ମସିହାରେ 'ରାଜ୍ୟ ଜୀବେ ନିଷ୍ଠୁରତା ସମିତି' ବା ଷ୍ଟେଟ୍ ଏସ୍‌ପିସିଏ ଗଠନ କରାଯାଇଛି। ବର୍ତ୍ତମାନ ଆମ ରାଜ୍ୟରେ ରାଜ୍ୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ପ୍ରାଣୀମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଚଳିତ ବର୍ଷ ୨୦୨୪–୨୫ରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ କେତୋଟି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସେସବୁ ଯୋଜନା ହେଲା–

➤ବୃଦ୍ଧ,ଅସୁସ୍ଥ,ଅକର୍ମଣ୍ୟ ଓ ମାଲିକବିହୀନ ଅସହାୟ ଗୋରୁମାନଙ୍କର ଯତ୍ନ ଓ ପରିଚାଳନାଗତ ଥଇଥାନ ପାଇଁ ସରକାରୀ କିମ୍ବା ବେସରକାରୀ ଗୋଶାଳାକୁ ଆର୍ଥିକ ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଉକ୍ତ ଯୋଜନାରେ ବୟସ୍କ ଗୋରୁ ପ୍ରତି ବର୍ଷକୁ ୨୦ହଜାର ଟଙ୍କା ହିସାବରେ ଗୋଶାଳା ପ୍ରତି ସର୍ବାଧିକ ୫୦୦ଟି ବୟସ୍କ ଗୋରୁଙ୍କ ଭରଣପୋଷଣ ବାବଦରେ ୧କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

➤ଭର୍ମି କମ୍ପୋଷ୍ଟ ଗୋଧନ କେନ୍ଦ୍ର ସ୍ଥାପନ (ଜିଆଖତ ଉତ୍ପାଦନ) କାର୍ଯ୍ୟକ୍ରମରେ ଗୋଶାଳା, ଗୋପାଳକ, ଦୁଗ୍ଧ ସମବାୟ ସମିତି ଅନ୍ତର୍ଭୁକ୍ତ ହୋଇପାରିବେ । ଉକ୍ତ ଯୋଜନାରେ ୫୦ ପ୍ରତିଶତ ହାରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଯୋଜନାରେ ୮ରୁ ୨୪ଟି ଭର୍ମି କମ୍ପୋଷ୍ଟ ପିଟ୍ କରାଯାଇପାରିବ । ଏଥିପାଇଁ ଉପରୋକ୍ତ ଅନୁସାରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ ।

➤ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଯୋଜନା ରହିଛି। ବୃଦ୍ଧ, ଅସୁସ୍ଥ, ଅକମଣ୍ୟ ଏବଂ ମାଲିକବିହୀନ ଅସହାୟ ଗୋରୁଙ୍କୁ ଆଶ୍ରୟ ଦେବା ପାଇଁ ରାଜ୍ୟରେ ନୂତନ ଗୋଶାଳା ପ୍ରତିଷ୍ଠା କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ପ୍ରାଣୀ କଲ୍ୟାଣରେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତି କମ୍‌ରେ ୧ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ଏହି ଯୋଜନାରେ ୧ ଏକର ଜମିରେ ୫୦ଟି ଗୋରୁ ପାଇଁ ୧୬ଲକ୍ଷ, ୨ ଏକର ଜମିରେ ୧୦୦ଟି ଗୋରୁ ପାଇଁ ୩୬ ଲକ୍ଷ ଏବଂ ୩ ଏକର ଜମିରେ ୧୫୦ଟି ଗୋରୁ ପାଇଁ ୫୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ସମୁଦାୟ ସହାୟତା ରାଶି ଗୋଶାଳା ନିର୍ମାଣ ସରିବା ପରେ ୪ଟି କିସ୍ତିରେ ପ୍ରଦାନ କରାଯିବ। ଏଥିପାଇଁ ଉପରୋକ୍ତ ଅନୁସାରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ ।

➤ ବୁଲା ଓ ଅସହାୟ ଗୋରୁ ଏବଂ କୁକୁରମାନଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆନିମଲ ହେଲ୍‌ପ ଲାଇନ ସେବା (୧୯୬୨) କାର୍ଯ୍ୟକାରୀ ହେଉଛି । ଦୁର୍ଘଟଣାରେ ଆଘାତପ୍ରାପ୍ତ କିମ୍ବା ରୋଗାକ୍ରାନ୍ତ ବୁଲା ପ୍ରାଣୀମାନଙ୍କୁ ଆଶୁ ଚିକିତ୍ସା ସେବା ଯୋଗାଇଦେବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ।

➤ପ୍ରାଣୀପାଳକମାନେ ୧୯୬୨ କିମ୍ବା ୧୫୫୩୩୩ ଟୋଲ୍‌ଫ୍ରି ନମ୍ବରକୁ ଫୋନକରି ପ୍ରାଣୀ ଚିକିତ୍ସା, ପ୍ରାଣୀ ପାଳନ, ପ୍ରାଥମିକ ପ୍ରାଣୀ ଚିକିତ୍ସା, ଟିକାକରଣ ଆଦି ସମସ୍ତ ପରାମର୍ଶ ପ୍ରାଣୀ ବିଶେଷଜ୍ଞମାନଙ୍କ ଠାରୁ ପାଇପାରିବେ ।



–ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ଭାକୁର ମାଛଙ୍କୁ ଆଖିରୋଗ ହେଲେ...

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫–୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩–୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ। ୧ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ।



# ରାଶିର ଉନ୍ନତ କିସମ

ଜାନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତକଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୯/୨୦୨୫ Bhubaneswar, Wednesday, January 29/ 2025




# ଇଂଲଣ୍ଡ ଜିତିଲା ତୃତୀୟ ଟି୨୦

**ରାଜକୋଟ, ୨୮।୧**

ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୨୬ ରନରେ ଭାରତକୁ ପରାସ୍ତ କରିଛି। ଇଂଲଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନରେ ସୀମିତ ରହିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା (୪୦ ରନ) ଓ ଅଭିଷେକ ଶର୍ମା (୨୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଇଂଲଣ୍ଡ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଜେମି ଓଭର୍ଟନ ୩ଟି, ଜୋଫ୍ରା ଆର୍ଚର ଓ ବ୍ରେଡନ କାର୍ସଟି ଲେଖାଏ ଏବଂ ମାର୍କ ଉଡ୍ ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ୨ଟି ଟି୨୦ ଭାରତ ଜିତିଥିଲା।


ବିଜୟ ପରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି।

## ବରୁଣଙ୍କୁ ୫ ଉଇକେଟ

ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡ ମାତ୍ର ୭ ରନରେ ଓପନର ଫିଲ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବେନ୍ ଡକେଟ ଓ ଅଧିନାୟକ ଜୋସ ବଟଲର ଦ୍ୱିତୀୟ ଉଇକେଟରେ ୪୫ ବଲ୍‌ରୁ ୭୬ ରନ ଯୋଗକରି ଦଳପାଇଁ ଭଲ ଭିତ୍ତି ପକାଇଥିଲେ। ବଟଲର ୨୪ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଡକେଟ। ସେ ୨୮ଟି ବଲ୍‌ର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ପରେ ଲିଆମ ଲିଭିଂଷ୍ଟୋନ ୨୪ ବଲ୍‌ରୁ ୧ ଚୌକା ଓ ୫ ଛକା ସହାୟତାରେ ୪୩ ରନକରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ସମ୍ପ୍ରତି ଚମତ୍କାର ଫର୍ମରେ ଥିବା ଭାରତ ସ୍ପିନର ବରୁଣ ଚକ୍ରବର୍ତ୍ତୀ କ୍ୟାରିୟରରେ ଦ୍ୱିତୀୟ ଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ସେ ୪ ଓଭରରେ ମାତ୍ର ୨୪ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ କିନ୍ତୁ ମହମ୍ମଦ ଶାମିଙ୍କୁ ଖାଲି ହାତରେ ରହିବାକୁ ପଡ଼ିଛି। ସେ ଭାରତ ପକ୍ଷରୁ ବୋଲିଂ ଓପନ କରି ୩ ଓଭରରେ ୨୫ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୭୧/୯ (ବେନ୍ ଡକେଟ-୫୧, ଲିଆମ ଲିଭିଂଷ୍ଟୋନ-୪୩, ଜୋସ ବଟଲର-୨୪, ବରୁଣ ଚକ୍ରବର୍ତ୍ତୀ-୫/୨୪, ହାର୍ଦ୍ଦିକ ପାଣ୍ଡ୍ୟା-୨/୩୩, ରବି ବିଷ୍ଣୋଇ-୧/୪୬, ଅକ୍ଷର ପଟେଲ-୧/୧୯)। ଭାରତ ୨୦ ଓଭରରେ ୧୪୫/୯ (ହାର୍ଦ୍ଦିକ ପାଣ୍ଡ୍ୟା-୪୦, ଅଭିଷେକ ଶର୍ମା-୨୪, ଜେମି ଓଭର୍ଟନ-୩/୨୩, ବ୍ରେଡନ କାର୍ସ-୨/୨୯, ଜୋଫ୍ରା ଆର୍ଚର-୨/୩୩, ମାର୍କ ଉଡ୍-୧/୨୯, ଆଦିଲ ରଶିଦ-୧/୧୫)।

# ଶୁଟ୍ ଆଉଟରେ ଜିତିଲା ଗୋନାସିକା

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଗୋନାସିକା ଶୁଟ୍‌ଆଉଟ ୩-୧ ଗୋଲରେ ହାଇଦ୍ରାବାଦ ତୋଫାନ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ସ୍ଥିତିରେ ବରାବର ରହିଥିଲା। ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ଜ୍ୟାକବ ଆଣ୍ଡରସନ ୧ମ, ଟିମ୍ ବ୍ରାଣ୍ଡ ୬ଷ୍ଠ ଓ ଅମନଦୀପ ଲାକ୍ରା ୨୫ତମ ମିନିଟରେ ଗୋଟିଏ ଲେଖାଏ

**ହକି ଇଣ୍ଡିଆ ଲିଗ୍**

ଗୋଲ ଦେଇଥିଲେ। ଗୋନାସିକା ପକ୍ଷରୁ ଭିକ୍ଟର ଚାର୍ଲେଟ ୧୨, ଅରାଇଜିତ ସିଂ ହୁଣ୍ଡାଲ ୨୪ ଓ ଭିକ୍ଟର ଚାର୍ଲେଟ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଗୋନାସିକା ପକ୍ଷରୁ କ୍ଲିମେଣ୍ଟ ଟିମୋଥି, ମର୍ଟନ ଲୀ ଓ ଜ୍ୟାକ ୱାଲର ଗୋଲ ଦେଇଥିବାବେଳେ ହାଇଦ୍ରାବାଦର କେବଳ ଦେବିନ୍ଦର ବାଲ୍ମିକୀ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ଶୁଟ୍ ଆଉଟ ବିଜୟ ସହ ଗୋନାସିକାର ଅଭିଯାନ ଶେଷ ହୋଇଛି। ଏହି ଦଳ ୧୦ ମ୍ୟାଚରୁ ୧୨ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ଦଳ ୧୦ ମ୍ୟାଚରୁ ୧୮ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟରେ ରହିଛି।


ଗୋଲ୍ ସ୍କୋର ପରେ ଅରାଇଜିତ ସିଂ ହୁଣ୍ଡାଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ